

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୨ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 22 SEPTEMBER 2021

Vol.No. 32 ■ No. 243 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ତାଲିବାନର ସର୍ବୋଚ୍ଚ ନେତାଙ୍କୁ ହତ୍ୟା, ଉପ-ପ୍ରଧାନମନ୍ତ୍ରୀ ବନ୍ଦୀ !

## ବ୍ରିଟେନ ମାଗାଜିନ୍ ଦେଲା ସାଂଘାତିକ ତଥ୍ୟ

ନୂଆଦିଲ୍ଲୀ,୨୧/୦୯: ଆଫଗାନିସ୍ତାନକୁ ତାଲିବାନ ଦଖଲ କରିଛି ସତ କିନ୍ତୁ ଏବେ ଭୟଙ୍କର ସଙ୍କଟ ଦେଇ ଗତି କରୁଛି ତାଲିବାନ । ଏପରିକି ଆଫଗାନିସ୍ତାନକୁ ଏବେ ତାଲିବାନ ନୁହେଁ ବରଂ ପାକିସ୍ତାନ ନିୟନ୍ତ୍ରଣ କରୁଥିବା କୁହାଯାଉଛି । କାରଣ ତାଲିବାନ ମୁଖ୍ୟ ତଥା ତାଲିବାନର ସର୍ବୋଚ୍ଚ ନେତା ହୈବତୁଲ୍ଲା ଅଖୁନ୍ଦଜାଦାର ମୃତ୍ୟୁ ହୋଇଥିବା କୁହାଯାଉଛି । ତାଲିବାନର ଉପ ପ୍ରଧାନମନ୍ତ୍ରୀ ମୁଲ୍ଲା ବରାଦର ପାକିସ୍ତାନ କବଜାରେ ଥିବା ଜଣାପଡ଼ିଛି । ବରାଦରଙ୍କୁ କାନ୍ଦାହାରରେ ବନ୍ଦୀ କରି ରଖାଯାଇଥିବା କୁହାଯାଉଛି । ବରାଦର ଗୁରୁତର ହୋଇଥିବା ଖବର ପ୍ରଚାରିତ ହୋଇଥିଲା । ଏହାକୁ ଗୁଜବ ପ୍ରମାଣିତ କରିବାକୁ ଯାଇ ତାଙ୍କର ଏକ ଭିଡିଓ ପ୍ରସାରିତ କରାଯାଇଥିଲା । ଏହା ପରଠାରୁ ତାଙ୍କୁ ଆଉ ଦେଖିବାକୁ ମିଳୁନାହିଁ । ସରକାର ଗଠନ ନେଇ






କାନ୍ଦାହାରରେ ଆଲୋଚନା ଚାଲିଥିବା ବେଳେ ବରାଦର ଓ ହକ୍କାନୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା । କଥାବାର୍ତ୍ତା ବେଳେ ହକ୍କାନୀ ଗୋଷ୍ଠୀର ନେତା ଖଲିଲୁର ରେହମାନ୍ ବରାଦରଙ୍କୁ ଆକ୍ରମଣ କରିଥିବା କୁହାଯାଉଛି । ଏହା ପରେ ଉଭୟ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ଏହା ପରେ ବରାଦରଙ୍କୁ ବନ୍ଦୀ କରାଯାଇଥିବା ଚର୍ଚ୍ଚା ହେଉଛି । ସେପଟେ ତାଲିବାନ ମୁଖ୍ୟ ହୈବତୁଲ୍ଲା ଅଖୁନ୍ଦଜାଦା ଏବେ ନିଖୋଜ । ତାଙ୍କୁ ଦେଶର ସର୍ବୋଚ୍ଚ ଆଧ୍ୟାତ୍ମିକ ନେତା ଘୋଷଣା କରାଯାଇଥିଲା । ହେଲେ ତାଙ୍କର କୌଣସି ଖୋଜଖବର ନାହିଁ । ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ଅଖୁନ୍ଦଜାଦାଙ୍କ ଖୋଜଖବର ନାହିଁ, ବରାଦର କାନ୍ଦାହାରରେ ବନ୍ଦୀ, ଏପରି ସ୍ଥଳେ ତାଲିବାନ ଏବେ ମୁରବୀହୀନ । ଆଫଗାନିସ୍ତାନରୁ ଆମେରିକା ସେନା ହଟାଇ ନେବା ପରେ ତାଲିବାନ ନେତାମାନେ କ୍ଷମତା ଦଖଲ କରିଥିଲେ । ବିଭିନ୍ନ ପର୍ଯ୍ୟାୟର ଆଲୋଚନା ପରେ ସରକାର ଗଠନ ମଧ୍ୟ ଘୋଷଣା ହୋଇଥିଲା । ହେଲେ ସରକାର ଗଠନକୁ ନେଇ ତାଲିବାନ ଭିତରେ ଗୋଷ୍ଠୀ ବିବାଦ ଉଗ୍ର ରୂପ ଧାରଣ କରିଛି । ଏହି ଗୋଷ୍ଠୀ ସଂଘର୍ଷ ସମୟରେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାର ମୁଖ୍ୟ ଫେ?ଜ ହମିଦ୍ କାବୁଲରେ ଥିଲେ । ସେ ହସ୍ତକ୍ଷେପ କରି ହକ୍କାନୀ ଗୋଷ୍ଠୀକୁ ସମର୍ଥନ ଜଣାଇଥିଲେ । ସୂଚନାଯୋଗ୍ୟ ଯେ ବରାଦର ୮ ବର୍ଷ ଧରି ପାକିସ୍ତାନ ଜେଲରେ ଥିଲେ । ଦୋହା ଆଲୋଚନାରେ ତାଲିବାନର ପ୍ରତିନିଧିତ୍ୱ କରିବା ଲାଗି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଟ୍ରମ୍ପଙ୍କ ▶▶ପୃଷ୍ଠା ୭

# ଚାକିରି ମିଳିବା ପର୍ଯ୍ୟନ୍ତ ବେକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା ଓ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି

ନୂଆଦିଲ୍ଲୀ,୨୧/୦୯: ଗୋଆରେ ବିଧାନସଭା ନିର୍ବାଚନ ପୂର୍ବରୁ ବଡ ଘୋଷଣା କରିଛନ୍ତି ଆମ୍ ଆଦମୀ ପାର୍ଟି ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ଗୋଆରେ ଆପ୍ ସରକାର ଗଢିଲେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ ଯୋଗାଇ ଦିଆଯିବ । ଏହାସହ ପ୍ରତ୍ୟେକ ଘରୁ ଜଣେ ବେରୋଜଗାର ବ୍ୟକ୍ତି ରୋଜଗାର ଦିଆଯିବ ଓ ଚାକିରି ଖୋଜୁଥିବା ବେରୋଜଗାରୀ ବ୍ୟକ୍ତିଙ୍କୁ ଚାକିରି ନ ମିଳିବା ଯାଏଁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ଭତ୍ତା ମିଳିବ । ଆସନ୍ତାବର୍ଷ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବ, ଯେଉଁଥିରେ ଗୋଆ ମଧ୍ୟ ରହିଛି । ଆଉ ସବୁଠୁ ବଡ କଥା ହେଲା ଗୋଆକୁ ନେଇ ବେଶ ଆଶାବାଦୀ ଅଛନ୍ତି କେଜ୍ରିୱାଲ । ବିଜେପି ଓ କଂଗ୍ରେସକୁ ଟକ୍କର



ଦେବାକୁ କେଜ୍ରିୱାଲ ଗୋଆ ପାଇଁ ବଡ ଘୋଷଣା କରୁଛନ୍ତି । ଯାହାଦ୍ୱାରା ଭୋଟରଙ୍କ ଭରସା ଜିତିପାରିବ ଆପ୍ । କେଜ୍ରିୱାଲ ଗୋଆବାସୀଙ୍କୁ ପ୍ରତିଶ୍ରୁତି ଦେବା ସହ କହିଛନ୍ତି, ଗୋଆରେ ଆପ୍ ସରକାର ଆସିଲେ ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ରୋକିବ ଓ ରାଜ୍ୟରେ ଯୁବବର୍ଗଙ୍କ ନିଯୁକ୍ତିକୁ ନିଶ୍ଚିତ କରିବ । କେଜ୍ରିୱାଲ କହିଛନ୍ତି, ରୋଜଗାରକୁ ନେଇ ଗୋଆର ଯୁବବର୍ଗ ବେଶ ଚିନ୍ତିତ । ପିଲା ପାଠ ପଢିବା ପରେ ମଧ୍ୟ ନିଯୁକ୍ତି ମିଳୁନି । କିନ୍ତୁ ଆପ୍ ସରକାରକୁ ଆସିଲେ ଗୋଆରେ ନିଯୁକ୍ତି ସୃଷ୍ଟି କରିବ । କେଜ୍ରିୱାଲ କହିଛନ୍ତି, ପ୍ରତି ଘରୁ ଜଣେ ବେରୋଜଗାରୀଙ୍କୁ ନିଯୁକ୍ତି ଦିଆଯିବ । ରୋଜଗାର ମିଳିବା ପର୍ଯ୍ୟନ୍ତ ମାସିକ ୩୦୦୦ ଟଙ୍କା ଭତ୍ତା, ବେସରକାରୀ ସେକ୍ଟରରେ ଗୋଆ ▶▶ପୃଷ୍ଠା ୭

## ଆଖଡା ପରିଷଦର ମୁଖ୍ୟ ମହନ୍ତ ନରେନ୍ଦ୍ର ଗିରିଙ୍କ ଆତ୍ମହତ୍ୟା ଘଟଣା: ଶିଷ୍ୟ ଆନନ୍ଦ ଗିରିଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨୧/୦୯(ନି.ପ୍ର): ଆଖଡା ପରିଷଦର ମୁଖ୍ୟ ମହନ୍ତ ନରେନ୍ଦ୍ର ଗିରିଙ୍କ ମୃତ୍ୟୁ ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି । ୭୧ ବର୍ଷୀୟ ମହନ୍ତ ନରେନ୍ଦ୍ର ଗିରି ଆତ୍ମହତ୍ୟା କରିଥିବା ନେଇ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଆଉ ଏହି ଘଟଣାରେ ନରେନ୍ଦ୍ର ଗିରିଙ୍କ ଶିଷ୍ୟ ଆନନ୍ଦ ଗିରିଙ୍କୁ ଗିରଫ କରିଛି ପୋଲିସ । କାରଣ ଆତ୍ମହତ୍ୟା ପୂର୍ବରୁ ମହନ୍ତ ନରେନ୍ଦ୍ର ଗିରି ନିଜ ସୁଇସାଇଡ୍ ନୋଟ୍ରେ ଆନନ୍ଦ ଗିରିଙ୍କ ନାମ ଉଲ୍ଲେଖ କରିଛନ୍ତି । ଆନନ୍ଦ ଗିରି ▶▶ପୃଷ୍ଠା ୭

## ଡିଆରଡିଓ ଚାନ୍ଦିପୁର ଗୁପ୍ତ ତଥ୍ୟ ଲିକ୍ ଘଟଣା —

# ଦୁବାଇରୁ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଆସୁଥିଲା ଟଙ୍କା

ବାଲେଶ୍ୱର,୨୧/୦୯(ନି.ପ୍ର): ଚାନ୍ଦିପୁର ଗୁପ୍ତଚରଙ୍କ ବାବଦରେ ଆସିଲା ବଡ ଖବର । ଅଭିଯୁକ୍ତଙ୍କ ନିକଟକୁ ଦୁବାଇରୁ ଆସିଥିଲା ଟଙ୍କା । ଦୁଇଟି କିସ୍ତିରେ ଜଣେ ଅଭିଯୁକ୍ତଙ୍କ ପାଖକୁ ୩୮ହଜାର ଟଙ୍କା ଆସିଥିଲା ବୋଲି ସୂଚନା ଦେଇଛନ୍ତି କ୍ରାଇମବ୍ରାଂଚ ଏଡିଜି ସଂଜୀବ ପଣ୍ଡା । ଟଙ୍କା ନେଣଦେଣ ନେଇ ଅଧିକ ଯାଂଚ କରାଯାଉଥିବା କ୍ରାଇମବ୍ରାଂଚ ଏଡିଜି କହିଛନ୍ତି । ଜଣେ ମହିଳା ଅପରେଟିଭ ଫେସବୁକରେ ବିଭିନ୍ନ ଫେକ୍ ଆକାଉଂଟ ଖୋଲି ଚାଟ କରୁଥିବା ସହ ହ୍ୱାଟ୍ସଆପରେ ବି ଚାଟ କରୁଥିଲେ । ମହିଳା ଜଣକ ୟୁକେର ଏକ ମୋବାଇଲ ନମ୍ବର ବ୍ୟବହାର




କରୁଥିବା ସୂଚନା ମିଳିଛି । ସେହିପରି ବାୟୁସେନାର ଏକ ଟିମ ଆସି ଅଭିଯୁକ୍ତଙ୍କୁ ପଚରାଉଚରା କରୁଥିବା କ୍ରାଇମବ୍ରାଂଚ ଏଡିଜି କହିଛନ୍ତି । ସେପଟେ ଭାରତୀୟ ପ୍ରତିରକ୍ଷା ବିଭାଗର ବ୍ରହ୍ମାସ୍ତ୍ର କୁହାଯାଉଥିବା ବ୍ରହ୍ମୋସ ଏବଂ ଅନ୍ୟ କ୍ଷେପଣାସ୍ତ୍ରର ଗୋପନୀୟ ତଥ୍ୟ ପାକିସ୍ତାନ ହାତରେ ଲାଗିଥିବା କୁହାଯାଉଛି । ସେହି ଆଶଙ୍କାରେ ଚାନ୍ଦିପୁର ଗୁପ୍ତଚରଙ୍କୁ ଜେରା କରିବା ପାଇଁ କଟକ କ୍ରାଇମବ୍ରାଂଚ କାର୍ଯ୍ୟାଳୟରେ ପହଂଚିଛି ଭାରତୀୟ ବାୟୁସେନାର ଏକ ୩ ଜଣିଆ ଟିମ୍ । ଏ ହେଉଛି ସେହି ସମୟର ଦୃଶ୍ୟ । ପାକିସ୍ତାନୀ ଏଜେଂଟଙ୍କ ସହ ସଂପର୍କ ରଖିଥିବା ଅଭିଯୋଗରେ ଗିରଫ ହୋଇଥିବା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ୪ ଠିକା କର୍ମଚାରୀ ଓ ଜଣେ ସ୍ଥାୟୀ କର୍ମଚାରୀ କ୍ରାଇମବ୍ରାଂଚ ଦ୍ୱାରା ଗିରଫ ହୋଇଥିବାବେଳେ ଏମାନଙ୍କୁ ଜେରା କରିଛନ୍ତି ଭାରତୀୟ ବାୟୁସେନା । ବାୟୁସେନାର ବରିଷ୍ଠ ଅଧିକାରୀମାନେ ଭାରତୀୟ ପ୍ରତିରକ୍ଷା ବିଭାଗର ବିଭିନ୍ନ କ୍ଷେପଣାସ୍ତ୍ରର ଗୋପନୀୟ ତଥ୍ୟ ଲିକ ନେଇ ପଚରା ଉଚରା କରୁଥିବା ଜଣାପଡିଛି । କ୍ରାଇମବ୍ରାଂଚ ମଧ୍ୟ ଏ ବାବଦରେ ଅଧିକ ତଥ୍ୟ ହାସଲ ପାଇଁ ପ୍ରୟାସ ଚଳାଇଛି ।

# ଗୋଟିଏ ପଞ୍ଚାୟତରେ ହେବେ ଦୁଇ ସରପଞ୍ଚ

## ଆନ୍ଧ୍ରର ନିର୍ବାଚନ ପରେ କୋଟିଆରେ ବିଜ୍ଞପ୍ତି ପ୍ରକାଶ କରିଛି ଓଡ଼ିଶା

ଭୁବନେଶ୍ୱର,୨୧/୦୯(ନି.ପ୍ର): ଗୋଟିଏ ପଞ୍ଚାୟତ, ଦୁଇ ସରପଞ୍ଚ । ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ଓଡ଼ିଶା ଆନ୍ଧ୍ର ସୀମା କୋଟିଆ ପଞ୍ଚାୟତରେ । କିଛି ଦିନ ତଳେ କୋଟିଆରେ ଆନ୍ଧ୍ର ନିର୍ବାଚନ କରାଇ ଫଳ ପ୍ରକାଶ କରିସାରିଛି । ଆଉ ଏପଟେ ଓଡ଼ିଶା ଆସନ୍ତା ବର୍ଷ ନିର୍ବାଚନ କରାଇବାକୁ ପ୍ରସ୍ତୁତ ହେଉଛି । ଏବେ ପ୍ରଶ୍ନ ଉଠୁଛି କୋଟିଆ ପଂଚାୟତରେ କିଏ ନିଜ ଅଧିକାର ସାବ୍ୟସ୍ତ କରିବ । ଆନ୍ଧ୍ର ସରପଞ୍ଚ କାମ କରିବେ ନା ଓଡ଼ିଶା ସରପଂଚ ହକ୍ ସାବ୍ୟସ୍ତ କରିବେ । ପଞ୍ଚାୟତ ଗୋଟିଏ, କିନ୍ତୁ ସରପଞ୍ଚ ହେବେ ଦୁଇ । ସୀମା ବିବାଦକୁ ନେଇ ଚର୍ଚ୍ଚାରେ ଥିବା କୋଟିଆରେ ହେବାକୁ ଯାଉଛି ଏଭଳି ବିଚିତ୍ର ସ୍ଥିତି । ଆନ୍ଧ୍ର ଏଠାରେ ଏକତରଫା ନିର୍ବାଚନ କରିସାରିଥିବାବେଳେ ଓଡିଶା କୋଟିଆରେ ପଞ୍ଚାୟତ ନିର୍ବାଚନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି । ରବିବାର ଦିନ ଗଣତି ପରେ ଏହି ଆନ୍ଧ୍ର ନିର୍ବାଚନରେ ୱାଇଏସଆର କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି ଓ ଦିବାକର ଗେମେଲ ସରଂପଚ ଭାବେ ନିର୍ବାଚିତ ହୋଇଛନ୍ତି । କୋଟିଆକୁ ୪ଟି ପଞ୍ଚାୟତ, ତଳଗଞ୍ଜେଇପଦର, ଫାଟୁ ସିନେରି, ଫଗୁଣ ସିନେରି, ଓ ସାରିକିରେ ବିଭକ୍ତ କରି ନିର୍ବାଚନ କରିଛି ଆନ୍ଧ୍ର । ଏବଂ ସେମାନଙ୍କ ଅନୁସାରେ, ସରପଞ୍ଚ ବି ନିର୍ବାଚିତ ହୋଇଛି । ଏପଟେ ଓଡିଶାର ପୁଣି ନିର୍ବାଚନ ହେବାକୁ ଯାଉଥିବାବେଳେ ଏଭଳି ବିଚିତ୍ର ସ୍ଥିତିରେ କେମିତି କାମ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାମଲା ଏବେ ସୁପ୍ରିମକୋର୍ଟରେ ଥିବାବେଳେ, ଏଠାରେ ନିର୍ବାଚନ କରି କୋଟିଆକୁ ନେଇ ନିଜର ଦାବି ଦୃଢ କରିବାକୁ ଚେଷ୍ଟା କରୁଛି ଆନ୍ଧ୍ର । ଏପଟେ ଓଡିଶା ଆନ୍ଧ୍ରର ଏହି ଚାଲକୁ ବୁଝିସାରିଲାଣି । ଏବଂ କୋଟିଆରେ ଆନୁଷ୍ଠାନିକ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାତିସଂଘ ପ୍ରତିନିଧି

ଭୁବନେଶ୍ୱର,୨୧/୦୯(ନି.ପ୍ର): ରାଜ୍ୟର ମହିଳା ଶସକ୍ତିକରଣ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତିସଂଘର ମହିଳା ପ୍ରତିନିଧି ସୁଶାନ ଜେନ ଫରଗୁସନ୍‌ଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟରେ ବୈଷୟିକ ଶିକ୍ଷାରେ ସ୍ନାତକ ହାସଲ କରୁଥିବା ପ୍ରତି ୩ ଜଣଙ୍କ ମଧ୍ୟରେ ଯେଭଳି ଜଣେ ମହିଳା ରହିବେ ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ବୈଷୟିକ ଶିକ୍ଷା ଏବଂ ଶିଳ୍ପ କ୍ଷେତ୍ରରେ ମହିଳାଙ୍କ ନିଯୁକ୍ତି ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । 'ସୁଦକ୍ଷା' ଭଳି ଯୋଜନାରେ ମହିଳା ମାନେ ରାଜ୍ୟରେ ଆଇଟିଆଇ ଅଧ୍ୟୟନ କରୁଛନ୍ତି । ଏହି ଯୋଜନାରେ ଫଳରେ ମହିଳାଙ୍କ ଆଇଟିଆଇ ପାଠ୍ୟକ୍ରମରେ ନାମଲେଖା ୬ ପ୍ରତିଶତରୁ ୧୮ ପ୍ରତିଶତକୁ ବୃଦ୍ଧି ଘଟିଛି । ମ୍ୟାନୁଫ୍ୟାକ୍ଚରିଂ ଇଣ୍ଡଷ୍ଟ୍ରିରେ ବର୍ତ୍ତମାନ ମହିଳାଙ୍କର ଭୂମିକା ଅତି ଉଚ୍ଚକୋଟିର ରହିଛି । ସେମାନଙ୍କୁ ମଧ୍ୟ ଆଗକୁ ରାଜ୍ୟ ସରକାର ସମସ୍ତ ସହାୟତା କରିବେ ବୋଲି ଆଲୋଚନା ବେଳେ କହିଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହ ଆଗକୁ ମହିଳାଙ୍କ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନିଆଯିବ । ଯେଉଁ ମହିଳା ମାନେ ଅଧାରୁ ପାଠପଢା ବନ୍ଦ କରିଛନ୍ତି ସେମାନଙ୍କୁ ଆଉଥରେ ସୁଯୋଗ ଦିଆଯିବ । ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପ୍ରଶିକ୍ଷଣ ଦିଆଯିବ । ଏହି ଅବସରରେ ଜାତିସଂଘର ମହିଳା ପ୍ରତିନିଧି ଫରଗୁସନ୍ ରାଜ୍ୟ ସରକାରଙ୍କ ମହିଳା ଶସକ୍ତିକରଣ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ମିଶନ ଶକ୍ତି ଯୋଜନାକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି । ରାଜ୍ୟରେ ଗରିବ ହ୍ରାସ ପାଇଁ ସରକାର କରୁଥିବା ଯୋଜନାକୁ ମଧ୍ୟ ଫରଗୁସନ୍ ପ୍ରଶଂସା କରିଛନ୍ତି । ଆଜିର ଆଲୋଚନାରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ମଧ୍ୟ ଉପସ୍ଥିତ ଥିଲେ ।

## ପିପିଲି ପ୍ରଚାର ବେଳେ ଜୋରଦାର ହେଉଛି ରାଜନୈତିକ ଛକାପଞ୍ଝା

ଭୁବନେଶ୍ୱର,୨୧/୦୯(ନି.ପ୍ର): ପିପିଲି ଉପନିର୍ବାଚନ ବିଜେପିର ପ୍ରଚାର ଗାଡିକୁ ରୋକାଯାଇଛି । ଏହାକୁ ପ୍ରତିବାଦ କରି ବିଜେପି କର୍ମୀମାନେ ଜଟଣୀ ମୁଖ୍ୟ ରାସ୍ତାର ବାରିମୂଳ ଠାରେ ରାସ୍ତାରୋକ କରିଥିଲେ । ଜଣେ ବିଜେଡି ସମର୍ଥକ ଏପରି କରିଥିବା ବିଜେପି କର୍ମୀ ଅଭିଯୋଗ କରିଛନ୍ତି । ବିଜେପିର ପ୍ରଚାର ଗାଡିରେ ଲାଗିଥିବା ଫ୍ଲେକ୍ସକୁ ଚିରିବା ସହିତ ଗାଡି ଡ୍ରାଇଭରକୁ ମାଡ ମରାଯାଇବା ସହ ଦୁର୍ବୃତ୍ତ ଡ୍ରାଇଭର ପାଖରୁ ଟଙ୍କା ଛଡାଇ ନେଇଥିବା ଅଭିଯୋଗ ହୋଇଛି । ତେବେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଜେପି କର୍ମୀଙ୍କୁ ବୁଝାସୁଝା କରିଥିଲା । ୨୪ ଘଣ୍ଟା ମଧ୍ୟରେ ଦୁର୍ବୃତ୍ତକୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଥିବା ସୂଚନା ରହିଛି । ଏହାପରେ ବିଜେପି କର୍ମୀମାନେ ରାସ୍ତାରୋକରୁ ଓହରିଛନ୍ତି ।

# ଲଘୁଚାପ ସୃଷ୍ଟି : ୪ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୧/୦୯ (ନି.ପ୍ର): ଗାଙ୍ଗୀୟ ପଶ୍ଚିମବଙ୍ଗ ଉପତ୍ୟକା ରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ-ଗାଙ୍ଗୀୟ ପଶ୍ଚିମବଙ୍ଗ ଉପତ୍ୟାକା ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏଥିଯୋଗୁଁ ସାରା ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ଉତ୍ତର ଓ ଦକ୍ଷିଣ ଓଡିଶାର ବିଭିନ୍ନସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୪ଟି ଜିଲ୍ଲାରେ ପ୍ରବଳରୁ



ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ୧୦ଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଢେଙ୍କାନାଳ ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏଥିସହିତ ଭଦ୍ରକ, ଯାଜପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ଝାରସୁଗୁଡ଼ା ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ▶▶ପୃଷ୍ଠା ୭

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଚିଟଫଣ୍ଡ ଜମାକାରୀ

ନୂଆଦିଲ୍ଲୀ,୨୧/୦୯: ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଚିଟଫଣ୍ଡ ଜମାକାରୀ । ଆସନ୍ତା ୨୯ ତାରିଖରୁ ଦେବଗଡରୁ ଆରମ୍ଭ କରିବେ ଗଣ ସତ୍ୟାଗ୍ରହ । ଏହାସହିତ ରାଜ୍ୟର ପ୍ରତ୍ୟେକ ବ୍ଲକରେ ମଧ୍ୟ ଆନ୍ଦୋଳନ କରିବେ । ଦୁଇ ଦୁଇ ଜଣ କମିଶନର ନିଯୁକ୍ତି ସତ୍ୱେ ଜମାକାରୀ ତାଙ୍କ ଅର୍ଥ ନପାଇବା ଓ ସରକାର ମଧ୍ୟ ସେମାନଙ୍କୁ ଠକିଥିବା ଅଭିଯୋଗ କରିଛନ୍ତି ଆର୍ଥିକ ସଂସ୍ଥା ମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଂଚ । ଚିଟଫଣ୍ଡ କମ୍ପାନୀରୁ ଠକାମିର ଶିକାର ହେବା ପରେ ସରକାର ମଧ୍ୟ ସେମାନଙ୍କ ସହ ଚଞ୍ଚକତା କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ୫୦ ଲକ୍ଷରୁ ଉଦ୍ଧ୍ୱର୍ ଜମାକାରୀଙ୍କ ଠାରୁ ସତ୍ୟପାଠ ଦାଖଲ ବାହାନାରେ ୧୦ ଟଙ୍କାରୁ ୨୦ ଟଙ୍କା ପର୍ଯ୍ୟନ୍ତ ଷ୍ଟାମ୍ପ ଡ୍ୟୁଟି ଓ ଆଡେସିଭ୍ ଆଦାୟ କରିଛନ୍ତି ସରକାର । କିନ୍ତୁ ଦୀର୍ଘ ଦିନର ଆନ୍ଦୋଳନ ପରେ ମଧ୍ୟ ଚିଟଫଣ୍ଡ ସଂସ୍ଥାର ସମ୍ପତ୍ତି



ବାଜ୍ୟାପ୍ତି କରି ହିତାଧିକାରୀଙ୍କୁ ଟଙ୍କା ଫେରାଇବାରେ ଅସଫଳ ହୋଇଛନ୍ତି ସରକାର । ଏହାସହିତ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ନେଇ ନାହାନ୍ତି । ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବ ମିଳିତ ମଂଚ ।

# ଜୀବନ ଯିବା ପରେ ଚେତିଲା ପ୍ରଶାସନ : ମୁକୁଳା ଡ୍ରେନ୍ ବନ୍ଦ କରିବାକୁ ନିଆଗଲା ନିଷ୍ପତ୍ତି

ଭୁବନେଶ୍ୱର,୨୧/୦୯(ନି.ପ୍ର): ସହରାଞ୍ଚଳରେ ବନ୍ୟା ସ୍ଥିତି ନେଇ ବିଧାନସଭାର ଗୃହ କମିଟି ବୈଠକ ଅନୁଷ୍ଠିତ ହୋଇଛି । ତେବେ ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଭୁବନେଶ୍ୱରରେ ଥିବା ଖୋଲା ଡ୍ରେନଗୁଡ଼ିକୁ ଶୀଘ୍ର ବନ୍ଦ କରାଯିବ । ଡ୍ରେନେଜ୍ ସମସ୍ୟା ସମାଧାନ ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏନେଇ ବୈଠକ ପରେ ଗୃହ କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ ସାମଲ ପ୍ରତିକ୍ରିୟା ରଖି କହିଛନ୍ତି । ତେବେ ଆଜି ବୈଠକରେ ଭୁବନେଶ୍ୱର ସହ ଅନ୍ୟ ସହରର ଡ୍ରେନେଜ୍ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଡ୍ରେନେଜ ଓ ସ୍ୱରେଜ ସମସ୍ୟା ସମାଧାନ ନେଇ କଥାବାର୍ତ୍ତା ହୋଇଥିଲା । ଡ୍ରେନ୍ ଉପରେ ମାଡ଼ି ବସୁଥିବାରୁ ସମସ୍ୟା ଉପୁଜୁଛି । ଏନେଇ ଆସନ୍ତା ୫ ତାରିଖରେ ଆଉ ଏକ ବୈଠକ ବସି ନିଷ୍ପତ୍ତି ନିଆଯିବ । ତେବେ ଆଜିର ବୈଠକରେ ନଗର ଉନ୍ନୟନ ସଚିବ ଜି. ମାଥିଭାତନ ମଧ୍ୟ ଉପସ୍ଥିତ ଥିଲେ । ବିଧାୟକ ଅମର ଶତପଥୀ ଏବଂ ମହମ୍ମଦ ମୋକ୍ମିମ ମଧ୍ୟ ଉପସ୍ଥିତ ଥିଲେ । ତେବେ ଗତ ରବିବାର ଟ୍ୟୁସନ ଯାଉଥିବା ବେଳେ ରାଜଧାନୀର ମୁକୁଳା ଡ୍ରେନରେ ଭାସିଯାଇ ଜଣେ ୧୫ ବର୍ଷୀୟ ନାବାଳକର ଜୀବନ ଚାଲିଯାଇଥିଲା । ଖୋଦ୍ ରାଜଧାନୀରେ ଏଭଳି ଏକ ଘଟଣା, ସମସ୍ତଙ୍କ ଭିତରେ ଆକ୍ରୋଶ ସୃଷ୍ଟି କରିଥିଲା । ଘଟଣାକୁ ନେଇ ରାଜନୀତି ଏବଂ ବିରୋଧ ତେଜିବା ପରେ ସମସ୍ତ ମୁକୁଳା ଡ୍ରେନ୍ ଗୁଡିକୁ ବନ୍ଦ କରିବା ନେଇ ନିଷ୍ପତ୍ତି ହୋଇଛି ।

# ୬୦ ରାଜପଥ ଦୂରାବସ୍ଥା : ବୁଦ୍ଧିଜୀବି ଭେଟିଲେ ରାଜପଥ ପ୍ରାଧିକରଣ ପ୍ରକଳ୍ପ ଅଧିକାରୀଙ୍କୁ

ଜଳେଶ୍ୱର ,୨୧/୯ (ନି.ପ୍ର): ବାାଲେଶ୍ୱରରୁ ଆସନସୋଲ ଭାୟା ଖଡଗପୁର ୬୦ନଂ ଜାତୀୟ ରାଜପଥର ଦୂରାବସ୍ଥା ଅବର୍ଣ୍ଣନୀୟ ହୋଇଛି । ରାଜପଥର ଗଡାଣି ରାସ୍ତା ଗୁଡିକ ଅଗମ୍ୟ ହୋଇଥିବାରୁ ଦୁର୍ଘଟଣା ବଢୁଛି । ଏପରି କେତେକ ଦାବି ନେଇ ଜଳେଶ୍ୱରର କେତେକ ବୁଦ୍ଧିଜିବୀ ଖଡଗପୁରସ୍ଥିତ ଜାତୀୟ ରାଜଜପଥ ପ୍ରାଧିକରଣ ପ୍ରକଳ୍ପ ଅଧିକାରୀ ସୁବ୍ରତ ନାଗଙ୍କୁ ଭେଟି ଆଲୋଚନା କରିଛନ୍ତି । ରାଜପଥର ନବିକରଣ ଏବଂ ଗଡାାଣି ରାସ୍ତାର ମରାମତି ଲାଗି ଟେଣ୍ଡର ହୋଇଥିବା ସଂପର୍କରେ ସୂଚନା ଦେବାସହ ଆଗାାମୀ ଦିନରେ ଏ ସମ୍ପର୍କରେ ଗଠିତ କମିଟି ସୁବିଧା ସୁଯୋଗ ଯୋଗାଇବାକୁ ଚେଷ୍ଟିତ ବୋଲି ଶ୍ରୀ ନାଗ ପ୍ରତିଶୃତି ଦେଇଛନ୍ତି ।

୫ନଂ ଜାତୀୟ ରାଜପଥ ବାାଲେଶ୍ୱରର ନହରରପାଟଣଠାାରୁ ୬୦ ନଂ ଜଜାତୀୀୟ ରାାଜଜପଥ ଆରମ୍ଭ ହୋଇଛି । ଏହା ବାାଲେଶ୍ୱର ଜିଲାରେ ୫୪ ଗତିକଲାପରେ ପଶ୍ଚିମବଂଗ ଦେଇ ଖଡଗପୁର ଓ ସେଠାରୁ ଆସନସୋଲ ପର୍ଯ୍ୟନ୍ତ ଲମ୍ୱି ଯାଇଛଛି ।। କିନ୍ତୁ ବାଲେଶଶ୍ୱରଠାରୁ ଖଡଗପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅବଣର୍ଣ୍ଣନୀୟ । ରାସ୍ତାର ବିଭିନନ୍ନ ସ୍ଥାନରେ ବଡବଡ ଫାଟ ସୃଷ୍ଟି ହୋଇଛି । ଏଏପରି ଫାଟ ଗୁଡିକରେ ଯାନ ଗୁଡିକର ଚକ ପଶିଯିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି । ଜଳେଶ୍ୱର ଥାାନା ଅନ୍ତର୍ଗତ ୬୦ନଂ ଜାାତୀୟ ରରାଜପଥରେ ୮ଟି ସ୍ଥାନରେ ଗଡାଣି ରାସ୍ତା (ସ୍ଲିପ୍ ୱେ) ରହିଛି । କେତେକ ସ୍ଥାନରେ ୪ଟି ଗଡାଣି ରାସ୍ତ ଥିବା ବେଳେ ଅନ୍ୟ କେତେକ ସ୍ଥାନରେ ୨ଟି ଲେଖାଏଁ ରହିଛି । କିନ୍ତୁ ସବୁ ଗଡାଣି ରାସ୍ତା ଗୁଡିକ ଖାଲ, ଢିପ ହୋଇଛି ଯେ ଯାନବାହନ ଯିବା ଅସମ୍ଭବ ହୋଇ ପଡିଛି । ଅନ୍ୟ ରାସ୍ତାରୁ ଆସି ୬୦ନଂ ଜାତୀୟ ରାଜପଥକୁ ଚଢିବା କଷ୍ଟସାଧ୍ୟ ହେଉଛି । ବହୁସ୍ଥାନରେ ଦୁର୍ଘଟଣା ଘଟୁଛି । ରାସ୍ତାରେ ବଡବଡ ଫାଟ ଗୁଡିକରେ ବର୍ଷାପାଣି ପଶିବା ଫଳରେ ଅଧିକ ବଡ ଫାଟରେ ପରିଣତ ହେଉଛି । ରାଜପଥ କର୍ତ୍ତୃପକ୍ଷ ସେଥିରେ ପିଚୋ ଡାଳି କାର୍ଯ୍ୟ ଶେଷ ହେଲା ଭଳି ମନେ କରୁଛନ୍ତି । ସେ ସବୁ ସ୍ଥାନରେ ଦ୍ରୁତଗାମୀ ଯାନ ଗୁଡିକର ଚକ ଫାଟରେ ପଶିବାଯୋଗୁଁ ପରିସ୍ଥିତି ଜଟିଳ ହେଉଛି । ପୁଣି ଏହି ରାଜପଥର ବିଭିନ୍ନ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ବେଳେ ରାଜପଥ ପ୍ରାଧିକରଣ ବିଭାଗର ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚୁନଥିବାରୁ ଦୁର୍ଘଟଣାଗ୍ରସ୍ତ ଲୋକଟି ଅଧିକ ସମୟ ଯନ୍ତ୍ରଣା ଭୋଗୁଛି କିମ୍ବା ମୃତ୍ୟୁ ମୁଖରେ ପଡୁଛି । ଭେଲୋରା ଛକଠାରେ ବାରମ୍ବାର ଦୁର୍ଘଟଣା ଘଟିବାରୁ ତତ୍କାଳୀନ ସାଂସଦ ଇଂ ରବିନ୍ଦ୍ର ଜେନାଙ୍କ ପ୍ରଚେଷ୍ଟାରେ ଅଣ୍ଡରପାସ୍ ନିର୍ମାଣ ଦୀର୍ଘ ବର୍ଷ ଧରି ଚାଲୁଥିବା ବେଳେ ମନ୍ଥର ଗତିଯୋଗୁଁ କାର୍ଯ୍ୟ ଶେଷ ହେବାର ନାମ ଧରୁନାହିଁ । ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି । ଏ ସବୁକୁ ଲକ୍ଷ୍ୟ କରି ଗତ ୧୮ ତାରିଖରେ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଶରତ ଚନ୍ଦ୍ର ପରିଡା, ଇଂ ପ୍ରଦୀପ୍ତ କୁମାର ଚନ୍ଦ, ଡ. ଅଜିତ୍ କୁମାର ମହାନ୍ତି, ଆଦିତ୍ୟ ନାରାୟଣ ପାତ୍ରୟ, ରବିନ୍ଦ୍ର ପାତ୍ର, ଅବନୀ ଚାନ୍ଦ ଓ ରବିନାରାୟଣ ପାତ୍ର ପ୍ରମୁଖ ଖଡଗପୁରସ୍ଥିତ ୬୦ନଂ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ସୁବ୍ରତ ନାଗ ଓ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଇ ଅଶୋକ କୁମାର ପଣ୍ଡାଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିଛଛନ୍ତି । ଗଡାଣି ରାସ୍ତା ଗୁଡିକ ମରାମତି ଅତିଶୀଘ୍ର ଆରମ୍ଭ ହେବାକୁ ଯାଉଥିବା ବେଳେ ୬୦ନଂ ଜାତୀୟ ରାଜପଥର ନବିକରଣ ଲାଗି ଟେଣ୍ଡର ହେବାକୁ ଯାଉଥିବା ସଂପର୍କରେ ଶ୍ରୀ ନାଗ କହିଥିଲେ । ଆମ୍ବୁଲାନ୍ସ ଲାଗି ୧୦୩୩ ନମ୍ବରକୁ ଫୋନ ଯୋଗେ ଜଣାଇଲେ ଅତିଶଘ୍ର ଆମ୍ବୁଲାନ୍ସ ପହଞ୍ଚିବାର ସେ କହିଥିଲେ । ଭେଲୋରାଠାରେ ଅଣ୍ଡର ପାସ୍ କାର୍ଯ୍ୟର ତ୍ୱରାନ୍ବିତି ଲାଗି ସେ ୧୯ ଓ ୨୦ ତାରିଖରେ ଉକ୍ତ ସ୍ଥାନକୁ ଯିବେ ବୋଲି ସୂଚନା ଦେବା ସହ ଖୁବ୍ କମ୍‌ଦିନରେ ଶେଷ ହେବ ବୋଲି ପ୍ରତିଶୃତି ଦେଇଥିଲେ । ପ୍ରକାଶଯୋଗ୍ୟ ଖଡଗପୁରରୁ ଆସନସୋଲ ଯାଏ ରାସ୍ତା ମଜବୁତ୍ ଥିବା ଯାଏ ଖଡଗପୁରରୁ ବାଲେଶ୍ୱର ଯାଏ ରାସ୍ତା ଅବସ୍ଥା ଶୋଚନୀୟ ହେଉଥିବାର ସେ କହିବାରୁ ଏଥିଲାଗି ବୁଦ୍ଧିଜିବି ମାନେ ତଦନ୍ତଲାଗି ଦାବି କରିଥିଲେ ।

# ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ସଚିବ ତଥା ନୋଡାଲ ଅଫିସରଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି,୨୧/୯ (ନି.ପ୍ର): ରାଜ୍ୟ ମତ୍ସ ଓ ପଶୁ ସମ୍ପଦ ବିଭାଗ ସଚିବ ତଥା ମାଲକାନଗିରି ଜିଲ୍ଲାର ନୋଡାଲ ଅଫିସର ଆର. ରଘୁପ୍ରସାଦ ଦୁଇଦିନିଆ ମାଲକାନଗିରି ଜିଲ୍ଲାଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୁଳକ କାର୍ଯ୍ୟ ତଦାରଖ କରିଛନ୍ତି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବୀଶାଲ ସିଂ ଙ୍କ ଅଧକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ବିଭାଗୀୟ ଅଧୁକାରୀ ମାନଙ୍କ ସହିତ ବିଭିନ୍ନ ଉନ୍ନୟନ ମୁଳକ କାର୍ଯ୍ୟ ସଂପର୍କରେ ସମୀକ୍ଷା କରିଛନ୍ତି । ଏହା ବ୍ୟତିତ ମତ୍ସ ଓ ପୁଶୁ ସମ୍ପଦ ବିଭାଗର ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ କିପରି ମତ୍ସ ଚାଷ କରାଯାଉଛି ଓ ପଶୁ ସମ୍ପଦ ମାନଙ୍କ ସୁରକ୍ଷା ଯତ୍ନ ସଂପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ ।ମତ୍ସ ଓ ପଶୁ ସମ୍ପଦ ସଚିବ ଶ୍ରୀ ରଘୁପ୍ରସାଦ ଆଦିବାସୀ ଅଧୁଷିତ ମାଓପ୍ରବଣ କାଲିମେଳା ଗ୍ରସ୍ତ କରି ୧୦୦୦ ବିଶିଷ୍ଟ ଅଣ୍ଡାଦିଆ କୁକୁଡା ଫାର୍ମ , ୫୦୦ ବ୍ରୟଲର ଫାର୍ମ ପରିଦର୍ଶନ କରି କୁକୁଡା ଚାଷୀ ମାନଙ୍କ ସହିତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ !ମାଥିଲି ବ୍ଲକ ଠାରେ ଚାଲିଥିବା ମତ୍ସ ଚାଷ ପରିଦର୍ଶନ କରି ସେଠାକାର ମତ୍ସ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ସଚିବ ଶ୍ରୀ ରଘୁପ୍ରସାଦ ଙ୍କ ସହିତ ଜିଲ୍ଲାପାଳ ବିଶାଲ ସିଂ , ଅତିରିକ୍ତ ଜିଲ୍ଲାପାଳ ବୀରସେନ ପ୍ରଧାନ , ପିଡି ଡିଆରଡିଏ ବାଳ ମୁକୁନ୍ଦ ଭୂୟାଁ , ଜିଲ୍ଲାକୃଷି ଅଧି କାରୀ ଏମ.ଆନନ୍ଦ ରାଓ , ସିଡିଏମଓ ଡାକ୍ତର ପ୍ରଫୁଲକୁମାର ନନ୍ଦ , ଜିଲ୍ଲା ମୁଖ୍ୟ ପଶୁ ସମ୍ପଦ ଅଧି କାରୀ ଡା.ସାରଙ୍ଗଧର ସତପଥୀ , ଅତିରିକ୍ତ ପଶୁ ସମ୍ପଦି ଅଧି କାରୀ ଡା . ଅଶୋକ କୁମାର ତ୍ରିପାଠୀ , ଡା.ଜି.ଏସ.ପି ସତପଥୀ , ଜିଲ୍ଲା ପଶୁ ସମ୍ପଦ ନୋଡାଲ ଅଧି କାରୀ ଡା.ବିକାଶ ଚନ୍ଦ୍ର ସରଦାର , କାଳିମେଳା ପ୍ରାଣୀ ଚିକିତ୍ସକ ଡା.ଯଶବନ୍ତ ପାତ୍ର , ଡା.ଅମିୟ ଲାଲ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧି କାରୀ ମାନଙ୍କ ସହିତ ମତ୍ସ , ପଶୁ ସମ୍ପଦ , ବିଜୁଳି , ମୃତିକା ସଂରକ୍ଷଣ ଆଦିବିଭାଗର ଅଧି କାରୀ ମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ !

# ଚାଷୀଙ୍କୁ ଘାରିଛି ଭାତହାଣ୍ଡି ଚିନ୍ତା : ପାଣିରେ ବୁଡି ରହିଛି ଧାନଗଛ

ନିମାପଡା,୨୧/୯ (ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ବଳଙ୍ଗା ଅଂଚଳର ଚାଷୀ ମାନଙ୍କୁ ଘାରିଲାଣି ହାଣ୍ଡିଶାଳ ଚିନ୍ତା । ଅଂଚଳର ଚାଷୀମାନେ ଧାରକରଜ କରି ଧାନ ଚାଷ କରିଥିବା ବେଳେ ଲଘୁଚାପଜନିତ ବର୍ଷା ସେମାନଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା ବେଳେ ଏବେ ଦାଉ ସାଧିଲାଣି ବନ୍ୟାଜଳ । ଲଘୁଚାପଜନିତ ବର୍ଷାରେ ଅଂଚଳର ହଜାର ହଜାର ହେକ୍ଟର ଧାନଜମିରେ ପାଣି ଜମି ରହିଥିବାରୁ ଧାନଗଛ ଗୁଡିକ ଆଜିକୁ ୬ଦିନ ହେବ ପାଣିରେ ବୁଡି ରହିଛି । ଯାହା ଫଳରେ ଧାନ ଗଛ ଗୁଡିକର ମୂଳ ଏବେ ସଢିବାକୁ ଆରମ୍ଭ କଲେଣି । ଯଦି ଆଗାମୀ ୨ରୁ ୩ଦିନ ମଧ୍ୟରେ ପାଣି ଖଲାସ ନହୁଏ ତେବେ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ନେଇ ଚାଷୀମାନଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି । ବଳଙ୍ଗା ଅଂଚଳର ହରିପୁର, ଶାଳଜଙ୍ଗ, ଦେଉଳୀ, ତେରହଲ, ବଳଙ୍ଗା, ପାର୍ବତୀପୁର ପ୍ରଭୃତି ଗ୍ରାମମାନଙ୍କ ଗହିର ମାନଙ୍କରୁ ସାମାନ୍ୟ ପାଣି ଖସିଥିବାରୁ ବୁଡିଯାଇଥିବା ଧାନଗଛ ସାମାନ୍ୟ ଦୃଶ୍ୟମାନ ହେଉଛି । ତେବେ ଧାନ ଗଛ ମୂଳ ସବୁ ସଢିବା ଆରମ୍ଭ ହୋଇଗଲାଣି । ସେହିପରି ଧନୁଆ ନଦୀରେ ବନ୍ୟା ପାଣି ଆସିବା ଫଳରେ କୁଅଂରପୁର, ତୋରିହଂବନ୍ଧ, ବକୁ, ମହମ, କାଜିପୁର, ବାମନାଳ, କୋଟକୁସାଙ୍ଗ ପ୍ରଭୃତି ଗହୀର ମାନଙ୍କରେ ପୁନର୍ବାର ପାଣି ପଶିଯିବାରୁ ଏହି ସବୁ ଗହିର ମାନଙ୍କରେ ଧାନଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ନେଇ ଆଶଙ୍କା ଦେଖାଦେଇଛି । ଫଳରେ ଧାରକରଜ କରି ଧାନ ଚାଷ କରିଥିବା ଚାଷୀମାନେ କିଂକର୍ତବ୍ୟମୁଢ ଅବସ୍ଥାରେ ରହିଛନ୍ତି । ଗତବର୍ଷ ବନ୍ୟା ପାଣି ଯୋଗୁଁ ଏହି ସବୁ ଗହୀର ମାନଙ୍କରେ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ବେଳେ ଚଳିତ ବର୍ଷ ବି ମଧ୍ୟ ସମାନ ଅବସ୍ଥା ଦେଖା ଦେଇଛି ।

# ଆନ୍ଧ୍ରକୁ ଚାଲାଣ ବେଳେ ୧ ୫ ଶ୍ରମିକ ଉଦ୍ଧାର : ୩ ଦଲାଲ ଗିରଫ

ମାଲକାନଗିରି, ୨ ୦ ସେପଟ୍ମେର (ହି. ସ.)-ନବରଙ୍ଗପୁର ଜିଲ୍ଲା ଉମରକୋର୍ ଅଂଚଳ ରୁ କାଲିମେଳା ଏବଂ କାଲିମେଳାରୁ ଆନ୍ଧ୍ର ପ୍ରଦେଶ କରିମନଗର କୁ ୪ ଜଣ ଶିଶୁ ଶ୍ରମିକ ସମେତ ମୋଟ ୧୫ ଜଣ ଶ୍ରମିକଙ୍କୁ ବେଆଇନ ବେଆଇନ ଭାବେ ଚାଲାଣ କରିବା ଅଭିଯୋଗରେ ମାଲକାନଗିରି ଜିଲ୍ଲା କାଲିମେଳା ପୋଲିସ କାଲିମେଳା ବସଷ୍ଟାଣ୍ଡରୁ ୩ ଜଣ ଶ୍ରମିକ ଦଲାଲଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଏଥିସହ ଶ୍ରମିକ ଚାଲାଣ ହେଉଥିବା ଗୋଟିଏ କାରକୁ ମଧ୍ୟ ପୋଲିସ ଜବତ କରିଛି ।ଅଭିଯୁକ୍ତ ମାନଙ୍କୁ ଆଜି ଡାକ୍ତରୀମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି କାଲିମେଳା ଥାନା ଅନ୍ତର୍ଗତ ଏମଭି-୫୭ ଗ୍ରାମର ତପନ ମଣ୍ଡଳ (୩୬, ସଚିନ ସରଦାର ଏବଂ ଉମରକୋଟ ଥାନା ବିକଳପଦର ଗ୍ରାମର ମୋହନ ହରିଜନ ରହିଛନ୍ତି । ଏମଭି-୫୭ ଗ୍ରାମର ତପନ ମଣ୍ଡଳ ଏବଂ ସମ୍ମାନ ସରଦାର ଉଭୟ ମୋହନ ହରିଜନ କୁ ଉମରକୋଟ ରୁ ୧୫ ଜଣ ଶ୍ରମିକ ଆଣିବାକୁ କହିଥିଲେ । ଏହି ଶ୍ରମିକ ମାନଙ୍କୁ ଅଧିକ ଅର୍ଥଦେବା ଲୋଭ ଦେଖାଇ କରିମନଗରରେ କାମ କରିବା ପାଇଁ ଶ୍ରମିକ ମାନଙ୍କୁ ମୋହନ କାଲିମେଳା ନେଇଆସିଥିଲା । ପରେ ସଚିନ ଏବଂ ତପନ ମୋହନ ଠାରୁ ୧୫ଜଣ ଶ୍ରମିକ ଗ୍ରହଣ କରୁଥିବା ସମୟରେ କାଲିମେଳା ମୁଖ୍ୟଛକଠାରେ ପେଟ୍ରୋଲିଂ ଦାଇତ୍ୱରେ ଥିବା ଏଏସଆଇ କୁନାଲ କୁମାର ଏଏସଆଇ ହରି ଖରା,ହାବିଲଦାର ବନ୍ଧୁ ବିଦ୍ୟାର ଏବଂ ଅନ୍ୟ ପୋଲିସ କର୍ମଚାରୀ ମାନଙ୍କର ସନ୍ଦେହ ହେବାରୁ ପୋଲିସ ସେମାନଙ୍କ ପାଖକୁ ଯାଇ ପଚରାଉଚରା ପରେ ଶ୍ରମିକ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ । ଏହି ୩ ଜଣ ଦଲାଲ ଶ୍ରମିକ ମାନଙ୍କୁ ଚାଲାଣ କରି ନେଉଥିବା ତଦନ୍ତରୁ ଜଣାପଡିବା ପରେ ସେମାନଙ୍କୁ ଗିରଫ କରାଯାଇଥିଲା ।କାଳିମେଳା ପୋଲିସ ୨୧୪/୨୧ରେ ବିଭିନ୍ନ ସଂଗୀନ ଦଫା ଲଗାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି । ଏବଂ ଉଦ୍ଧାର ଶ୍ରମିକ ମାନଙ୍କୁ ନିଜ ଗାଁକୁ ପଠାଇବା ପାଇଁ କାର୍ଯ୍ୟଚାଲିଥିବା ସହ ଏହି ଘଟଣାରେ ଅନ୍ୟ କିଏ ସମ୍ପୃକ୍ତ ଅଛନ୍ତି ତାହାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରି ଜଗଦୀଶ ବାରା ସୂଚନା ଦେଇଛନ୍ତି !

# ମାଲକାନଗିରିରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ମାଲକାନଗିରି,୨୧/୯ (ନି.ପ୍ର): ଜାତୀୟ ଲୋକ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ କୁମାରୀ ରେଖା ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ୱବଧାନରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୬ ଗୋଟି ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ବାବଦକୁ ୨୯ ଲକ୍ଷ ୧୫ ହଜାର ଟଙ୍କା ବୀମା କଂପାନୀମାନେ ଦେବା ପାଇଁ ଧାର୍ଯ୍ୟ କରାଯାଇଥିଲା । ସେହି ପରି ଅପରାଧି ମାମଲା ୪ଟି ,୨ଟି ପିୟୁପି ତଥା ବିଦ୍ୟୁତକରଣ ମକଦ୍ଦମା ଆଦିର ବିଚାର କରାଯାଇ ୯ ହଜାର ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଥିଲା । ୭ଟି ବୈବାହିକ ମାମଲା ଏନ.ଆଇ ଆକ୍ଟ ୟୁ/ଏସ ୧୩୮୦୩ ଗୋଟିଏ ସହ ଏକ ଲକ୍ଷ ୧୭ ହଜାର ୪୧୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହା ଛଡା ୧୧ ଟି ଦେଓ୍ୱାନୀ ମାମଲା ଫୈସଲା କରାଯାଇଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ରାଜସ୍ୱ ବିଭାଗ ମିଳିତ ଭାବରେ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର ମିଳିତ ଭାବରେ ୧୧,୫୬୩ ଗୋଟି ରାଜସ୍ୱ ମାମଲା ବିଚାର କରି ଜରିମାନା ବାବଦରେ ୧୯ଲକ୍ଷ ୬ ହଜାର ୫୧ ଟଙ୍କା ୩୪ ପଇସା ଏବଂ ବନ ଖଣ୍ଡ ଅଧିକାରୀଙ୍କ ଦ୍ୱାରା ୩୦ ଗୋଟି ମାମଲାର ବିଚାର କରି ୧୮ ହଜାର ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଥିଲା । ଉକ୍ତ ଅଦାଲତରେ ମାଲକାନଗିରି ଜିଲ୍ଲା ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ କୁମାରୀ ରେଖା ପ୍ରସାଦ, ଅତି ରିକ୍ତ ଜିଲ୍ଲା ଜଜ୍ ମୋହଲତ ସାହା,ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିଶ୍ୱ ରଂଜନ ବେହେରା,ବରିଷ୍ଠ ଦେଓ୍ୱାନୀ ବିଚାରପତି କମଳା କାନ୍ତ ରାଉତ,ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ରାକେଶ କୁମାର ମୁଦୁଲି ,ରେଜିଷ୍ଟାର କୃଷ୍ଣ ଚନ୍ଦ୍ର ନାୟକ, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ନିଶାକର ସାହୁ, ଓ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ରେଖାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମକଦ୍ଦମାଗୁଡିକର ଫୈସଲା କରିଥିଲେ ।

# ନାବାଳିକାକୁ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

ଜୟପୁର ,୨୧/୯ (ନି.ପ୍ର): ନାବାଳିକାକୁ ବିବାହର ପ୍ରୋଲୋଭନ ଦେଖାଇ ଦୁର୍ଷମ କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଏହି ମାମଲାରେ ବିସଂପୁର ଅଂଚଳର ସୁଶାନ୍ତ ବିଷୋୟୀକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ବିସିଂପୁର ଅଂଚଳର ଜଣେ ନାବାଳିକାକୁ ବିବାହର ପ୍ରୋଲଭନ ଦେଖାଇ ଦୁର୍ଷମ କରିଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ମହିଳା ପୋଲିସ ୨୬/୨୧ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ସୁଚନା ଦେଇଛନ୍ତି ।

# ବ୍ଲକ ଅଫିସ ଘେରାଉ କଲେ ସୁକିଆଗୁଡା ଗ୍ରାମବାସୀ

ଜୟପୁର ,୨୧/୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆ ପଂଚାୟତର ସୁକିଆଗୁଡା ଗ୍ରାମବାସୀ ଆଜି ବ୍ଲକ ଅଫିସକୁ ଘେରାଉ କରି ବିକ୍ଷେଭ ପ୍ରଦର୍ଶନ କରିଛନ୍ତି । ଯୁବ ସଂଗଠନର ଆବାହକ ରବିନ୍ଦ୍ର ମହାପାତ୍ର ଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଘେରାଉ ବିକ୍ଷୋଭ କରିଛନ୍ତି । ଏନେଇ ବିଡିଓ ସୁରଜ କୁମାର ପଟ୍ଟନାୟକଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଯଦି ଦାବି ପରୁଣ ନହେବେ ତେବେ ବ୍ଲକ ଅଫିସରେ ତାଲା ମାରି ଧାରଣା ରେ ବସିବାକୁ ଚେତାବନି ଦେଇଛନ୍ତି । ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ କରାଯାଇଛି୍ ଯେ ଜୟପୁର ପୌରପରିଷଦ ସୀମା ରେ ଅବସ୍ଥିତ ସୁକିଆଗୁଡା । ଗ୍ରାମରେ ୬ ଶହ ପରିବାର ରହୁଥିବା ବେଳେ ଏହି ଗ୍ରାମ ଅବହେଳିତ ହୋଇ ରହିଛି । ଗ୍ରାମରେ ରାସ୍ତା ନାହିଁ, ନାଳ ନାହିଁ । ବର୍ଷା ଦିନିରେ ଗ୍ରାମରେ ଯାତାୟତ କରିବାକୁ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ରାଜ୍ୟ ସରକାରଙ୍କ ମାଙ୍କୁ ସମ୍ମାନ ଓ କେନ୍ଦ୍ର ସରକାର ସ୍ୱଛ ଭାରତ ନାମରେ କୋଟି କୋଟି ଟଙ୍କା ଖଚ କରୁଥିବା ବେଳେ ଏହି ଗ୍ରାମରେ ଶୌଚାଳୟ ନାହିଁ । ପାନିୟ ଜଳ ପାଇ ଏହି ଗ୍ରାମର ଲୋକେ ନାହିଁ ନଥିବା ଆସୁବିଧିର ସମ୍ମୁଖିନ ହେଉଛନ୍ତି । ଗ୍ରାମରେ ଲୋକ ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ଥିଲେ ମଧ୍ୟ ସମସ୍ତ ଗ୍ରାମରେ ଗୋଟିଏ ମଧ୍ୟ ଆବାସ ଘର ପାଇପାରି ନାହାଁନ୍ତି । ବର୍ଷାରେ ଅନେକ ଘର ଭାଙ୍ଗିଯାଇଛି । ସେ ମାନଙ୍କ ଅବସ୍ଥା କହିଲେ ନସରେ । ଝିଟି ମାଟି ରେ ଘର କରି ରହୁଛନ୍ତି । ଆବାସ ପାଇ ଗ୍ରାମବାସୀ ମାନେ ଆବେଦନ କରିଥିଲେ ମଧ୍ୟ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ । ତେଣୁ ପ୍ରଶାସନ ଯୋଗ୍ୟ ହିତାଧିକାରି ଙ୍କୁ ଆବାସ ଯୋଜନାରେ ସାମିଲ ସହ ଶୌଚାଳୟ, ପିଇବା ପାଣିର ବ୍ୟବସ୍ଥା , ରାସ୍ତା ଆଦି ନିର୍ମାଣ କରିବାକୁ ଦାବୀ ହୋଇଛି ।

# ରାସ୍ତା ପାଇଁ ଗ୍ରାମବାସୀଙ୍କ ବିକ୍ଷୋଭ ପ୍ରଦର୍ଶନ

ମୁଖୀଗୁଡା,୨୧/୯ (ନି.ପ୍ର): ସରକାର ଗମନାଗମନ ପାଇଁ ଗୁରୁତ୍ୱ ଦେଇ ବ୍ୟାପକ ଅର୍ଥ ଖର୍ଚ୍ଚକରୁଛନ୍ତି ହେଲେ ରାଜନୈତିକ ଇଚ୍ଛାଶକ୍ତି ର ଅଭାବ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଜୟପାଟଣା ବ୍ଲକ୍ର କୁଚାଗାଁ ପଂଚାୟତ ର ବୁଟିଗୁଡା ଗାଁକୁ ସବୁଦିନିଆ ରାସ୍ତାଟିଏ ନିର୍ମାଣ ହୋଇ ପାରିନଥିବା ଅଭିଯୋଗ ହୋଇଛି । ଦୀର୍ଘ ଦିନର ଦାବି ସତ୍ୱେ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ହୋଇପାରି ନ ଥିବାରୁ ଶେଷରେ ବାଧ ହୋଇ ଗ୍ରାମବାସୀ ରାସ୍ତା ପାଇଁ ଜୟପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବାଣ୍ଡିପଡା ଛକଠାରୁ ଦେଢ଼ କିଲୋମିଟର ଦୂର ବୁଟିଗୁଡାକୁ ବର୍ଷା ଦିନେ ଯିବା କଷ୍ଟକର ହୋଇ ପଡିଛି ପ୍ରାୟ ୫୦୦ଜନ ସଂଖ୍ୟା ବିଶିଷ୍ଟ ଏହି ଗାଁ ଲୋକଙ୍କ ପାଇଁ ବ୍ଲକ କାର୍ଯ୍ୟାଳୟ କିମ୍ବା ପଂଚାୟତ କାର୍ଯ୍ୟାଳୟ ,ଜୟପାଟଣା ଡାକ୍ତରଖାନା ଆସିବା କଷ୍ଟକର ହୋଇପଡୁଛି ।

# ଆସନ୍ତା ୨୭ ତାରିଖ ଭାରତ ବନ୍ଦକୁ ସଫଳ କରିବାକୁ ବୈଠକ

ଜୟପୁର ,୨୧/୯ (ନି.ପ୍ର): ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନରେ ସେପଟ୍ମେର ୨୭ ତାରିଖରେ ଭାରତ ବନ୍ଦ ଆନ୍ଦୋଳନକୁ ସଫଳ କରିବାକୁ ସୋମବାର ଜୟପୁର ଶ୍ରମିକ କର୍ମଚାରି ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କୋରାପୁଟ ଜିଲାର କୃଷକ ନେତା ନରେନ୍ଦ୍ର ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ୯ ମାସ ରୁ ଅଧିକ ସମୟ ହେଲା ବିଶ୍ୱର ଏହି ଐତିହାସିକ ଆନ୍ଦୋଳନ ଜାରି ରହିଛି । ୩ଟି କାଳା ଆଇନ ବାତିଲ କରିବା, କରୋନା ମହାରୀ ସମୟରେ ପ୍ରତ୍ୟେକ ପରିବାର ଯେଉଁ ମାନେ ଆୟକର ସିମା ଭିତରେ ଅଛନ୍ତି ସେ ମାନଙ୍କୁ ମାସିକ ୭ ହାଜର ୫ ସହ ଟଙ୍କା, ୧୦ କେଜି ଚାଉଳ, ଗହମ, ଡାଲି, ରାସନ ପେକଜ ଦେବା, ଶ୍ରମିକ ବିରୋଧି ଶ୍ରମ ଆଇନ ସଂଶୋଧନ ବାତିଲ କରିବା , ପେଟ୍ରୋଲ , ଡିଜେଲ ଗ୍ୟାସ ଦର, ବୃଦ୍ଧି ପ୍ରତ୍ୟାହାର କରିବା, ସ୍ୱାମୀନାଥନ କମିଟି ରିପୋର୍ଟ ଲାଗୁ କରିବା, ସରକାରି ଉଦ୍ୟୋଗ ବିକ୍ରି ପନ୍ଦ କରିବା, ବ୍ୟାପକ କର୍ମ ନିଯୁକ୍ତି ଦେବା, ସମସ୍ତ କଳା କାନୁନ ବାତିଲ କରିବା ଆଦି ଦାବି ନେଇ ଆସନ୍ତା ୨୭ ତାରିଖରେ ସବ ଭାରତିୟ ବନ୍ଦ ଡକା ଦିଆଯାଇଛି । ଏହା କୁ ସଫଳ କରିବା ପାଇଁ କୃଷକ ମାନଙ୍କ ମିଳିତ ମଂଚ ଓ ଶ୍ରମିକ କର୍ମଚାରି ମାନଙ୍କ ବୈଠକରେ କୋରାପୁଟ ଜିଲା ସମସ୍ତ ରାଜନୈତିକ, ଅଣ ରାଜନୈତିକ ସଂଗଠନ, ବ୍ୟବସାୟି ସଂଗଠନ, ଟ୍ରକ, ବସ ମାଲିକ ସଂଘ, ଚାମ୍ବର ଅଫ କର୍ମସ, ଓକିଲ ସଂଘ ଓ ସାଧାରଣ ଜନତାକୁ ଅନୁରୋଧ କରାଯାଇଛି । କେନ୍ଦ୍ରୀୟ ସଂଗଠନର ଆହ୍ୱାନ କ୍ରମେ ପ୍ରଚାର ପତ୍ର ବଣ୍ଟନ, ଡାକବାଜି ଯନ୍ତ୍ର ପ୍ରଚାର ସହ, ମଶାଲ ପଟୁଆର ପାଇଁ ନିଷ୍ପତ୍ତି ହୋଇଛି । କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ୨୦୨୦ ସେପଟ୍ମେର ମାସର ରେ ପାଲାମେଣ୍ଟରେ ୩ଟି କଳା କୃଷି ଆଇନ ଓ ବିଦ୍ୟୁତ ଆଇନ ୨୦୨୦ ବ୍ୟାପକ ଚର୍ଚ୍ଚା ନ କରି ଏବଂ ରାଜ୍ୟ ସଭାରେ ସମ୍ବିଧାନକୁ ଅବମାନନା କରି ଆଇନ ପାରିତ କରିଛନ୍ତି । ଯତେବେଳେ କି ଦେଶ ବାସୀ କୋରୋନା ମହାମାରୀ କବଳରୁ ମୁକ୍ତି ପାଇ ସଂଘର୍ଷ କରୁଥିଲେ ଏବଂ ଦେଶରେ ଲକ ଡାଉନ ଓ ସଡ ଡାଉନ ଲାଗି ରହିଥିଲା । ଏହି ଆଇନ ଗୁଡିକ ବିରୁଦ୍ଧରେ ଦେଶ ବାସୀ ପ୍ରଚଣ୍ଡ ପ୍ରତିବାଦ ଆନ୍ଦଳନ ହେବା ପରେ ମଧ୍ୟ ମୋଦି ସରକାର ବିଭିନ୍ନ ସଂଶୋଧନ ପ୍ରସ୍ତାବ ଏବଂ ଆଲୋଚନା ଆୟୋଜନ କରି କାଳକ୍ଷେପଣ ନିତି ଆରମ୍ଭ କଲେ । ନଭେମ୍ବର ୨୬ ସମ୍ବାଧାନ ପ୍ରତିଷ୍ଠା ଦିବସ ପୁବରୁ ନଭେମ୍ବର ୨୫ ତାରିଖ ଦିନ କୃଷକ ମାନେ ସାରା ଭାରତ ବନ୍ଦ ଡକରା ଦେଇ ଦିଲ୍ଲି ଅଭିଯାନରେ ବାହାରି ପଞ୍ଜାବର ସିଙ୍ଘୁ ବଡରରେ ଧାରଣା ଦେଇଥିଲେ ଯାହାକ ଆଜି ପଯ୍ୟନ୍ତ ଜାରି ରହିଛି । ଏହି କଳା କୃଷି ଆଇନ ବାତିଲ, ଦରଦାମ ନିୟନ୍ତ୍ରଣ ଓ କୋରନା ମହାମାରୀ ସମୟରେ ଆଶୁ ସହାୟତା ଦାବି କରି କୃଷକ ମାନଙ୍କ ପକ୍ଷରୁ ସବ ଭାରତୀୟ ବନ୍ଦ ଡକରା ପ୍ରଥମ କରି ଦିଆଯାଇଥିଲା । ଏହି ବୈଠକରେ ଶ୍ରୀକାନ୍ତ ମହାନ୍ତି, ସୁବାଷ ଭଟ୍ଟାଚାଯ୍ୟ, ସୁଧିଷ୍ଟିର ରାଉଳ, ମନୋଜ ମହାପାତ୍ର, ପ୍ରମୋଦ ମହାନ୍ତି, ସୁଦର୍ଶନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାର ବିଭିନ୍ନ ବ୍ଲକରୁ କାଯ୍ୟକତା ମାନେ ଉପସ୍ଥିତ ଥିଲେ ।

# ପଥର ପ୍ୟାକିଂ କରି ଲୁଟିଲେ ଲକ୍ଷଲକ୍ଷ ଟଙ୍କା : ଉଚ୍ଚସ୍ତରୀୟ ତଦନ୍ତ ଦାବି

ଧର୍ମଶାଳା,୨୧/୯ (ନି.ପ୍ର): ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି । ବର୍ଷା ସାଙ୍ଗକୁ ବନ୍ୟା ଜଳକୁ ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ତେବେ ଏହି ଲଗାଣ ବର୍ଷାରେ ଯାଜପୁର ଜିଲା ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ଅଂଚଳ ଜଳମଗ୍ନ ହୋଇଛି । ହେଲେ ନଦୀ ବନ୍ଧରେ ନିମ୍ନମାନର ଓ ଅଳ୍ପ ସ୍ଥାନରେ ପଥର ପ୍ୟାକିଂ କରି ଲକ୍ଷଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଅଂଚଳରେ । ଏହି ବ୍ରହ୍ମବରଦା ଦେଇ ଯାଇଛି ବ୍ରାହ୍ମଣୀ ନଦୀ । ଏହି ବନ୍ଧର ସଦୃଢୀକରଣ ନିମନ୍ତେ ଏଠାରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ମାଟି ପକାଇବା ସାଂଗକୁ ପଥର ପ୍ୟାକିଂ ପାଇଁ ଠିକାଦରଙ୍କୁ ନିଯୁକ୍ତି କାର୍ଯ୍ୟାଦେଶ ଦିଆଯାଇଥିଲା । ଠିକାଦାର ନିଜ ମନମୁତାବକ ମାଟି ବଦଳରେ ବାଲି ପକାଇ କାର୍ଯ୍ୟ କରିବା ସହ କେବଳ ମହେଶ୍ୱରପୁର ଚାନ୍ଦପୁରଠାରେ ୧ କିମି ପର୍ଯ୍ୟନ୍ତ ପଥର ପ୍ୟାକିଂ କରି କାର୍ଯ୍ୟ ସାରି ଦେଇଥିବା ଜଣାପଡିଛି । ଚଳିତ ବର୍ଷ ବନ୍ୟା ଆସିବା ସମୟରେ ବନ୍ଧ ଧସି ଯିବା ସହ ନଦୀ ବନ୍ଧ ବର୍ଷା ଜଳରେ ଧୋଇରେ ଗଲାଣି । ଯାହାକୁ ନେଇ ଏଠାରେ ବ୍ୟାପକ ଦୂନୀତି ହୋଇଥିବା ନଦୀ କୂଳିଆ ଲୋକେ ଅଭିଯୋଗ କରିଛନ୍ତି । ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତୁରାରେ ଲକ୍ଷଲକ୍ଷ ଟଙ୍କା ଲୁଟି ନେଇଥିବା ସେମାନେ ଅଭିଯୋଗ କରିଛନ୍ତି । ତେବେ ଏଠାରେ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ କାରଣ ପଦାକୁ ଆସିବ ବୋଲି ଅଂଚଳବାସୀ ଦାବି କରିଛନ୍ତି ।

# ଶଙ୍କରାଚାର୍ଯ୍ୟଙ୍କ ଚର୍ତୁମାସ୍ୟା ବ୍ରତ ସମାପନ

ପୁରୀ,୨୧/୯ (ନି.ପ୍ର): ଗୋବର୍ଦ୍ଧନ ପୀଠ ଠାରେ ଗତ ଚାରିମାସ ଧରି ଚର୍ତୁମାସ୍ୟା ବ୍ରତ ପାଳନ କରାଯାଉଥିଲା । ଆଜି ଏହି ବ୍ରତ ସମାପାନ ହେବା ପରେ ଶଙ୍କରାଚାର୍ଯ୍ୟ ଜଗଦଗରୁ ନିର୍ଶ୍ଚିଳାନନ୍ଦ ସରସ୍ୱତୀ ଶଙ୍ଖକ୍ଷେତ୍ର ସୀମା ପାର କରି ତୁଳସୀ ଚଉରା ପର୍ଯ୍ୟନ୍ତ କମନ କରିଥିଲେ । ସେଠାରୁ ଫେରିବା ପରେ ଶଙ୍ଖକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା ବାଟ ମଙ୍ଗଳାଙ୍କୁ ଦର୍ଶନ କରିଥିଲେ । ସେଠାରୁ ଆସିବା ପରେ ସ୍ୱର୍ଗଦ୍ୱାର ନିକଟ ସମୁଦ୍ର ଆଳତି ମଣ୍ଡପକୁ ଯାଇ ସମୁଦ୍ର ଆଳତି କରିଥିଲେ । ପରେ ମଠକୁ ପ୍ରତ୍ୟାବର୍ତନ କରିଥିଲେ । ଗୁରୁଜୀଙ୍କ ସହ ଶୋଭାଯାତ୍ରାରେ ତାଙ୍କ ଶିଷ୍ୟଙ୍କ ସହ ସହଯୋଗୀମାନେ ସାମିଲ ହୋଇଥିଲେ ।

# ମଦ ଓ ବାଇକ ଜବତ : ଜଣେ ଗିରଫ

ଜୟପୁର ,୨୧/୯ (ନି.ପ୍ର): ଜୟପୁର ଅବକାରୀ ବିଭାଗ ବଦ ଚାଲାଣ ବେଳେ ଚଢାଉ କରିଛି । ଚଢାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ସୋମନାଥ ହରିଜନ (୨୦) । ନିଲୁଗୁଡାରୁ ମଦ ଧରି ବାଇକରେ ଜୟପୁର ସହରକୁ ଆସୁଥିବା ବେଳେ ଜୟନଗର ଛକ ଠାରେ ଅବକାରି ବିଭାଗ ଚଢାଉ କରି ଜଣକୁ ଗିରଫ କରିଛି । ତାଠାରୁ ୨୫ ଲିଟର ଦେଶି ମଦ, ବାଇକକୁ ଜବତ କରିଛି ।

# ଶ୍ରୀମନ୍ଦିର ଚୌହଦୀରେ ପୁଣି ଉଚ୍ଛେଦ

ପୁରୀ,୨୧/୯ (ନି.ପ୍ର): ଆଜି ଶ୍ରୀମନ୍ଦିର ୭୫ ମିଟର ସୁରକ୍ଷା ଜୋନ ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ବାସେଳୀ ସାହି ମୌଜା ଗାଣ୍ଟୁଆ ଚଉରା ଛକରେ ଥିବା ୩ଟି ଘରୋଇ କୋଠାକୁ ଉଚ୍ଛେଦ କରାଯାଇଛି । ଏହି ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଜେସିବି ମେସିନ୍ ଓ ୧ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ । ସେଠାରେ ଅଧିକାଂଶ ଘର ଉଚ୍ଛେଦ ହୋଇସାରିଲାଣି । କେତେକ ଜମିରେ କୋର୍ଟ ମାମଲା ଥିବାରୁ ଓ କ୍ଷତିପୂରଣ ଅର୍ଥକୁ ନେଇ ବୁଝାମଣା ହୋଇନଥିବା ସେଗୁଡ଼ିକୁ ଭଙ୍ଗା ଯାଇପାରିନାହିଁ । ସମ୍ପୁର୍ଣ୍ଣ ଉଚ୍ଛେଦ ପରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ସୁତ୍ରରୁ ଜଣାପଡ଼ିଛି ।

## ଭ୍ରମଣ ପୂର୍ବରୁ ପ୍ରସ୍ତୁତି...



କର୍ମଜୀବୀ ଲୋକେ କାମରୁ ବିଶ୍ରାମ ନେବାପାଇଁ ଭ୍ରମଣକୁ ସବୁଠୁ ଉତ୍କୃଷ୍ଟ ଉପାୟ ବୋଲି ମନେ କରୁଛନ୍ତି । ପ୍ରକୃତରେ ମଧ୍ୟ ଅନେକଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉଛି । ବର୍ଷକୁ ଥରୁଟିଏ କିମ୍ବା ଦୁଇଥର ଭ୍ରମଣ କଲେ ସେମାନଙ୍କୁ କାମର ଚାପରୁ ମୁକ୍ତି ମିଳିଥାଏ ବୋଲି ସର୍ବେକ୍ଷଣରେ ପ୍ରକାଶ ପାଇଛି । ତେବେ ଯାତ୍ରା ଆରମ୍ଭ ପୂର୍ବରୁ ପ୍ରଥମେ ନିଜ ଆବଶ୍ୟକ ଜିନିଷକୁ ସଂଗ୍ରହ କରିବା ନିମନ୍ତେ ତାଲିକାଟିଏ ପ୍ରସ୍ତୁତ କରନ୍ତୁ ।

ବଜାରରେ ଓ ଅନ୍-ଲାଇନରେ ବିଭିନ୍ନ କମ୍ପାନୀର ଶସ୍ତାଠାରୁ ମହରଗ ବ୍ୟାକ୍ ପ୍ୟାକ୍ ବ୍ୟାଗମାନ ମିଳୁଛି । ସେହି ବ୍ୟାଗଟିଏ କିଣିବା ସହ ସେଥିରେ ବିସ୍କୁଟ, ପାଉଁରୁଟି, ଜାମ୍ ଇତ୍ୟାଦି ଶୁଖିଲା ଖାଦ୍ୟ ରଖିପାରିବେ ।

ଏବେ ଯାତ୍ରା ସମୟରେ ମୁଖ୍ୟ ସାଥି ହେଲା ସ୍ମାର୍ଟଫୋନ୍ । ତେବେ ସ୍ମାର୍ଟଫୋନରେ ବ୍ୟାଟେରି ରହିବା ଅନ୍ୟତମ ପ୍ରମୁଖ ଆବଶ୍ୟକତା । ବ୍ୟାଟେରି ଶେଷ ହେବାର ଭୟରୁ ବର୍ତ୍ତିବା ନିମନ୍ତେ ନିଜ ସହ ପାଓ୍ୱାର ବ୍ୟାଙ୍କ ନେବାକୁ ଯେପରି ଆପଣ ନ ଭୁଲନ୍ତି ।

ଯେ କୌଣସି ହୋଟେଲରେ ସୁରକ୍ଷିତ ଭାବେ ରହିଲେ ମଧ୍ୟ ରିଚାର୍ଜେବଲ୍ ଟର୍ଚ୍ଚଟିଏ ସାଥିରେ ରଖନ୍ତୁ । ଆବଶ୍ୟକ ସମୟରେ ତାହା ମଧ୍ୟ କାମରେ ଆସିପାରେ ।

ସ୍ମାର୍ଟ ଯୁଗରେ ଯାତ୍ରା ସମୟରେ ଅଧିକାଂଶ ଲୋକ ସ୍ମାର୍ଟ ଓ୍ୱାଚ୍ ପିନ୍ଧିବାକୁ ଖୁବ୍ ପସନ୍ଦ କରିଥାନ୍ତି । କାରଣ ଏହା ସ୍ଥାନର ଜଳବାୟୁ ଅନ୍ୟ ଆଖପାଖ ସ୍ଥାନର ପ୍ରକୃଷ୍ଟ ଦୂରତା ଇତ୍ୟାଦି ନୋଟିଫିକେସନ ଭାବେ ଅବଗତ କରାଇଥାଏ ।

ଜ୍ୱର, ଝାଡ଼ା, ବାନ୍ତି, ପେଥବ୍ୟଥା ଇତ୍ୟାଦିର ଔଷଧ ଡାକ୍ତରଙ୍କ ପରାମର୍ଶ କ୍ରମେ ନେଇଯାନ୍ତୁ । ତାହା ମଧ୍ୟ କାମରେ ଆସିପାରେ ।



## ସ୍ମାର୍ଟଫୋନ୍ ଚିହ୍ନିବ କର୍କଟ ରୋଗ



ଏଣିକି ସ୍ମାର୍ଟଫୋନ୍ କର୍କଟ ରୋଗ ଚିହ୍ନଟ କରିବ ବୋଲି ଇସ୍ରାଇଲର ଗବେଷକମାନେ ମତ ଦେଇଛନ୍ତି । ଏକ ସ୍ମାର୍ଟଫୋନ୍ ନିର୍ମାଣ କରି ସେମାନେ ଏହା ଜାଣିପାରିଛନ୍ତି । ଏହି ଫୋନ୍ ଦ୍ୱାରା ରୋଗୀକୁ କର୍କଟ ହୋଇଛି କି ନାହିଁ ଜାଣିହେବ । ରୋଗ ଚିହ୍ନଟ ସହ ଏହାର ଲକ୍ଷଣ ମଧ୍ୟ ଜାଣିହେବ । ଏହି ସ୍ମାର୍ଟଫୋନରେ ଫଟୋ ନେବାପାଇଁ ଏକ ଲେନ୍ସ ଲଗାହେବା ସହ ପ୍ଲାଷ୍ଟିକର ଏକ ହ୍ୟାଣ୍ଡେଲ ଲଗାଯାଇଛି । ସ୍ମାର୍ଟଫୋନରେ ଉଠାଯାଉଥିବା ଫଟୋକୁ ପରୀକ୍ଷଣ କରିବା ପାଇଁ ଅପଲୋଡ଼୍ କରାଯାଇଥାଏ । ଫଟୋ ସବୁଜ ରଙ୍ଗର ହୋଇଥାଏ । କିନ୍ତୁ କ୍ୟାନସର କୋଷ ଅଲଗା ରଙ୍ଗର ଦେଖାଯାଇଥାଏ । ଆଶଙ୍କା କରାଯାଉଥିବା ତ୍ୱଚା କର୍କଟ ଓ ରକ୍ତ ଜମାଟ ବାନ୍ଧିଥିବା ସ୍ଥାନରେ ମୋବାଇଲର ବଡ଼ ଲେନ୍ସ ଦ୍ୱାରା ଫଟୋ ଉଠାଯାଇଥାଏ । ଯଦି ଉକ୍ତ ସ୍ଥାନରେ କର୍କଟ ହୋଇଥାଏ, ତେବେ ଫଟୋ ଲାଲ୍ ରଙ୍ଗ ହୋଇଯିବ । ଲାଲ୍ ରଙ୍ଗରୁ ହିଁ ଜଣାପଡ଼ିବ କର୍କଟ ହୋଇଛି କି ନାହିଁ ।

## କେଶ ଅଧିକ ଝଡୁଥିଲେ



ବର୍ଷାଦିନେ ଉଭୟ ଯୁବତୀ ଓ ମହିଳାଙ୍କର ସାମାନ୍ୟ ଅଧିକ କେଶ ଝଡ଼ା ହୋଇଥାଏ । ଏଥିନିମନ୍ତେ ବ୍ୟସ୍ତବିବ୍ରତ ନ ହୋଇ ବରଂ ଘରୋଇ ଉପଚାର କରିବା ଉଚିତ୍ ।

♦ଅଣ୍ଡାର ଧଳା ଅଂଶକୁ ଏକ ପାତ୍ରରେ ନେଇ ସେଥିରେ ୨ ଚାମଚ ଅଲିଭ ତେଲ ମିଶାଇବେ । ତାହାକୁ ପ୍ୟାକ୍ ଭଳି କେଶ ମୂଳରେ ଲଗାଇ ୨୦ ମିନିଟ୍ ପରେ ଶ୍ୟାମ୍ପୁ କରନ୍ତୁ । ସପ୍ତାହକୁ ୨ଥର ଏଇ ଉପାୟ କରିବାପରେ ଦେଖିବେ କେଶଝଡ଼ା ହ୍ରାସ ପାଇଛି ।

♦ଗୋଟିଏ ପାତ୍ରରେ ମେଥିଦାନାକୁ ଭିଜାଇ ପୂରା ରାତି ରଖନ୍ତୁ । ସକାଳୁ ସେହି ପାଣିକୁ ଛାଣି ବାଲଟିଏ ପାଣିରେ ମିଶାଇ କେଶ ଧୁଅନ୍ତୁ । ଏଇ ପାଣି କେଶ ମୂଳକୁ ଶକ୍ତ କରିବା ସହ ଅକାଳପକ୍ୱତାରୁ ରକ୍ଷା କରେ ।



♦ଦହିକୁ କେଶମୂଳରେ ଲଗାଇ ୧୫ ମିନିଟ୍ ଶାମ୍ପୁ କରିନେବେ । ଏହା ମଧ୍ୟ କେଶ ଝଡ଼ାରୁ ରୋକିବା ସହ କେଶର ଘନତ୍ୱ ବଢ଼ାଇଥାଏ ।

♦ନଡ଼ିଆ ପାଣିକୁ ତୁଳାରେ ନେଇ କେଶମୂଳରେ ଲଗାଇ କିଛି ସମୟ ପରେ କେଶ ଧୂଅନ୍ତୁ । କେଶ ଝଡ଼ିବାର ରକ୍ଷା ପାଇବା ନିମନ୍ତେ ଏହା ଏକ ସର୍ବୋତ୍କୃଷ୍ଟ ।

## ଅଲିଭ୍ ତେଲର ଉପକାରିତା



ବିଦେଶୀ ରାଇଜରେ ରୋଷଶାଳାରେ ଅଲିଭ ତେଲର ସ୍ଥାନ ବେଶ୍ ସ୍ୱତନ୍ତ୍ର । ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏଇ ତେଲ ମୁଖ୍ୟ ବୋଲି ସେମାନଙ୍କ ଧାରଣା । ଖାଦ୍ୟ ବିଶେଷଜ୍ଞ ମତରେ ବିଭିନ୍ନ ପ୍ରକାର ତେଲରେ ଭିନ୍ନଭିନ୍ନ ପୋଷକତତ୍ତ୍ୱ ମହଜୁଦ ଥାଏ । ସେହିପରି ଅଲିଭି ତେଲର ମଧ୍ୟ ଅନେକ ଉପକାରିତା ଅଛି ।

ବିଶେଷକରି ବିଭିନ୍ନ ସାଲାଡରେ ସାମାନ୍ୟ ଅଲିଭ ତେଲ ମିଶାଇ ଖାଇଲେ ତାହା ସାଲାଡର ପୋଷକତତ୍ତ୍ୱ ବୃଦ୍ଧି କରିଥାଏ । ରକ୍ତଚାପ ରୋଗୀ ହୃଦରେରାଗୀ ଏଇ ତେଲରେ ରନ୍ଧା ଖାଦ୍ୟ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ ବୋଲି ବିଶେଷଜ୍ଞଙ୍କ ମତ ।



ପ୍ରଚୁର ପରିମାଣ ଆଣ୍ଟି ଅକ୍ସିଡାଣ୍ଟ ମହଜୁଦ୍ ଥିବା ଅଲିଭ ତେଲ ରନ୍ଧା ଖାଇଲେ କର୍କଟରୋଗ ହେବାର ଆଶଙ୍କା କମ୍ ହୋଇଥାଏ ବୋଲି ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ।

ଭିଟାମିନ୍ କେ ଓ ଇ ଭରପୂର ଥିବା ଅଲିଭ ତେଲ ଖାଇଲେ ହାଡ଼ ଓ ଗଣ୍ଠିକୁ ଶକ୍ତି ମିଳିଥାଏ ବୋଲି ଗବେଷକଙ୍କ ମତ ।

## ଗଜାମୁଖ ଖାଆନ୍ତୁ, ସୁସ୍ଥ ରହନ୍ତୁ

ଗଜାମୁଗ ଏସବୁ ହେଉଛି ପୋଷଣର ଗନ୍ତାଘର । ଏଥିରେ ପ୍ରୋଟିନ, ଖଣିଜଲବଣ, ଶ୍ୱେତସାର, ଭିଟାମିନ୍ ଓ ଅଳ୍ପ ପରିମାଣର ଅତ୍ୟାବଶ୍ୟକ ଏସିଡ୍ ରହିଛି । ପ୍ରତ୍ୟେକ ଦନ ଗଜାମୁଗ ଖାଇଲେ ଅନ୍ୟ କୌଣସି ଟନିକ, ଭିଟାମିନ୍, ପ୍ରୋଟିନ୍ ଓ ଖଣିଜ ଲବଣର ଆବଶ୍ୟକତା ପଡ଼ିବନି । ଏକ ପରୀକ୍ଷଣରୁ ଜଣାପଡ଼ିଛି ଯେ ଏକ କପ ଗଜା ସୋୟାବିନରେ ଯେତିକି ପରିମାଣରେ ଭିଟାମିନ୍ ସି ରହିଛି, ଛ’ଗ୍ଲାସ କମଳା ରସରେ ସେତିକି ଭିଟାମିନ୍ ନଥାଏ । ଗୋଟିଏ କିଲୋଗ୍ରାମ ଅଟାରେ ପୋଷକତତ୍ତ୍ୱ ଯେତିକି ରହିଥାଏ, ତାହାଠାରୁ ଅଧିକ ଭିଟାମିନ୍ ଗଜା ଗହମରେ ରହିଥାଏ । ଏହାସବୁ ପ୍ରକାରର ଶସ୍ୟ ଓ ଡାଲିଜାତୀୟ ଖାଦ୍ୟରେ ରହିଥାଏ ।

## ବାଡ଼ିରେ ଲଗାନ୍ତୁ ଔଷଧୀୟ ଚାରା

ପ୍ରାଚୀନ କାଳରୁ ଆମ ପରମ୍ପରାରେ ବିଭିନ୍ନ ରୋଗ ଉପଚାରରେ ଔଷଧୀୟ ବୃକ୍ଷର ପ୍ରୟୋଗ ହୋଇ ଆସୁଛି । ନିଜ ବାଡ଼ିରେ ଔଷଧୀୟ ଚାରା ଲଗାଇଲେ ବିଭିନ୍ନ ରୋଗରେ ଏହାର ପ୍ରୟୋଗ କରାଯାଇ ଉପଶମ ମିଳିପାରିବ । ୪୫୦୦ ବର୍ଷ ତଳେ ରଚନା କରାଯାଇଥିବା ଅଥର୍ବ ବେଦରେ ଆୟୁର୍ବେଦ ସମ୍ବନ୍ଧରେ ବିଶେଷ ଭାବରେ ଉଲ୍ଲେଖ ରହିଛି । ତେବେ ପରବର୍ତ୍ତୀ ସମୟରେ ଚରକ, ବରାହମିହିର ପ୍ରମୁଖ ମୁନିଋଷି ଏହାକୁ ଆହୁରି ବ୍ୟାପକ କରିଛନ୍ତି । ବିଭିନ୍ନ ଗ୍ରନ୍ଥରେ ୮୦୦୦ ଜାତି ଓ ଉପଜାତିର ଔଷଧୀୟ ଉଦ୍ଭିଦ ସମ୍ପର୍କରେ ବର୍ଣ୍ଣନା ରହିଛି । ସେଗୁଡ଼ିକ ମଧ୍ୟରେ ଅଶୋକ, ରକ୍ତଚନ୍ଦନ, ନାଗେଶ୍ୱର, ଡଙ୍କରୀ, ବରୁଣ, ବାଇବିଡଙ୍ଗ, ସର୍ପଗନ୍ଧା, କୋଇଲିକନ୍ଦ, ପାଟଳୀ ଆଦି ମୂଲ୍ୟବାନ ଔଷଧୀୟ ବୃକ୍ଷ ଲୋପପାଇବାକୁ ବସିଲାଣି । ସଚେତନତା ଅଭାବରୁ ଏହି ବିରଳ ଉଦ୍ଭିଦଗୁଡ଼ିକୁ ବିଲୁପ୍ତ ହେବାକୁ ବସିଛି । ଏ ଦିଗରେ ଯଥେଷ୍ଟ ଜନସଚେତନତାର ଆବଶ୍ୟକତା ରହିଛି । ତେବେ ସରକାରଙ୍କ ପକ୍ଷରୁ ସଚେତନ କରିବାର ଉଦ୍ୟମ ଜାରି ରହିଛି । ଏବେ ପ୍ରାୟତଃ ବହୁ ଲୋକ ନିଜ ବାଡ଼ି ବଗିଚାରେ ବିଭିନ୍ନ ପ୍ରକାରର ଔଷଧୀୟ ଚାରା ଲଗାଉଛନ୍ତି ।



## ବର୍ଷାଦିନରେ ଚିକନଗୁନିଆର ଭୟ

ଚିକନଗୁନିଆ ମାଦା ଏଡିଜ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ । ଏହି ମଶା ଦିନରେ ଅଧିକ କାମୁଡ଼ନ୍ତି । ମଶାଙ୍କର ଲାଳରେ ଥିବା ଚିକନଗୁନିଆ ଜୀବାଣୁ ଶରୀରରେ ପହଂଚି ରୋଗର କାରଣ ହୋଇଥାନ୍ତି । ଏହି ରୋଗର ଅଧିକ ଦୁଷ୍ପ୍ରଭାବ ଲିଭର ଉପରେ ପଡ଼ିଥାଏ । ଯାହା ଦ୍ୱାରା ଲିଭରରେ ପିତ୍ତ ରସ ତିଆରି ହେବା ବନ୍ଦ ହୋଇଯାଏ । ଏହା ପାଚନ କ୍ରିୟାରେ ହେଉଥିବା ବିକାରକୁ ଦୂର କରିଥାଏ ।



ଲକ୍ଷଣ: ଗଣ୍ଠି ସ୍ଥାନରେ ଅଧିକ ବ୍ୟଥା, ଜ୍ୱର, ଦୁର୍ବଳତା, ଶରୀର ଫୁଲିବା, କୁଣ୍ଡେଇ ହେବା, ପରିସ୍ରା ନ ଲାଗିବା, ବିଚଳିତ ଅନୁଭବ କରିବା, ଥଣ୍ଡା କାଶ ହେବା ଓ ଖାଇବାରେ ସ୍ୱାଦ ନଲାଗିବା ଭଳି ସମସ୍ୟା ଦେଖାଦେଇଥାଏ । ଏହି ରୋଗ ବର୍ଷା ଦିନରେ ଆରମ୍ଭ ହୁଏ । ଏଥିରୁ ରକ୍ଷା ପାଇବା ପାଇଁ ଜୁଲାଇ ମାସର ପ୍ରାରମ୍ଭରେ ଫଳାତ୍ରିକାଦୀକସାୟର କାଢ଼ା ତିନି ଦିନ ପର୍ଯ୍ୟନ୍ତ ସକାଳେ ସଂଧ୍ୟାରେ ପିଅନ୍ତୁ । ଏଥିରେ ହରିଡ଼ା, ବାହାଡ଼ା, ଅଁଳା, ଚିରାୟତା, ବାସାପତ୍ର, ନିମପତ୍ର, କୁଟକୀ ଓ ଗିଲୋୟ ମିଶିଥାଏ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇ ଚିକନଗୁନିଆ, ଡେଙ୍ଗୁ, ମ୍ୟାଲେରିଆ ସହିତ ସୁଗାର ଓ କାମଳ ରୋଗୀମାନଙ୍କୁ ମଧ୍ୟ ଲାଭ ଦେଇଥାଏ । ଶରୀରର ଇମ୍ୟୁନିଟି ବଢ଼ାଇବା ପାଇଁ ୩-୪ ତୁଳସୀ ପତ୍ର, ଗିଲୋୟ ରସ ଓ ଗିଲୋୟ ଧନବଟୀ ପିଅନ୍ତୁ ଓ ଖାଆନ୍ତୁ ।

**କାଢ଼ା ତିଆରି କରିବାର ପଦ୍ଧତି:** ହରିଡ଼ା, ବାହାଡ଼, ଅଁଳା, କୁଟକୀ, ଚିରାୟତା, ବାସାପତ୍ର, ନିମପତ୍ର ଓ ଗିଲୋୟକୁ ସମାନମାତ୍ରାରେ ନେଇ ତାକୁ ଚୂର୍ଣ୍ଣ କରି ରଖନ୍ତୁ । ପ୍ରତ୍ୟେକ ଦିନ ୧୦ ଗ୍ରାମ ଚୂର୍ଣ୍ଣକୁ ନେଇ ଏକ ଗ୍ଲାସ ପାଣିରେ ଫୁଟାନ୍ତୁ । ପାଣି ଫୁଟି ୪ ଭାଗରୁ ଏକ ଭାଗ ହୋଇଗଲା ପରେ ଅଳ୍ପ ଗରମ ଥିବା ଅବସ୍ଥାରେ ପିଅନ୍ତୁ ।

## ପାଚିଲା ଅମୃତଭଣ୍ଡାର ଉପକାରିତା

ପାଚିଲା ଅମୃତଭଣ୍ଡା ଭିଟାମିନ ଏ ଏବଂ ବିର ଗୁଣରେ ଭରପୂର । ଏହାକୁ ଖାଇବା ସହିତ ସ୍କିନର ଯତ୍ନ ପାଇଁ ମଧ ବ୍ୟବହାର କରାଯାଏ । କଞ୍ଚା ଅମୃତଭଣ୍ଡାକୁ ତରକାରୀ ଓ କୋପ୍ତା କରାଯାଏ । ପାଚିଲା ଅମୃତ ଭଣ୍ଡାକୁ ଫଳ ଭାବରେ ଖିଆଯାଏ । ବହୁତ ଲୋକ ଅମୃତଭଣ୍ଡାକୁ ଫେସଫ୍ୟାକ୍ ଭାବରେ ମଧ ବ୍ୟବହାର କରନ୍ତି । ଏମିତି ତ ହଓ୍ୱାଇନ ଓ ମେକ୍ସିକନ ଅମୃତଭଣ୍ଡାର ସ୍ୱାଦ ମଧ ଅଲଗା ଅଲଗା ଏହି ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ଅଟେ । ଶହେ ଗ୍ରାମ ଅମୃତଭଣ୍ଡାରୁ ୧ରୁ୨ଚାମଚ ପ୍ରୋଟନ, ୯୮ କ୍ୟାଲୋରୀ, ୭୦ ଏମଜି ଆଇରନ ଭରପୂର ମାତ୍ରାରେ ମିଳେ । ଏହା ପଟେ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଏହା ଖାଦ୍ୟ ହଜମ କରିବାରେ ମଧ ସାହାଯ୍ୟ କରେ । କଞ୍ଚା ଅମୃତଭଣ୍ଡାକୁ ଯଦି ଆମିଷ ତରକାରୀରେ ପକାଯାଏ, ତେବେ ଏହା ଜଲଦି ସିଝିଯାଏ । ଏହାକୁ ତାଜା ଖାଇବା ଉଚିତ କାରଣ ଗଛରୁ ପଡ଼ିବା ପରେ ଏହା ବେଶୀ ଦିନ ପର୍ଯ୍ୟନ୍ତ ଫ୍ରେସ ରୁହେ ନାହିଁ ଏହି ଗଛ ଲଗାଇବାର ଦୁଇରୁ ତିନି ବର୍ଷ ମଧ୍ୟରେ ଫଳ ଆସିଯାଏ ।



**ଉପକାରିତା:**

♦କୌଣସି ପୋଲିଓଗ୍ରସ୍ତ ଲୋକଙ୍କ ପାଇଁ ଏହା ବେଶ୍ ଲାଭଦାୟକ ।

♦ଏଥିରେ ପପେନ ନାମକ ପଦାର୍ଥ ଥାଏ ଯାହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟକରେ ।

♦ଏହାକୁ ମୁହଁରେ ଲଗାଇଲେ ବ୍ରଣ ହୁଏ ନାହିଁ ତଥା କଳାଦାଗକୁ କମ କରେ ।

♦ଏହାକୁ ବହୁତ ଲୋକ ପ୍ରାକୃତିକ ବ୍ଲିଚ ଭାବରେ ମଧ ବ୍ୟବହାର କରାଯା, ।

♦ଦାନ୍ତରୁ ଯଦି ରକ୍ତ ବାହାରୁଥାଏ । ତେବେ ଏହାର ସେବନ ଯୋଗୁଁ ଲାଭ ମିଳିଥାଏ ।

♦ଅର୍ଶ ରୋଗ ପାଇଁ ମଧ ଏହା ବହୁତ ଲାଭକାରୀ କାରଣ ଏହାକୁ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ହୁଏ ନାହିଁ ।

## ଡାଇବେଟିସରୁ ମୁକ୍ତି ପାଆନ୍ତୁ

ଏବେ ପ୍ରାୟତଃ ଅଧିକାଂଶ ଲୋକଙ୍କଠାରେ ଡାଇବେଟିସ ଦେଖାଦେଉଛି । ଏହା ସାଧାରଣ ରୋଗ ହୋଇଥିଲେ ବି ଏହାଦ୍ୱାରା ବ୍ୟକ୍ତିର ଜୀବନ ମଧ୍ୟ ଚାଲିଯାଏ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ଏବେ ଟାଇପ୍-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି । ଗବେଷକଙ୍କ କହିବାନୁସାରେ ଶର୍କରା ସ୍ତର ସାଧାରଣ ଥିଲେ ମଧ୍ୟ ଜଣେ ବ୍ୟକ୍ତିକୁ ଟାଇପ-୨ ଡାଇବେଟିସ ହୋଇଥାଏ । ଏଥିପାଇଁ ଡାଇବେଟିସ ବିଶେଷଜ୍ଞମାନେ କହନ୍ତି ବୟସ ହେବା ପରେ ଡାଇବେଟିସ ପାଇଁ ସଚେତନ ହେବା ଅପେକ୍ଷା ବୟସ ପୂର୍ବରୁ ସଚେତନ ହେଲେ ବହୁତ ଭଲ । ଟାଇପ୍-୨ ଡାଇବେଟିସ ଦ୍ୱାରା ବ୍ୟକ୍ତିର ହୃଦ୍‌ଘାତ,




ହୃଦରୋଗ ଓ ରକ୍ତଚାପ ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ତେଣୁ ଯଥେଷ୍ଟ ପୂର୍ବରୁ ସଚେତନ ହେବା ନିତାନ୍ତ ଆବଶ୍ୟକ । ଏଥିପାଇଁ ପ୍ରତିଦିନ ବ୍ୟାୟାମ, ମର୍ଣ୍ଣିଂଓ୍ୱାକ୍ କରିପାରିଲେ ଏଥିରୁ ମୁକ୍ତି ପାଇପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଦୟନୀୟ ସ୍ମାର୍ଟସିଟି !...

ବର୍ଷର କେଉଁ ସମୟରେ କିଭଳି ପାଣିପାଗ ରହୁଛି, ତାହାର କିଛି ଠିକ୍ ଠିକଣା ନାହିଁ । ବର୍ଷା ଋତୁରେ ଅନାବୃଷ୍ଟି ତ' ଶୀତଋତୁରେ ପ୍ରଚଣ୍ଡ ଗରମ । ପ୍ରକୃତରେ ବିଚିତ୍ର ଆଚରଣ ତମାମ୍ ବିଶ୍ୱରେ ଅଭାବନୀୟ ଅବସ୍ଥାକୁ ଡାକି ଆଣୁଛି । ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ୍ ଭଳି ଉନ୍ନତି ଦେଶରେ ଧ୍ୱଂସଲୀଳା ରଚୁଥିବା ପ୍ରକୃତିର ଅଭାବନୀୟ ସ୍ଥିତିକୁ ଇଙ୍ଗିତ କରୁଛି । ଲକ୍ଷାଧିକ ଏକର ଜଙ୍ଗଲରେ ନିଆଁ ମାସ ମାସ ଧରି ଲାଗି ରହୁଛି । ଯାହା କିଛି ଘଟୁଛି, ତାହା ଉପରେ ଅସହାୟ ମଣିଷର ରହୁନାହିଁ କିଛି ନିୟନ୍ତ୍ରଣ । ଧନ-ଜୀବନ ଏମିତିରେ ନଷ୍ଟ ହେଉଛି, ବହୁକାଳ ପର୍ଯ୍ୟନ୍ତ ପ୍ରାକୃତିକ ସନ୍ତୁଳନ ବିଗିଡ଼ି ଯାଉଛି । ଓଜୋନ୍ ସ୍ତରରେ ଅସନ୍ତୁଳିତ ସ୍ଥିତି ମାନବ ସଭ୍ୟତା ପାଇଁ ଯେଉଁ ମହାବିପଦ ଡାକିଆଣୁଛି, ତାହା ଏବେ ନୁହେଁ ତ' ଅଦୂର ଭବିଷ୍ୟତରେ ଟାଳି ହୋଇପାରିବ, ସେଭଳି କିଛି ଦିଶୁନାହିଁ । ପ୍ରାକୃତିକ ବିପଦ ବାଦ୍ ମନୁଷ୍ୟକୃତ ବିପଦର କିଛି ସୀମା ରହୁନାହିଁ । ବିଶ୍ୱ ସ୍ଥିତି ଯାହା ସେଭଳି ସମସ୍ୟାର ଦୃଶ୍ୟ ଦେଖାଯାଉଛି ଆମ ଏସିଆ ମହାଦେଶରେ । କେଉଁଠି ମହାବନ୍ୟା, ମହାବାତ୍ୟା ତ' ଆଉ କେଉଁଠି ଦୁର୍ଭିକ୍ଷ ଭଳି ଅନାବୃଷ୍ଟି ଜନିତ ସଙ୍କଟ । ପ୍ରକୃତିର ଅଭିଶାପଜନିତ ସ୍ଥିତିକୁ ଟାଳିବା ପାଇଁ ଯାହା କିଛି ସାଧନ ଉପଲବ୍ଧ ଅଛି, ତାହା ପର୍ଯ୍ୟାପ୍ତ ନୁହେଁ । ମାତ୍ର ତାହା ବାହାରେ ଯେଉଁ ହାରରେ ଜଙ୍ଗଲ ନଷ୍ଟ କରାଯାଉଛି, ଜଳସମ୍ପଦର ଦୁର୍ବିନିଯୋଗ କରାଯାଉଛି, ତାହାରି ପ୍ରତିଫଳ ଭୋଗିବାକୁ ପଡୁଛି ସମସ୍ତଙ୍କୁ । ଗତ କେତେବର୍ଷ ଧରି ଏହିଭଳି ଅବିଚାରିତ କାର୍ଯ୍ୟ ସକାଶେ ଦୁର୍ଭୋଗକୁ ଡାକି ଅଣାଗଲା ଭଳି ହେଉଛି । ଚଳିତ ଦଶକରେ କେରଳରେ ମହାବନ୍ୟା ଆସିଲା, ଅନ୍ୟ ରାଜ୍ୟମାନଙ୍କରେ ଅନାବୃଷ୍ଟିଜନିତ ମରୁଡ଼ି ହେଲା । ସରକାର ସମୟାନ୍ତରରେ ଅନୁଗ୍ରହ ରାଶି ମଂଜୁର କରି ସମସ୍ୟାର ସମ୍ମୁଖୀନ ହେବା ପ୍ରୟାସ କରି ରାଜକୋଷ ଖାଲି କରିବା ସାର ହେଲା । ମାତ୍ର ବିପଦର ଦୂରଗାମୀ ସମାଧାନ ପାଇଁ କେତେ କ'ଣ କରାଯାଇପାରିଛି । ଉନ୍ନତି ତ୍ରୁଟିଶୂନ୍ୟ ନଦୀବନ୍ଧ ଯୋଜନା ନଥିବାରୁ ବନ୍ୟା ଆସୁଛି, ସେହିଭଳି ଅନେକ ଅନାଗତ ସମସ୍ୟା ଆସି ସାଧାରଣ ନାଗରିକଙ୍କ ଜୀବନପ୍ରଣାଳୀକୁ ପ୍ରଭାବିତ କରୁଛି । କରୋନା ସଂକ୍ରମଣ ପାଇଁ ତମାମ୍ ବିଶ୍ୱାସୀ ଛଟପଟ ହୋଇସାରିଛନ୍ତି । ସମସ୍ତେ ଏବେ ତୃତୀୟ ଲହର ସଂକ୍ରମଣ ଡରରେ ଥିବା ଭିତରେ ଆସିଗଲାଣି ଡେଙ୍ଗୁ । ତଳ ଦିନରେ ଡେଙ୍ଗୁ, ନିପା, ଇବୋଲାର ମହାସଂକ୍ରମଣ କିଭଳି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଥିଲା, ତାହା ଦେଶ ଦେଖିଛି । ସେହି ପୃଷ୍ଠଭୂମିରେ ସମସ୍ତଙ୍କୁ ସାବଧାନ ରହିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୟାସ ଜାରି ରହିଛି । ବହୁଦିନ ଧରି ବର୍ଷା ନଥିଲା, ଏକାଧିକ ଲଘୁଚାପ ଫଳରେ ଓଡ଼ିଶାର ବହୁ ଜିଲ୍ଲାରେ ଏତେ ଅଧିକ ବୃଷ୍ଟିପାତ ହେଲା ଯେ ଜନଜୀବନ ବେହାଲ୍ ହୋଇପଡ଼ିଲା । ଭୁବନେଶ୍ୱର ଓ କଟକ ଟ୍ୱିନ୍ ସିଟିରେ ରାସ୍ତାଘାଟ ଓ ଘରଦ୍ୱାର ବର୍ଷାଜଳରେ ଭରପୂର ହୋଇଗଲା । ଏହା ଯଦିଓ ବାସିନ୍ଦାଙ୍କ ପାଇଁ ନୂଆ ଅଭିଜ୍ଞତା ନଥିଲା, ଏଥର ତାହା ସବୁ ସୀମାକୁ ଟପିଗଲା ଭଳି ହେଲା । ସ୍ମାର୍ଟ ସିଟି ମାନ୍ୟତା ପାଇଥିବା ଭୁବନେଶ୍ୱରରେ ଜଳ ପ୍ରଳୟ ଦେଖାଦେଲା । ରବିବାର ଜଣେ ଦଶମ ଶ୍ରେଣୀ ଛାତ୍ର ରାଜା ବର୍ଷାପାଣିରେ ଭାସିଯିବା ଭଳି ଅଘଟଣ ସୂଚାଇ ଦେଉଛି, ତୁରନ୍ତ ଜଳ ନିଷ୍କାସନ ପାଇଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ବେପରୁଆ ନୀତିର ଜଳଜଳ ପ୍ରମାଣ । ବରମୁଣ୍ଡାର ଏହି ଦୁର୍ଘଟଣା ପୂର୍ବରୁ ନୟାପଲ୍ଲୀ ଅଞ୍ଚଳରେ ନାଳ ଭିତରେ ପଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଥିଲା ଏହିଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ସତ୍ତ୍ୱେ ନାଗରିକ ସ୍ୱାର୍ଥର ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ଚେତୁନାହାଁନ୍ତି । ନାଳ ମରାମତି ନହୋଇ ଖୋଲାମେଲା ପଡିରହୁଛି, ଆମର ପ୍ରଭାବଶାଳୀ ଅଥଚ ବେପରୁଆ ବାସିନ୍ଦା ନାଳ ପୋତି ତା' ଉପରେ ଘର ଛିଡ଼ା କରିବା ଫଳରେ ସେଗୁଡ଼ିକ ଚୁଙ୍ଘି ହେଇଯାଉଛି । ଏହି ବିପଦ ଏକତରଫା ନୁହେଁ, ପ୍ରଶାସନ ଓ ଅମାନିଆଙ୍କ ଯୁଗଳବନ୍ଦୀ ଯାହା ଘଟୁଛି, ସେଥିରେ ସାଧାରଣ ନାଗରିକମାନେ ହେଉଛନ୍ତି ଶିକାର । କେଉ ମାପକାଠିରେ ଭୁବନେଶ୍ୱରକୁ ସ୍ମାର୍ଟ ସିଟି ଓ ମଷ୍ଟ ଲିଭେବ୍ଲ୍ ସିଟିର ମାନ୍ୟତା ମିଳିଛି, ତାହା ମା' ଗଙ୍ଗେଁଙ୍କୁ ଜଣା । ଆଉ କେତେଜଣ ନିରୀହ ପିଲା ଭାସିମଲେ ସ୍ମାର୍ଟ ସିଟି ମାନ୍ୟତା ଦୃଢ଼ମୂଳ ହେବ, ତାହା ପଚାରୁଛନ୍ତି ଜାଣିବା ଶୁଣିବା ମହଲ । ସମସ୍ତେ ରାଜଧାନୀ ଭୁବନେଶ୍ୱର, ମହାନଗର କଟକ ଓ ଶ୍ରୀକ୍ଷେତ୍ରରେ ବସା ବାନ୍ଧିବା ଚକ୍କରରେ ଅଛନ୍ତି ତଥାକଥିତ ମଷ୍ଟ ଲିଭେବ୍ଲ୍ ସିଟି ସାର୍ଟିଫିକେଟ୍‌ରେ ଆକୃଷ୍ଟ ହୋଇଆସୁଥିବା ରାଜ୍ୟ ବାହାର ଲୋକମାନଙ୍କର ଏଭଳି ଅବସ୍ଥା ଦେଖିଲେ ମୋହଭଙ୍ଗ ହେବା ଏକପ୍ରକାର ଥୟ । ଏମିତିରେ ମାଳମାଳ ଆପାର୍ଟମେଣ୍ଟ ଗଢ଼ିଉଠି ମୂଳ ବାସିନ୍ଦାଙ୍କ ଶ୍ୱାସ ରୁନ୍ଧି ସାରିଲାଣି । ସ୍ମାର୍ଟ ସିଟିର ପରିଧିଧ ଏକପଟେ ଉତରା ଅନ୍ୟପଟେ ଖୋରଧାକୁ ଟପିଗଲାଣି । କେଉଁଠି ନଦୀସ୍ତର ତଳେ ବସତି ଗଢ଼ି ଉଠିଛି ତ' ଆଉ କେଉଁଠି ପୋଖରୀ ପୋତାଯାଇ ବିଲମାଳରେ ମହଲା ମହଲା ଆକାଶ ଛୁଇଁଲାଣି । ଏହା ଯଦି ସ୍ମାର୍ଟ ସିଟି ସଂଜ୍ଞାର ମାପକାଠି ହୋଇଥାଏ, ତେବେ କପାଳରେ କର ମାରିବା ଛଡ଼ା କ'ଣ କରିବା ?

# ସ୍ମାର୍ଟ ସିଟି : ଜଳ ନିଷ୍କାସନ ମୁଖ୍ୟ ସମସ୍ୟା



ଡ. ଦୀପ୍ତିମୟୀ ବେହେରା

ପ୍ରଶ୍ନଉଠୁଛି ସରକାରଙ୍କ ଦ୍ୱାରା ବହୁବିଧ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଖୋଦ ଭୁବନେଶ୍ୱର ସହରର ଜଳ ନିଷ୍କାସନର ବ୍ୟବସ୍ଥା ହୋଇପାରୁନାହିଁ କାହିଁକି ? ବର୍ଷାଜଳ ଜମିଗଲେ ସବୁ ନାଚଡିଆଁ କରନ୍ତି ତା'ପରେ ନିଦ୍ରାରେ ଶୋଇ ପଡ଼ନ୍ତି । ତେବେ ଭାବିବାକୁ ପଡୁଛି ଯେଉଁ ସହରରେ ସରକାର, ମନ୍ତ୍ରୀ, ତୁଙ୍ଗ ନେତା,ପ୍ରଶାସନ, ବିଶିଷ୍ଟ ବ୍ୟକ୍ତି ଓ ବଡ଼ବଡ଼ ହସ୍ତୀମାନଙ୍କଠାରୁ ଆରମ୍ଭ କରି ଛୋଟଛୋଟ ପିମ୍ପୁଡି ପର୍ଯ୍ୟନ୍ତ ବିରାଜମାନ, ସେଠାକାର ଅବସ୍ଥା ଯଦି ଏଇୟା ହୁଏ ତେବେ ଅନ୍ୟ ସହରଗୁଡିକ କଥା ନ କହିବା ହିଁ ଭଲ । ଦେଖିଥିବେ ଗତ କିଛିଦିନ ପୂର୍ବରୁ ମୌସୁମୀ ଅଧିବେଶନରେ 'ମରୁଡି' ପରିସ୍ଥିତିକୁ ନେଇ ସୃଷ୍ଟି ହୋଇଥିଲା ଗୃହରେ ଅଚଳାବସ୍ଥା । ଏହାକୁ ନେଇ ରାଜନୀତି ବେଶ ସରଗରମ ହୋଇଥିବାବେଳେ ସମ୍ପ୍ରତି ସମୟରେ ଲଘୁଚାପଜନିତ ବର୍ଷାରେ ବିଶେଷକରି ଭୁବନେଶ୍ୱର ସହର ଭାସୁଥିବାରୁ ପୁଣି ଚର୍ଚ୍ଚାରେ 'ବର୍ଷା' ରାଜନୀତି । ଆଗକୁ ପୁଣି ଚର୍ଚ୍ଚାର ବିଷୟ ପାଲଟିବ 'ବନ୍ୟା' ପ୍ରସଙ୍ଗ । ଏସବୁର କୁଳକିନାରା ନ ପାଉଣୁ ପୁଣି ଆସି ପହଞ୍ଚିଯିବ 'ବାତ୍ୟା'ର ଭୟାବହ ଦୃଶ୍ୟ ସହ ବିଭିନ୍ନ ପ୍ରସଙ୍ଗ । ଗୋଟେ ପରେ ଗୋଟେ ପ୍ରସଙ୍ଗକୁ ନେଇ ରାଜନୀତିଆ ଦଳଗୁଡିକ ପରସ୍ପରକୁ ଦୋଷାରୋପ କରିବାରେ ହୋଇଯିବେ ମାହିର । ନ କରିବେ ବା କିପରି ? ଉପୁରି ଖାଦ୍ୟ ହଜମ ହେବା ତ ଦରକାର । ତା' ନ ହେଲେ ସିଂହାସନଟା ପୁଣି ଓଲଟ ପାଲଟ ହେଇଯିବ ନା । ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଚର୍ଚ୍ଚା କରିବା ଠିକ କଥା । କିନ୍ତୁ ଖାଲି ଚର୍ଚ୍ଚା ଚର୍ଚ୍ଚାରେ ହିଁ ସବୁକିଛି ଅଧାପନ୍ତରିଆ ହୋଇରହିଯାଏ ବାକି ତା'ପରେ ଯାହାକୁ ସେଇୟା ।

ବର୍ତ୍ତମାନ ଲଗାଣ ବର୍ଷାଜଳରେ ଭୁବନେଶ୍ୱରର ଅବସ୍ଥା ପ୍ରସଙ୍ଗକୁ ଆସିବା । ଗଣମାଧ୍ୟମଗୁଡ଼ିକରେ ଦେଖିବାକୁ ମିଳିଲା ବିଜେପି ନେତାଏ କହୁଛନ୍ତି ବିଜେଡି ସରକାର ଦୀର୍ଘ ୨୧ ବର୍ଷ ଶାସନ କାଳରେ ରହି ଜଳ ନିଷ୍କାସନର ବ୍ୟବସ୍ଥାକୁ ସୁଚାରୁରୂପେ କରିପାରିଲେ ନାହିଁ କାହିଁକି ? ଯାହାଫଳରେ କି ଏପରି ସମସ୍ୟା ପ୍ରତିବର୍ଷ ଦେଖାଯାଉଛି ଆଉ ଜନସାଧାରଣ ଅକଥନୀୟ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଏହା ନିଶ୍ଚିତଭାବେ ଯୁକ୍ତିଯୁକ୍ତ ପ୍ରସଙ୍ଗ । କିନ୍ତୁ ବିଜେଡି ନେତାଏ ଛାଡ଼ିବାର ଜମା ନୁହେଁ । ସେମାନେ ଦୋଷଟାକୁ ଲଥ କରି ଲଦିଦେଇ କହିଲେ ବର୍ତ୍ତମାନର ବିଜେପି ସାଂସଦ ବି. ଏମ. ସି. କମିଶନର ଥିବାବେଳେ କାହିଁକି କରିନଥିଲେ ବା ଏଥିପ୍ରତି ଧ୍ୟାନ ଦେଇନଥିଲେ ? ବାଃ...କି ଚମତ୍କାର ଭାବେ ପ୍ରତ୍ୟେକ ପ୍ରତ୍ୟେକଙ୍କ ମସ୍ତକରେ ଦୋଷ ଲଦିବାରେ ଯେତିକି ପାରଙ୍ଗମ ସେତିକି ପରିମାଣରେ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଜଳନିଷ୍କାସନର ସୂତ୍ର ବାହାର କରିବାରେ ଅକ୍ଷମ । ଯଦି ଏପରି ଆକ୍ଷେପ ଓ ପ୍ରତ୍ୟାକ୍ଷେପ ଲାଗିରହେ ତେବେ ସମାଧାନର ପନ୍ଥା ତ ସହଜରେ ବାହାରିବ ନାହିଁ ବରଂ ସାଧାରଣଜନତା ଯାହାଖାଲି ଦୁର୍ଦ୍ଦଶା ଭୋଗିବେ ନହେଲେ ସେମାନଙ୍କର ଯାଉଛି କେତେ ନା ଆସୁଛି କେତେ ?

ରାଜଧାନୀ ଭୁବନେଶ୍ୱର । ତା' ଉପରେ ସଭିଙ୍କ ନଜର । ଷୋଡ଼ସି ରୂପସୀ ସୁନ୍ଦରୀ ହୋଇ ସଜେଇ ହୋଇଛି ନାନାପ୍ରକାର ଆଭୂଷଣରେ । ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟି ଯାଇଛି ପ୍ରତ୍ୟେକଙ୍କ ହୃଦୟ ମଧ୍ୟରେ । ସେଥିପାଇଁ ଧାଇଁ ଆସନ୍ତି ଦେଶ ବିଦେଶରୁ ପର୍ଯ୍ୟଟକମାନେ । ପ୍ରତ୍ୟେକ ବ୍ୟକ୍ତି ଚାହାଁନ୍ତି ସେଠାରେ ବାସଗୃହଟିଏ ପାଇଁ । କୋଟିକୋଟି ଟଙ୍କା ଖର୍ଚ୍ଚ କରି ଦିଅନ୍ତି ନିର୍ବିଘ୍ନରେ । ନିଜକୁ ସୌଭାଗ୍ୟ ମନେକରନ୍ତି ଏପରି ସହରରେ ରହି । କାହିଁକିନା ସବୁ ପ୍ରକାର ସୁବିଧା ଉପଲବ୍ଧି ଥିବାରୁ ତ ୧ ନଂ. ସ୍ମାର୍ଟ ସିଟି ଭାବେ ମାନ୍ୟତା ପାଇଅଛି । ଏପରି ଚାକଚକ୍ୟପୂର୍ଣ୍ଣ ସହରରେ ରହିବାକୁ କିଏ ବା ନ ଚାହିଁବ ?

କିନ୍ତୁ ସେଇ ସ୍ମାର୍ଟ ସିଟି ଭୁବନେଶ୍ୱରର ଅବସ୍ଥାକୁ ସମ୍ପୂର୍ଣ୍ଣ ବେହାଲ କରିଦେଇଛି ଲଘୁଚାପଜନିତ ରିମଝିମ ବର୍ଷା । ରାଜଧାନୀର ସ୍ଥିତି ସଙ୍ଗୀନ । ରାଜରାସ୍ତା ଜଳାର୍ଣ୍ଣବ । ଜଳ ସ୍ରୋତରେ ଭାସିଲା ଯାନବାହନ । ଜଳରେ ଉବୁଟୁବୁ ସହର । ଗୃହରେ ବନ୍ୟା । ମାତ୍ର ତିନି ଦିନର ଲଗାଣ ବର୍ଷାରେ ଯଦି ସୃଷ୍ଟି ହେଉଛି ନଦୀ ତେବେ ଆଠ ଦଶ ଦିନ ବର୍ଷାରେ ନିଶ୍ଚୟ ଦେଖିବାକୁ ମିଳିବ ସମୁଦ୍ର । ତା'ର ଆକର୍ଷଣୀୟଭରା ଢେଉରେ କେତେ ଚମକପ୍ରଦ ଦୃଶ୍ୟପଟ୍ଟ ସବୁ ନୟନରେ ଉଦ୍ଭାସିତ ହେବ ତାହା ଦୁନିଆ ଦେଖିବ । ସବୁ କ୍ଷେତ୍ରରେ ଭୁବନେଶ୍ୱର ସ୍ମାର୍ଟ ଡ୍ରେନେଜ ବ୍ୟବସ୍ଥାରେ ଅଛି ଲାଷ୍ଟ ।

ଦେଖିବାକୁଗଲେ ଏପରି ସମସ୍ୟା ବର୍ଷବର୍ଷ ଧରି ରହିଆସୁଥିବା ସତ୍ତ୍ୱେ ସେଥିପ୍ରତି ଯେପରି ନିଘା ନାହିଁ କାହାର । ସମସ୍ୟା ଉପୁଜିଲେ ପ୍ରତ୍ୟେକ ପ୍ରତ୍ୟେକଙ୍କ ଉପରକୁ କାଦୁଅ ଫିଙ୍ଗାଫିଙ୍ଗି ହୁଅନ୍ତି କିନ୍ତୁ ପରମୁହୂର୍ତ୍ତରେ ଯେଝା ବାଟରେ ଯେଝା । ଏଇଟା ତ ଆମ ଶାସନ ବ୍ୟବସ୍ଥାର ଏକରକମ ପାରିଲାପଣିଆ ।

ଭୁବନେଶ୍ୱର ବ୍ୟତୀତ କଟକ, କେନ୍ଦ୍ରାପଡା, ପୁରୀ, ଜଗତସିଂହପୁର ଆଦି ଜିଲ୍ଲାର ଅବସ୍ଥା ଅତ୍ୟନ୍ତ ଦୟନୀୟ । କେଉଁଠି ଘରେ ପାଣି ପଶି ଆଣୁଏ ତ ପୁଣି କେଉଁଠି କାନ୍ଥ ପଡ଼ି ଅସମୟରେ ଚାଲି ଯାଉଛି କାହାର ଜୀବନ । ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ । ଯାତାୟାତ ବାଧାପ୍ରାପ୍ତ । ଯୋଗାଯୋଗ ବିଚ୍ଛିନ୍ନ । ମୋଟାମୋଟିଭାବେ ଉପକୂଳ ଓଡିଶାର ଅଧିକାଂଶ ଜିଲ୍ଲା ବ୍ୟାପକଭାବେ ପ୍ରଭାବିତ ଓ କ୍ଷତିଗ୍ରସ୍ତ ।

ପ୍ରକୃତିର ପ୍ରାକୃତିକ ତାଣ୍ଡବଲୀଳାରେ ପ୍ରତ୍ୟେକ ଧରାଶାୟୀ । ଭାଙ୍ଗିଦିଏ ମନୁଷ୍ୟର ମେରୁଦଣ୍ଡକୁ । ଚୂର୍ଣ୍ଣ କରିଦିଏ ଗର୍ବ ଅହଙ୍କାରକୁ । ଛଡ଼ାଇନିଏ ସୁଖସ୍ୱାଚ୍ଛନ୍ଦ୍ୟକୁ । ଦୋହଲାଇ ଦିଏ ରାଜ୍ୟର ଆର୍ଥିକ ବ୍ୟବସ୍ଥାକୁ ।

ଯଦି ପ୍ରକୃତି ପାଖରେ ମନୁଷ୍ୟ ସର୍ବସ୍ୱାନ୍ତ, ଦୁର୍ବଳ, ନୀଚ, ହେୟ ତେବେ କାହିଁକି ନିଜର ବଡିମା ଦେଖାଇ ବାଃ ବାଃ ନେବାକୁ ବାକ୍ୟ ଯୁଦ୍ଧ କରିଥାଏ ? ମନେରଖିବାକୁହେବ ଆତ୍ମବଡିମା, ଅର୍ଥବଳ, ଶକ୍ତି ସାମର୍ଥ୍ୟ ଏସବୁ ଅନେକ ସମୟରେ ଜଟିଳ ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ସୃଷ୍ଟି କରିଥାଏ ନୂତନ ସମସ୍ୟାମାନ । ତେଣୁ ବିରୋଧୀଙ୍କ ସମାଲୋଚନାରେ ବ୍ୟତିବ୍ୟସ୍ତ ନ ହୋଇ ସମ୍ମିଳିତ ଉଦ୍ୟମରେ କିପରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ସମସ୍ୟାରୁ ମୁକ୍ତି ମିଳିବ ସେଥିପ୍ରତି ଧ୍ୟାନ ଦେଲେ ପ୍ରକୃତ କାର୍ଯ୍ୟ ଓ ମାନବିକତାର ପରିଚୟ କାଳକାଳକୁ ରହିଯିବ ଅବିସ୍ମରଣୀୟ ହୋଇ ।

ପୂର୍ବରୁ ଭାରତର ରାଜନୈତିକ ଆକାଶରେ ଅନେକ ମହାପୁରୁଷ, ସମାଜସେବକ, ଦେଶସେବକ, କୂଟନୀତିଜ୍ଞ ତଥା ଦକ୍ଷ ରାଜନୀତିଜ୍ଞ ଥିଲେ ଯେଉଁମାନେ କି ବଡ଼ବଡ଼ କାର୍ଯ୍ୟକୁ ଆଖି ଆଗରେ ରଖି ପ୍ରଥମେ ଛୋଟଛୋଟ ଘଟଣା ପ୍ରତି ବିଶେଷ ଗୁରୁତ୍ୱ ଦେଉଥିଲେ ଓ ସେଥିପ୍ରତି ପ୍ରତ୍ୟେକ କଥାକୁ ଖୁବ ଗଭୀରଭାବେ ଚିନ୍ତା ମଧ୍ୟ କରୁଥିଲେ ତା' ନ ହୋଇଥିଲେ ମହାତ୍ମାଗାନ୍ଧୀ ଦେଶ ସ୍ୱାଧୀନ କରିବାର ସ୍ୱପ୍ନ ଦେଖି ସାମାନ୍ୟ ଲୁଣମରା କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇନଥାନ୍ତେ କି ଖଦି ବସ୍ତ୍ର ପରିଧାନ ପାଇଁ କହି ନଥାନ୍ତେ କି ମଧୁସୂଦନ ମଧ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାକୁ ଯାଇ ପ୍ରଥମେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ସମ୍ମିଶ୍ରଣ କରିବାର ଉଦ୍ୟମ କରିନଥାନ୍ତେ ଠିକ ସେହିପରି ବଡ଼ ବଡ଼ ପ୍ରକଳ୍ପର ଶିଳାନ୍ୟାସ କରି ଓଡ଼ିଶାକୁ ଗୌରବାନ୍ୱିତ କରିବାର ସ୍ୱପ୍ନ ଦେଖିବା ପୂର୍ବରୁ ପ୍ରଥମେ ବର୍ଷା ଜଳକୁ ନିଷ୍କାସନ କରିବାର ସର୍ବୋତ୍ତମ ବ୍ୟବସ୍ଥା କରାଯାଉ ତେବେ ଯାଇ ପାରିଲାପଣିଆ ଜଣାପଡ଼ିବ ନାହିଁତ 'କୋଦରା କୋଡେ ଯେତେ, ମାଡ଼େ ସେତେ' ନ୍ୟାୟରେ ରହିଯିବ ; ଏହାହିଁ ହେବ ଅତ୍ୟନ୍ତ ପରିତାପର ବିଷୟ ।

+ କୋଏଲ ନଗର,
ରାଉରକେଲା

# ଭାରତର ମୁକ୍ତିସଂଗ୍ରାମରେ ଓଡ଼ିଆ ନାରୀ ନେତ୍ରୀ



ବିଶ୍ୱବିଜୟୀ ଦାଶ

ଦୀର୍ଘ ଦ୍ୱିଶତାଧିକ ବର୍ଷ ବ୍ୟାପୀ ବ୍ରିଟିଶ୍ ଶାସନ ର ଚକ୍ରତଳେ ନିପୀଡ଼ିତ ଭାରତବାସୀ ଯେଉଁଦିନ ସ୍ୱାଧିନତା ର ଆଦ୍ୟବାୟୁ ନାସାପୁଟ ରେ ଆଘ୍ରାଣ କଲେ,ସେହି ଦିନ ଟି ହେଉଛି ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ । ସେହି ଦିବସଟି ଭାରତବର୍ଷ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ । ସେହି ଦିବସଟି ଅମରାକ୍ଷରେ କାଳବକ୍ଷରେ ଖୋଦିତ ହୋଇ ରହିବ, କାରଣ ସେହି ଦିନ ରାତ୍ରି ବାର ଘଟିକା ସମୟରେ ୪୦ କୋଟି ଭାରତୀୟ ଜନତା ସମବେତ ଭାବରେ ବିନା ରକ୍ତପାତରେ ପରାଧୀନତାର ନିଗଡ଼ ଛିନ୍ନ କରି ସ୍ୱାଧିନତାର ପ୍ରଥମ ଆସ୍ୱାଦନ ଲାଭ କଲେ । ସେହିଦିନ ଠାରୁ ଅଦ୍ୟାବଧି ପ୍ରତ୍ୟେକ ବର୍ଷ ଅଗଷ୍ଟ ମାସ ୧୫ ତାରିଖ ଭାରତ ର ସ୍ୱାଧିନତା ଦିବସ ରୂପେ ଭାରତର ଅଗଣିତ ଜନତା ଭକ୍ତି ଓ ସମ୍ମାନ ର ସହିତ ପରିପାଳନ କରିଆସୁଛନ୍ତି । ସେହି ଦିବସରୁ ତୁଙ୍ଗ ଆକାଶରେ ଭାରତବର୍ଷର ଜୈତ୍ରକେତନ, ଚିତ୍ରଶୋଭିତ ତ୍ରିରଙ୍ଗା ଜାତୀୟ ପତାକା ବାୟୁହିଲ୍ଲୋଳରେ ଫରଫର୍ ହୋଇ ଉଡ୍ଡୀୟମାନ ହେଉଅଛି ।

ଏହି ସ୍ୱାଧିନତା ଆନ୍ଦୋଳନରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ବିଶେଷ କରି ଏହି ଜାତୀୟ ଆନ୍ଦୋଳନରେ ଓଡ଼ିଶାର ନାରୀ ମାନଙ୍କର ଭୂମିକା କୌଣସି ଗୁଣରେ କମ୍ ନ ଥିଲା । ଭାରତୀୟ ମୁକ୍ତିସଂଗ୍ରାମରେ ନାରୀ ନେତ୍ରୀ ମାନଙ୍କର ଯୋଗଦାନ ଏବଂ ଅବଦାନ ସଂଗ୍ରାମକୁ ଆହୁରି ସାର୍ବଜନୀନ ଓ ଶକ୍ତିଶାଳୀ କରିବାରେ ଏକ ଉଲ୍ଲେଖନୀୟ ଭୂମିକା ଥିଲା ।

ରମାଦେବୀ ଚୌଧୁରୀ ଜଣେ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ । ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ନିକଟସ୍ଥ ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ତାଙ୍କ ପିତାଙ୍କ ନାମ ଗୋପାଳ ବଲ୍ଲଭ ଦାସ ଓ ମାତାଙ୍କ ନାମ ବସନ୍ତ କୁମାରୀ ଦେବୀ । ରମାଦେବୀ ହେଉଛନ୍ତି ଉତ୍କଳଗୌରବ ମଧୁସୂଦନ ଦାସ ଙ୍କ ଝିଆରୀ । ୧୯୧୪ ମସିହା ଅପ୍ରେଲ ମାସରେ ସ୍ୱାଧୀନତା ସଂଗ୍ରାମୀ, ତତ୍କାଳୀନ ଡେପୁଟି କଲେକ୍ଟର ତଥା କଟକର ଓକିଲ ଗୋପବନ୍ଧୁ ଚୌଧୁରୀଙ୍କୁ ସେ ବିବାହ କରିଥିଲେ ।

୧୯୨୧ ମାର୍ଚ୍ଚ ୨୪ ତାରିଖ ଦିନ ମହାତ୍ମା ଗାନ୍ଧୀ କଟକ କାଠଯୋଡି ବାଲି ଓ ବିନୋଦ ବିହାରୀ ପରିସରରେ ଦୁଇଗୋଟି ସାଧାରଣ ସମାବେଶରେ ଯୋଗଦେଇ ହରିଜନ, ଦଳିତମାନଙ୍କ ସୁରକ୍ଷା ଓ ସ୍ୱଦେଶୀ ଆନ୍ଦୋଳନର ଆବଶ୍ୟକତା ବୁଝାଇଥିଲେ, ନିଜ ଭାଷଣରେ ମହିଳାମାନଙ୍କୁ ଗହଣା ନପିନ୍ଧି ଦେଶ ସେବା ପାଇଁ ତାହାକୁ ଦାନ କରନ୍ତୁ ବୋଲି ନିବେଦନ କରିଥିଲେ । ଉକ୍ତ ସଭାରେ ଉପସ୍ଥିତ ଥିବା ରମାଦେବୀ ଗାନ୍ଧୀଜୀଙ୍କ ଭାଷଣରେ ପ୍ରଭାବିତ ହୋଇ ନିଜର ବହୁମୂଲ୍ୟ ୨୦୦ ଭରି ସ୍ୱର୍ଣ୍ଣ ଅଳଙ୍କାର ଓ ଅନେକ ମୂଲ୍ୟବାନ ଦ୍ରବ୍ୟ ଗାନ୍ଧୀଙ୍କ ସ୍ୱରାଜ ପାଣ୍ଠିକୁ ଦାନ କରିବା ସହିତ ଶସ୍ତା ଶାଢ଼ୀ ପିନ୍ଧିବା ଆରମ୍ଭ କରିଥିଲେ ଓ ଖଦୀବସ୍ତ୍ର ଆଜୀବନ ପରିଧାନ କରିବା ପାଇଁ ସଂକଳ୍ପ କରିଥିଲେ । ୧୯୩୦ ମସିହାରେ ଇଞ୍ଚୁଡ଼ି ଠାରେ ହୋଇଥିବା ଲବଣ ସତ୍ୟାଗ୍ରହରେ ଅଗ୍ରଣୀ ଭୂମିକା ନେଇ ଶହ ଶହ ଲୋକଙ୍କୁ ଇଂରେଜ ସରକାରଙ୍କ ବିରୋଧରେ ଏକାଠି କରିଥିଲେ ଏବଂ ସେହି ବର୍ଷ ନଭେମ୍ବର ୮ ତାରିଖରେ ତାଙ୍କୁ ବନ୍ଦୀ କରି ଆଠ ମାସ ପାଇଁ କଟକ ଜେଲ୍ ରେ ରଖାଗଲା । ବଡ଼ବାପା ମଧୁସୂଦନ ଓ ଗାନ୍ଧିଜୀଙ୍କଦ୍ୱାରା ଅନୁପ୍ରାଣିତ ହୋଇ ସେ ୱାର୍ଦ୍ଧା ଆଶ୍ରମ ଶୈଳୀରେ ଗଢ଼ିଥିଲେ 'ବରି ଆଶ୍ରମ' । ୧୯୪୨ ଭାରତଛାଡ଼ ଆନ୍ଦୋଳନରେ ପ୍ରତ୍ୟକ୍ଷ ସମ୍ପୃକ୍ତି ହେତୁ ଇଂରେଜ ସରକାର ମା' ରମାଦେବୀ ଓ ସ୍ୱାମୀ ଗୋପବନ୍ଧୁଙ୍କୁ ଦୁଇ ବର୍ଷ ପାଇଁ ଜେଲ ଦଣ୍ଡ ଦେଲେ । ସେ ଆହୁରି ଅନେକ ସମାଜସେବା କାର୍ଯ୍ୟ କରି ଆଜି ସ୍ମରଣୀୟ ହୋଇ ରହିଛନ୍ତି । ସେହି ମହିୟସୀ ମହିଳା ରମାଦେବୀ ୧୯୮୫ ମସିହା ଜୁଲାଇ ୨୨ଦିନ ମୃତ୍ୟୁବରଣ କରିଥିଲେ ।

ସରଳା ଦେବୀ ଜଣେ ବିଶିଷ୍ଟ ଓଡ଼ିଆ ସ୍ୱାଧିନତା ସଂଗ୍ରାମୀ । ୧୯୦୪ ମସିହାରେ ଜଗତସିଂହପୁର ଜିଲ୍ଲା ର ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ ଶ୍ରୀ ବାସୁଦେବ କାନୁନଗୋ ଓ ମାଙ୍କ ନାମ ପଦ୍ମାବତୀ ଦେବୀ । ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଚାଟରା ଗ୍ରାମର ଭାଗୀରଥି ମହାପାତ୍ରଙ୍କ ସହିତ ସରଳା ଦେବୀଙ୍କର ବିବାହ ସମ୍ପାଦିତ ହୋଇଥିଲା । ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ଓ ୧୯୩୦ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନରେ ସରଳା ଦେବୀ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶାର ନାରୀମାନଙ୍କୁ ଏକାଠି କରିବାପାଇଁ ସରଳା ଦେବୀ 'ଉତ୍କଳ ମହିଳା ସମ୍ମିଳନୀ' ନାମକ ସଂଗଠନ ଗଠନ କରିଥିଲେ । ଏହା ତାଙ୍କର ନାରୀଜାତିକୁ ଉନ୍ନତ କରିବାର ଆପ୍ରାଣ ଉଦ୍ୟମର ଏକ ଝଲକ ଥିଲା । ସେହି ଅଧିବେଶନରେ ହିଁ ଉତ୍କଳ ମହିଳା ସମ୍ମିଳନୀ, 'ନିଖିଳ ଭାରତୀୟ ମହିଳା ସଂଘ'ର ଶାଖା ରୂପେ କାର୍ଯ୍ୟ କରିବ ବୋଲି ସ୍ଥିର ହୋଇଥିଲା । ଏହାର ସଫଳତା ତାଙ୍କୁ ଅଧିକ ଗଠନମୂଳକ କାମ କରିବା ପାଇଁ ବିଶେଷ ଉତ୍ସାହିତ କରିଥିଲା । ସେ ଓଡ଼ିଶାର ନାରୀ ଓ ସେମାନଙ୍କ ସମସ୍ୟା ବିଷୟରେ ବିଭିନ୍ନ ପତ୍ର-ପତ୍ରିକାରେ ପ୍ରବନ୍ଧମାନ ଲେଖି ପ୍ରକାଶ କରିଥିଲେ । ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଘୋଷଣା ହେବାପରେ ପ୍ରାଦେଶିକ ସ୍ୱାୟତ୍ତ ଶାସନର ଚଳଣିରେ ଓଡ଼ିଶାରେ କଂଗ୍ରେସ ପକ୍ଷରୁ ବିଧାନ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଠିଆ କରାଯାଇଥିଲା । ଏବଂ ସେସମୟରେ ସରଳା ଓଡ଼ିଶା ବିଧାନ ସଭା ନିର୍ବାଚନରେ ଭାଗ ନେଇ ବିଧାନ ସଭାକୁ ନିର୍ବାଚିତ ହେଇଥିଲେ । ସେ ଥିଲେ ଓଡ଼ିଶା ବିଧାନସଭାରେ ପ୍ରଥମ ମହିଳା ବିଧାୟିକା । ୧୯୮୬ ମସିହା ଅକ୍ଟୋବର ୪ ତାରିଖ ଦିନ ୮୨ ବର୍ଷ ବୟସରେ ସରଳା ଦେବୀଙ୍କର ପରଲୋକ ହୋଇଥିଲା ।

ମାଳତୀ ଚୌଧୁରୀ ବିଶିଷ୍ଟ ଓଡ଼ିଆ ସ୍ୱାଧିନତା ସଂଗ୍ରାମୀ । ସେ ୨୬ ଜୁଲାଇ ୧୯୦୪ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ବାରିଷ୍ଟର କୁମୁଦ ନାଥ ସେନ ଓ ମାଆ ସ୍ନେହଲତା ସେନ । ଛାତ୍ରୀ ଜୀବନରୁ ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ଉଦବୁଦ୍ଧ ହୋଇ ସ୍ୱାଧିନତା ସଂଗ୍ରାମରେ ସାମିଲ୍ ହୋଇଥିଲେ । ସେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କରିଥିଲେ । ୧୯୨୦ ମସିହା ଅସହେଯାଗ ଆନ୍ଦୋଳନରେ ସେ ଭାଗ ନେଇଥିଲେ । ନିଜର ପ୍ରେଚଷ୍ଟାରୁ ସେ ଇଞ୍ଚୁଡ଼ି ଓ କୁଜଙ୍ଗରୁ ପ୍ରଥମେ ଶହେରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଆଣି ୧୯୩୦ ମସିହା ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ନାରୀମାନଙ୍କ ନିରକ୍ଷରତା ହିଁ ତାଙ୍କୁ ଦୁର୍ବିସହ ଜୀବନ ବିତାଇବାକୁ ବାଧ କରୁଥିବା କଥା ସେ ଜାଣିଥିଲେ । ତେଣୁ ସେ ନିଜ ଗ୍ରାମରେ ଥିବାବେଳେ ରାତ୍ରି ପାଠଶାଳା ଆରମ୍ଭ କରିଥିଲେ । ସେ ୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ଅନ୍ନପୂର୍ଣ୍ଣା ମହାରଣା ଜଣେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ । ସେ ୧୯୧୭ ମସିହା ନଭେମ୍ବର ୩ ତାରିଖରେ କଟକର ବାଖରାବାଦଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଗୋପବନ୍ଧୁ ଚୌଧୁରୀ ଓ ମାତା ରମା ଦେବୀ ଚୌଧୁରୀ । ସେ ମାତ୍ର ୧୩ ବର୍ଷ ବୟସରେ ଅନ୍ନପୂର୍ଣ୍ଣା ସ୍ୱାଧିନତା ସଂଗ୍ରାମରେ ଯୋଗଦାନ ଦେଇଥିଲେ । ୧୯୩୨ ମସିହାରେ ମାତ୍ର ୧୫ ବର୍ଷ ବୟସରେ ସେ କାରାବରଣ କରିଥିଲେ । ୧୯୩୪ ମସିହାରେ ଅନ୍ନପୂର୍ଣ୍ଣା ମହାତ୍ମା ଗାନ୍ଧୀଙ୍କ ସହ ପୁରୀରୁ-ଭଦ୍ରକ ହରିଜନ ପଦଯାତ୍ରାରେ ଯୋଗ ଦେଇଥିଲେ । ସେ ଶରତ ଚନ୍ଦ୍ର ମହାରଣାଙ୍କୁ ବିବାହ କରିଥିଲେ । ଅନ୍ନପୂର୍ଣ୍ଣା ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହେବା ସହିତ ମା' ରମାଦେବୀ ଓ ଖୁଡ଼ୀ ମାଳତୀ ଦେବୀଙ୍କ ସହିତ କୁଜଙ୍ଗରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ । ଏହି ସମୟରେ କଟକ ଓ ଯାଜପୁର ଜେଲରେ ତାଙ୍କର ଦୁଇବର୍ଷ ତିନିମାସ କଟିଥିଲା । ୧୯୫୮ରେ ସେ ସନ୍ଥ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଯୋଗଦାନ କରିଥିଲେ ଅନ୍ନପୂର୍ଣ୍ଣା । ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ ତେଜିଥିବା, ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ଅନେକ ସମାଜସେବା କାର୍ଯ୍ୟ ମଧ କରିଛନ୍ତି । ୩୧ ଡିସେମ୍ବର ୨୦୧୨ ଦିନ ଅନ୍ନପୂର୍ଣ୍ଣା ମହାରଣା ୯୫ ବର୍ଷ ବୟସରେ ତାଙ୍କର କଟକସ୍ଥିତ ଖବରବାଦ ବାସଭବନରେ ଇହଲିଳା ସମ୍ବରଣ କରିଥିଲେ । ଏମାନଙ୍କ ବ୍ୟତୀତ କୁନ୍ତଳା କୁମାରୀ ସାବତ, ପ୍ରଭାବତୀ ଦେବୀ, ନିର୍ମଳା ଦେବୀ, କ୍ଷେତ୍ରମଣି ଦେବୀ ଆଦି ଆହୁରି ଅନେକ ନାରୀ ନେତ୍ରୀ ସ୍ୱାଧିନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିଲେ । ସେହି ସ୍ୱାଧିନତା ସଂଗ୍ରାମୀ ମାନେ ଆମର ଆଦର୍ଶ ଓ ଚିର ନମସ୍ୟ । ଆଜିର ଯୁବପିଢ଼ି ମାନଙ୍କୁ ସେହି ମହିୟସୀ ମହିଳା ମାନଙ୍କ ବୀରତ୍ୱର ଗାଥା ପହଞ୍ଚାଇବାର ଆବଶ୍ୟକତା ରହିଛି, ଏହାହିଁ ଏହି ଆଲେଖ୍ୟ ର ଉଦ୍ଦେଶ୍ୟ ।

+ ଗମ୍ଭାରିମୁଣ୍ଡା, ବାଣପୁର,
ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮





## ଖସଡ଼ା

### ଜୁମର ନାଥ ପାତ୍ର



ଖସଡ଼ା ଟେ ତ
ତୟାର୍ ହେଇ ସାରିଥିଲା
ବାହା ବେଦୀରେ ସେଦିନ
ତମ ବାପାଙ୍କ ଓ ମଧ୍ୟସ୍ଥ ଙ୍କ ଉପସ୍ଥିତି ରେ
ଖାଲି ଯାହା ସହମତି ହିଁ ଦେଲି...ବାସ୍
ହା ହା... ଖସଡ଼ା...
କଣ୍ଟାକ୍ଟ ମେରେଜ ର...
ଯା'ର ସଠିକ ଓଡ଼ିଆ ଟା ବୁଝିବାକୁ
ଏତେ କାଳ ଲାଗିଗଲା କେମିତି ମୋତେ
ଅନେକ ପୂର୍ବରୁ ତ ଅନେକ ସର୍ତ୍ତର
ଉଲ୍ଲଙ୍ଘନ ହେଇଛି ତମ ମୋ ଦ୍ୱାରା
ଭାବିଲି ଖସଡ଼ା ଟା ନାଁ କୁ ମାତ୍ର
ସଂସାର ତ ସଂସାର ଭଳି ଚାଲିଲା
ଆଉ...ଆଉ ଏ ବେଳାରେ...ହା ହା
ଖସଡ଼ାର ଦ୍ୱାହିରେ
ଠିଆ କଲ ଆଣି ଫେମିଲି କୋର୍ଟରେ... !

ହଁ ମୋ'ଠି ବା କି ପ୍ରୟୋଜନ ଆଉ
ଝିଅ ଜୋଇଁ, ପୁଅ ବୋହୂ ସବୁ ତମର
ମିଠା ରୁ ମାଛି କାଢିଲା ପରି
ଖସଡ଼ା ଟିକୁ ପ୍ରୟୋଗ କଲ
ମୋ ସଂସାରରୁ ମୋତେ କାଢ଼ିବାକୁ
ଓ...ଇଏ ପା ତମ ସଂସାର
କ'ଣ ହବ ନିଷ୍ପତ୍ତି କୋର୍ଟର
ସର୍ବଦା ତ ତମର ବିଜୟ...

ମନ ବଳେଇ ସାରିଛି
ଫେରିଯିବି ଗେଙ୍ଗୁଟି ଧାରରେ
ମୋ ସେଇ ଛୋଟିଆ ଗାଁର
ଜାଡ଼େଇ ମନ୍ଦିର ପିଣ୍ଡାକୁ...
ଶୁଣିବି ଭାଗବତ ଭାଗବତ ଟୁଙ୍ଗି ରେ
କେଜାଣି ସେସବୁ ଥିବ କି ନାହିଁ
ନହେଲେ... ନହେଲେ
ନଈ ବାଲିରେ ବସି ଗଣିବି ତାରାଙ୍କୁ
ରାତି ତମାମ..ଏକଲା ଖୁବ୍ ଏକଲା...।। ।

## ପ୍ରତୀକ୍ଷା....

### ସୋନମ ରାଉତ

ତୋ ଲାଗି ମୋ ପ୍ରେମ ର ଦୀକ୍ଷା ।

ପ୍ରତୀକ୍ଷା,
ପ୍ରତି କ୍ଷଣେ କ୍ଷଣେ ମନୋବ୍ୟଥା ।

ପ୍ରତୀକ୍ଷା,
ଏକ ମୃଦୁ ପୀଡା କିନ୍ତୁ ମିଠା ।

ପ୍ରତୀକ୍ଷା,
ଲିପି ହୀନ କଳ୍ପିତ -ଗାଥା ।

ପ୍ରତୀକ୍ଷା
ଝୁରି ମରିବାର ଦୀର୍ଘ ଏକ ରାସ୍ତା ।

ପ୍ରତୀକ୍ଷା,
ଚାହିଁ ବସିବାର ଉତ୍ସୁକତା ।

ପ୍ରତୀକ୍ଷା,
ଲଜ୍ୟାଶୀଳ ନୟନ ର ଭାଷା ।

ପ୍ରତୀକ୍ଷା,
ପ୍ରତିକ୍ଷୀ ର ସୀମାହୀନ ଅଭିଳାଷା ।

ପ୍ରତୀକ୍ଷା,
ପ୍ରତିକ୍ଷୀ ର ଶବ୍ଦହୀନ ଏକ ବାର୍ତ୍ତା ।
ପ୍ରତୀକ୍ଷା,
ପ୍ରତୀକ୍ଷଣ ପ୍ରତୀକ୍ଷିତ ଆସକ୍ତା ।

ପ୍ରତୀକ୍ଷା'
ତତେ ଦେଇଥିବା ମୋର କଥା ।

ପ୍ରତୀକ୍ଷା ,
ମିଛେ ହସି ବଞ୍ଚିବାର ପ୍ରଥା ।

ପ୍ରତୀକ୍ଷା
ମନ ମିଳନ ର ଏକ ତୃଷା ।

ପ୍ରତୀକ୍ଷା,
ଦୂରତା ଲାଘବ ପ୍ରୟାସ ବୃଥା ।

ପ୍ରତୀକ୍ଷା ,
କେହି ହଜିବାର ଏକ ଶଙ୍କା ।

ପ୍ରତୀକ୍ଷା ,
ଅନ୍ତିମ ନିଶ୍ୱାସେ ଅନୁରାଗ ଏକ ନିଷ୍ଠା ।

ପ୍ରତୀକ୍ଷା ,
ମୃତ୍ୟୁ ଯାଏଁ ନିର୍ବିଘ୍ନ ଶୁଭାଯାତ୍ରା ।

+ ସ୍ୱରଚିତ
ଶ୍ୟାମାଚରଣପୁର,
ଢେଙ୍କାନାଳ ।

## ସାରସ୍ୱତ, ଶାଶ୍ୱତ ସେ ବନ୍ଧନ ଚନ୍ଦନ

### ସ୍ୱପନ କୁମାର ଘୋଷ



ଅନ୍ୟ କାହା କଥା ରହୁ ।
ତମେ, ... ଯଦି ତମେ ..
ନିଜେ ଆସି କହିବ ଯେ ..
ତମେ ଆଉ ନୁହଁ ମୋର ସଖୀ .. .
ମୁଁ ଆଉ ନୁହେଁ ତମର କେହି ବି ।
ମାନିବିନି । ମାନିବିନି ଜମା !
ଅସମ୍ଭବ କଥା ଏ ଯେ !!

ମାୟା - ମମତାର...
ସ୍ନେହ - ସରାଗର ...
ପ୍ରୀତି ଓ ଶ୍ରଦ୍ଧାର ...
ସବୁ ମନୋଭାବ ନେଇ
ସକରୁଣ ପ୍ରଶ୍ରୟ ଯାହା ବି
ଦେଇଛ ଏ ଯାଏ ..
ଅସମବୟସୀ ଏଇ ସଖାଟିକୁ ତମେ
ଭୁଲ ତାହା ହେଇ ପାରେ ନାହିଁ ।
ଯେଉଁ ସବୁ ସୁଧାକ୍ଷରା ,
ମଧୁବୋଲା ଭାଷା --
ଈଶ୍ୱରଙ୍କ ଆଶୀର୍ବାଦ ପରି
ଝରି ପଡୁଥିଲା --
ତମ ହୃଦୟରୁ
ଏଇ ହୃଦୟର ପରେ ...
ଅକସ୍ମାତ୍ ସ୍ୱର୍ଗୀୟ ସେ ସ୍ରୋତ
ଶୁଖି ଯିବ ?!
-- ହେଇ ପାରେ !?

ହେଇ ପାରେ କେବେ ?!
ନୁହେଁ ! କେବେ ନୁହେଁ !!

ସହସା ନିଦରୁ ଜାଗି ଦେଖିବି ଯେ
-- ଦୁଃସ୍ୱପ୍ନ ଦେଖିଛି ।
ଚନ୍ଦ୍ରାନନ ସ୍ୱର୍ଗୀୟ ହସରେ
ଆଲୋକିତ କରି ଚାହିଁ ମୋ ମୁଖକୁ
କହିବ ମୋ ପରାଣମିତଣୀ --
ନିଦ ତମ ତୁଟିଛି ତ ସଖା !
ଚାଲ ଯିବା !
ସମୟ ହେଇଛି --
ସରସ୍ୱତୀ ବନ୍ଦନାର !
ମୁଁ କହିବି ଉଠି ... ଚାଲ ସଖୀ !
ପୂଜା କରି ବର ମାଗି ନେବି ...
ଜନ୍ମ .. ଜନ୍ମା'ର ଧରି
ଗାଢ଼ତର ବନ୍ଧୁତା ତମର ... ସାରସ୍ୱତ,
ଶାଶ୍ୱତ ସେ
ବନ୍ଧନ- ଚନ୍ଦନ ।।

+ ସୁମତି କଞ୍ଜ
୫୩, ଶ୍ରୀବର୍ଦ୍ଧନପଲ୍ଲୀ,
ଜୋକା (ବାଖରାହାଟ ରୋଡ)
କୋଲକାତା - ୭୦୦୧୦୪
ମୋ: ୯୪୩୨୧ ୭୭୩୭୯

## ଜହ୍ନ ଗୋ ତୁମେ

### ବୀରକିଶୋର ନାୟକ

ଭେଳା ଭେଳା ବାଦଲ ର ଫାଙ୍କେ
ଯେବେ ଦେଖାଦିଅ ଜହ୍ନ ଗୋ ତୁମେ,
ଗୋପନେ ମୁଁ ଲୁଚି ଦେଖେ
ଝାପ୍ସା ଝାପ୍ସା ତୁମ ଜୋଛନା ରେଣୁରେ
ପିପାସିତ ମନ ଭରେ ପୁଲକରେ
ହୃଦୟ ରେ ପ୍ରୀତି ଜାଗେ ।
ମେଘଭରା ସେଇ ବାଦଲ ଭିତରେ
ଲୁଚିଯାଅ ଯେବେ ଭିଜା ସରମରେ
ଛାଇ ଆଲୁଅର ଛିଟ ପକା ଶାଢ଼ୀ
ସୁନ୍ଦରତା ତୋଳେ
ତୁମେ ଲୁଚିଯାଅ ଅଭିମାନରେ କି
ଅବଗୁଣ୍ଠନ ତଳେ ।
ପୁଣି ଦେଖାଦିଅ, ପୁଣି ଲୁଚିଯାଅ
ସତେ ମଧୁରାତି ରାସ,
ବାଦଲରୁ ଖସେ ଟୋପା ଟୋପା ପାଣି
ପ୍ରୀତିମଦିରାର ରସ,
ଲାଗେ ମଜା ପ୍ରୀତି ଥିଲେ ଦୂରେ ଦୂରେ
ଜାଣିଛ ଏ କଥା ତୁମେ କି ସତରେ,
କେବେ ହୁଅ ବଧୂ କେବେ
ଢଳଢଳ ଲଳନା
ତୃପ୍ତିରେ ଭର ସଭିଙ୍କ ହୃଦୟ
ଢାଳିଦେଇ ତୁମ ମଧୁ ଜୋଛନା ।

ଖଣ୍ଡବନ୍ଧ, ଢେଙ୍କାନାଳ ।
(ମୋ)୮୮୪୭୮୪୨୨୯୭

# ଅସୁରକ୍ଷିତ ରାଜ୍ୟ ହୋମଗାର୍ଡ ପଦ: ସରକାରୀ ପଦକ୍ଷେପ ଲୋଡା !



ପ୍ରଦୋଷ କୁମାର ଦାସ

ଓଡିଶା ପୋଲିସର ଅତିରିକ୍ତ ବଳ ଭାବେ ବିବେଚିତ ତଥା ଦଶନ୍ଧି ଦଶନ୍ଧି ଧରି ପୋଲିସର ସହଯୋଗୀ ହୋଇ ଦାୟିତ୍ୱସଂପର୍ଣ୍ଣ ସେବା ଯୋଗାଇ ଆସୁଥିବା ଆମ ରାଜ୍ୟ ଓଡିଶାର ଗୃହରକ୍ଷୀ ବାହିନୀ ନିଜର ଅସ୍ତିତ୍ୱ ସଂକଟରେ ପଡିଥିବା ଚର୍ଚ୍ଚା ହେଉଛି । ପୋଲିସ ପ୍ରଶାସନ ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ, କେତେକ ସ୍ଥାନରେ ଆବଶ୍ୟକ ପଡିଲେ ଟ୍ରାଫିକରେ ସହଯୋଗ, ଥାନା ଫାଣ୍ଡିରେ, ଏପରିକି ମଣ୍ଡଳ ଓ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଉପରିସ୍ଥ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ନିୟୋଜିତ ହୋଇ ବିଭିନ୍ନ ଦପ୍ତରୀ ଦାୟିତ୍ୱ ନିର୍ବାହ କରିବା ସମେତ ପୋଲିସ ଅନୁସଂଧାନ, ପାଟ୍ରୋଲିଂ ଆଦି ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ଗୃହରକ୍ଷୀମାନଙ୍କୁ ପୋଲିସ କର୍ମୀଙ୍କ ଭଳି କାର୍ଯ୍ୟରେ ନିୟୋଜିତ କରାଯାଇଥାଏ । ଅନେକ ସ୍ଥଳ ବିଶେଷରେ ଗାଡିଚାଳନା ଦକ୍ଷତା ରଖିଥିବା ଗୃହରକ୍ଷୀ ବା ହୋମଗାର୍ଡମାନଙ୍କୁ ଅଣ ଆନୁଷ୍ଠାନିକ ଭାବେ ପୋଲିସ ଗାଡି ଚଳାଇବା ଦାୟିତ୍ୱ ନିର୍ବାହ କରିବାକୁ କୁହାଯାଇଥାଏ । ଫଳରେ କେତେକ ଥାନା ଓ ଫାଣ୍ଡିରେ ଶୁନ୍ୟ ପଡିଥିବା ପୋଲିସ ଡ୍ରାଇଭର ପଦର ବିକଳ୍ପ ଭାବେ ଏହି ଗୃହରକ୍ଷୀମାନେ ବେଶ ଦାୟିତ୍ୱବାନ କର୍ମଚାରୀ ଭାବେ ସମସ୍ୟା ସମ୍ଭାଳି ନେଇଥାନ୍ତି ।

ପ୍ରତିଟି କ୍ଷେତ୍ରରେ ପୋଲିସର ସହଯୋଗୀ ବଳ ଭାବେ ଦାୟିତ୍ୱ ନିର୍ବାସ କରିଆସୁଥିବା ଆମ ରାଜ୍ୟରେ ମୋଟ ୧୭୬୭୫ଟି ସରକାରୀ ଅନୁମୋଦନ ପ୍ରାପ୍ତ ଗୃହରକ୍ଷୀ ପଦ ରହିଅଛି । ଏଥିରୁ କିଛି ବିଭିନ୍ନ କେଶରେ ଫସି ଦାୟିତ୍ୱରୁ ଅନ୍ତର ହୋଇଥିବା ବେଳେ କିଛି ଗୃହରକ୍ଷୀ ଦାୟିତ୍ୱରୁ ଅବସର ନେଇଥିବା ସୂଚନାରୁ ପ୍ରକାଶ । ଏବେ ରାଜ୍ୟରେ ମୋଟ ୧୬୧୦୦ ଜଣ ଗୃହରକ୍ଷୀ କାର୍ଯ୍ୟରତ ଥିବା ପ୍ରକାଶ । ଏଥିରେ ୯୪୯ ପାଖାପାଖି ମହିଳା ଗୃହରକ୍ଷୀ କାର୍ଯ୍ୟରତ ରହିଥିବା ସୂଚନାରୁ ପ୍ରକାଶ । ତେବେ ରାଜ୍ୟରେ ଖାଲି ପଡିଥିବା ୧୫ ଶହରୁ ଅଧିକ ଗୃହରକ୍ଷୀ( ହୋମଗାର୍ଡ) ପଦ ପୂରଣ ପାଇଁ ସରକାରୀ ଭାବେ ପରବର୍ତ୍ତୀ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ଉଠୁଛି । ରାଜ୍ୟରେ ଗୃହରକ୍ଷୀମାନଙ୍କର ଚାକିରୀ ଏଯାବତ୍ ଅନୀୟମିତ ରହିଥିବା ବେଳେ ନୂତନ ନିଯୁକ୍ତି ବନ୍ଦ ହୋଇଯାଇଛି । କାର୍ଯ୍ୟକ୍ଷେତ୍ରକୁ ଆବଶ୍ୟକ ଦାୟିତ୍ୱ ନିର୍ବାହ ପାଇଁ ଡାକରା ପାଇ କାର୍ଯ୍ୟରେ ଯୋଗଦାନ କଲେ ଗୃହରକ୍ଷୀ ମାନଙ୍କୁ ଦୈନିକ ମାତ୍ର ୩ଶହ ଟଙ୍କା ପ୍ରୋତ୍ସାହନ ରାଶି ମିଳିଥାଏ । ଦୈନିକ ୮ ଘଣ୍ଟା ଡ୍ୟୁଟି ନିର୍ଘଣ୍ଟ ବାଦେ ଉପର ହାକିମଙ୍କୁ ଖୁସି କରିବାକୁ ଯାଇ ପ୍ରାୟ ଗୃହରକ୍ଷୀମାନେ ଅନିଛାକୃତ ଭାବେ ଅଧିକ ସମୟ ଖଟିବାକୁ ବାଧ ହେଉଥିବା ଅନେକ କ୍ଷେତ୍ରରେ ଦୃଷ୍ଟି ଗୋଚରକୁ ଆସିଥାଏ ।

ନିକଟ ଅତୀତରେ ଓଡିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟ ରାଜ୍ୟ ଗୃହରକ୍ଷୀ ଦୈନିକ ପ୍ରୋତ୍ସାହନ ଭାବେ ପାଉଥିବା ଏହି ଆର୍ଥିକ ରାଶିକୁ ୫୩୩ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ରାଜ୍ୟ ସରକାରଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ସବୁଠାରୁ ଉଲ୍ଲେଖନୀୟ, ଗତ ଫେବୃୟାରୀ ମାସରେ ମାନ୍ୟବର ଓଡିଶା ହାଇକୋର୍ଟ ଓଡିଶା ହୋମଗାର୍ଡଙ୍କ ପାଇଁ ଦେଇଥିବା ରାୟରେ ହୋମଗାର୍ଡଙ୍କୁ ପୋଲିସ ବିଭାଗର ନିମ୍ନ ଅଧସ୍ତନ କର୍ମଚାରୀ ସମକକ୍ଷ ବିବେଚନା କରି ୭ମ ବେତନ କମିଶନ ସୁପାରିଶକୁ ଲାଗୁ କରାଯିବା ବିଧେୟ ବୋଲି ରାୟ ଦେଇଥିଲେ । ରାଜ୍ୟ ସରକାର ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଏଯାଏଁ ଉଦାସୀନ ରହିଥିବା ଅଭିଯୋଗ ଉଠୁଛି । ସମାନ କାମକୁ ସମାନ ଦରମା ପ୍ରଦାନ ନିୟମ ଲାଗୁ କରାଗଲେ ପୋଲିସ ବିଭାଗର କନେଷ୍ଟବଲ ପଦ ସମକକ୍ଷ ଓଡିଶା ହୋମଗାର୍ଡ ମାନଙ୍କୁ ବିବେଚନା କରାଯାଇ ସେମାନଙ୍କୁ ଆବଶ୍ୟକ ଟିଏ, ଡିଏ,ଭତ୍ତା ସହ ବୀମା ଭୁକ୍ତ କରାଯିବା ଉଚିତ୍ । ସମସ୍ତଙ୍କୁ ନିୟମିତ କର୍ମଚାରୀ ଭାବେ ଗଣନାକରି ଚାକିରୀ ସର୍ତ୍ତାବଳୀ ଲାଗୁ କରାଯିବା ସହ ଅବସରକାଳୀନ ଭତ୍ତା ପ୍ରଦାନ ନିମନ୍ତେ ସରକାର ଅବଶ୍ୟକ ପଦକ୍ଷେପ ନେବା ବିଧେୟ । ଗତ ୨୦୧୫ ମସିହାରେ ଦେଶର ମାନ୍ୟବର ସୁପ୍ରିମ କୋର୍ଟ ରାଜ୍ୟ ସରକାରଙ୍କୁ ଦେଇଥିବା ନିର୍ଦ୍ଦେଶନାମାରେ ପୋଲିସ ସେବାରେ ସ୍ଥାନୀୟ ପୋଲିସର ଅତିରିକ୍ତ ସହଯୋଗୀ ଭାବେ ଓଡିଶା ହୋମଗାର୍ଡମାନଙ୍କୁ ବିବେଚନା କରି ପୋଲିସ କର୍ମଚାରୀଙ୍କ ସମାନ ମାସକ ୩୦ ଦିନ ସର୍ବନିମ୍ନ ଡ୍ୟୁଟି ଆଲୋଆନ୍ସ ପ୍ରଦାନ ପାଇଁ ରାୟ ଦେଇଥିଲେ । ହେଲେ ଓଡିଶା ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ତଥା ଗୃହ ବିଭାଗ ମନ୍ତ୍ରାଳୟ ଓଡିଶା ହୋମଗାର୍ଡ ମାନଙ୍କର ପରବର୍ତ୍ତୀ ନିଯୁକ୍ତି ତଥା ଶୁନ୍ୟ ପଡିଥିବା ପଦକୁ ପୂରଣ ନିମନ୍ତେ କୌଣସି ପଦକ୍ଷେପ ନେବାରେ ଆଗ୍ରହ ନଦେଖାଇବାରୁ ଏବେ ଓଡିଶା ହୋମଗାର୍ଡ ପଦର ସ୍ଥାୟିତ୍ୱ ଉପରେ ଏକ ପ୍ରଶ୍ନ ଚିହ୍ନ ଲାଗିଛି କହିଲେ ଦ୍ୱିରୁକ୍ତି ହେବ ନାହିଁ । ଓଡିଶାରେ ମହାବାତ୍ୟା, ଅନ୍ୟାନ୍ୟ ବାତ୍ୟା ସମୟରେ ଗୃହରକ୍ଷୀ ମାନଙ୍କର ସେବା ପରାୟଣ କର୍ତ୍ତବ୍ୟନିଷ୍ଠା ପ୍ରଶଂସନୀୟ । ସ୍ଥାନୀୟ ଅଂଚଳରେ ଶାନ୍ତିରକ୍ଷା ସହ ପୋଲିସ ସେବା ସହଯୋଗୀର ଭୂମିକା ନିର୍ବାହ କରୁଥିବା ଏହି ଅସହାୟ ଗୃହରକ୍ଷୀ ମାନଙ୍କର ଚାକିରୀ ସ୍ଥାୟିତ୍ୱ ପାଇଁ ରାଜ୍ୟ ସରକାର ବିଚାର କରିବାର ଏବେ ଅବକାଶ ଆସିଛି । ଡାଇରେକ୍ଟୋରେଟ ଅଫ ଜେନେରାଲ ଫାୟାର ସର୍ଭିସେସ, ସିଭିଲ ଡିଫେନ୍ସ ଆଣ୍ଡ ହୋମ ଗାର୍ଡଙ୍କ ଅଧିନସ୍ଥ ଓଡିଶା ଗୃହରକ୍ଷୀ ବିଭାଗର ହୋମଗାର୍ଡ କମାଣ୍ଡାଣ୍ଟ, ଡିଜି ଏବାବଦରେ ବିଭାଗୀୟ ସ୍ତରରେ ଅନୁଶୀଳନ କରିବା ବିଧେୟ । ସମାଜରେ ଆଇନ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ତୃଣମୂଳରେ କାର୍ଯ୍ୟରତ ହୋମଗାର୍ଡ ମାନଙ୍କର ଚାକିରୀ ସ୍ଥାୟିତ୍ୱ ଉପରେ ବିଭାଗୀୟ ଅନୁଶୀଳନ ହେବା ଉଚିତ୍ । ଏବାବଦରେ ବିଭାଗୀୟ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ନିମନ୍ତେ ରାଜ୍ୟ ସରକାରଙ୍କ ସହ ବିଚାରବିମର୍ଶ ଓ ସୁପାରିଶ କରିବାର ଆବଶ୍ୟକତା ରହିଛି । ବହୁ ପୁରାତନ ଏହି ଗୃହରକ୍ଷୀ ସେନା ଯଦି ଆମ ଦେଶର ଅନ୍ୟ ରାଜ୍ୟରେ ନିୟମିତ ଚାକିରିଆ ହୋଇପାରିଲେ ,ତେବେ ଆମ ରାଜ୍ୟ ସରକାର ଆମ ଗୃହରକ୍ଷୀ ମାନଙ୍କୁ ସେମାନଙ୍କର ସମସ୍ତ ସେବା ପାଇବା ସତ୍ତ୍ୱେ କାହିଁକି ସେମାନଙ୍କୁ ଅଯଥାରେ ନିଉଛଣା କରି ଅଦ୍ୟାବଧି ଅରକ୍ଷିତ କରି ରଖିଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ରାଜ୍ୟ ସରକାର ଓ ବିଭାଗୀୟ ଉଚ୍ଚକର୍ମକର୍ତ୍ତାଙ୍କୁ ପ୍ରଶ୍ନ ହେଉଛି ! ? ଏଯାଏଁ ହୋମ ଗାର୍ଡଙ୍କର ଚାକିରୀ ନିୟମିତ ନହେବା ପଛରେ ଯୁକ୍ତିଯୁକ୍ତ କାରଣ କଣ ହୋଇପାରେ ? ଘରପରିବାର ସ୍ୱାର୍ଥ, ସୁଖସୋହାଗ ଛାଡି ଡ୍ୟୁଟି କଲ ଡାକରା ପାଇଲେ ଦିନକୁ ୩ ଶହ ଟଙ୍କା ଡ୍ୟୁଟି ଆଲୋଆନ୍ସ ମିଳିବା ନ୍ୟାୟରେ ଦିନରାତି ଖଟି ଓଡିଶା ହୋମଗାର୍ଡମାନେ ଅସ୍ଥାୟୀ ଚାକିରୀରେ ଏବେ ଅନିଶ୍ଚିତ ଚାକିରୀ ଜୀବନ ଧରି ନିଜର ତଥା ସପରିବାରର ଭବିଷ୍ୟତ ଜୀବନକୁ ଅସୁରକ୍ଷିତ କରି ଚାଲିବା କେତେ ସମୀଚିନ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ଏହାକୁ ଦେଖିଲେ ଆମ ଦେଶର ଉତ୍ତରପ୍ରଦେଶ, ଆନ୍ଧ୍ର ପଦେଶ ଆଦି ରାଜ୍ୟରେ ହୋମଗାର୍ଡମାନଙ୍କ ଚାକିରୀ ନିୟମିତ ତଥା ସେମାନଙ୍କର ଦରମା ପୋଲିସ କନେଷ୍ଟବଲଙ୍କ ଦରମା ତଥା ଚାକିରୀ ସର୍ତ୍ତାବଳୀ ସମାନ ରହିଛି । ଭାରତ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ଗତ ୧୯୪୬ ମସିହାରୁ ଦେଶର ବିଭିନ୍ନ ରାଜ୍ୟରେ ଶାନ୍ତି ଶୃଂଖଳା ରକ୍ଷାରେ ଅତିରିକ୍ତ ପୋଲିସ ସ୍ୱେଚ୍ଛାସେବୀ ତଥା ପୋଲିସ ସହଯୋଗୀ ଭାବେ କର୍ତ୍ତବ୍ୟ ସଂପାଦନ କରିବାକୁ ଗୃହରକ୍ଷୀ ଅର୍ଥାତ୍ ହୋମଗାର୍ଡ ୟୁନିଟ ଗଠନକୁ ବ୍ରିଟିଶ ସରକାର ବିଶେଷ ଗୁରୁତ୍ୱ ଦେଇଥିଲେ । ଏଣୁ ତଦାନିନ୍ତନ ବ୍ରିଟିଶ ଇଣ୍ଡିଆ ଗୃହବିଭାଗର ଆବଶ୍ୟକତା ଅନୁଯାୟୀ ଗୃହରକ୍ଷୀ(ହୋମ ଗାର୍ଡ) ଛୋଟ ଛୋଟ ୟୁନିଟ ରୂପେ ମହାରାଷ୍ଟ୍ର, ଦିଲ୍ଲୀରେ ଗଠନ ହେବାରେ କ୍ରମେ ପ୍ରୋତ୍ସାହନ ଦିଆଯାଇଥିଲା । ପରବର୍ତ୍ତୀ ମୂହୁର୍ତ୍ତରେ ଇଣ୍ଡୋଚାଇନା ଯୁଦ୍ଧ ପରବର୍ତ୍ତୀ ସମୟରେ ପ୍ରାୟ ୧୯୬୨ ମସିହା ବେଳକୁ ଏହି ଗୃହରକ୍ଷୀ ବାହିନୀର ଉପସ୍ଥିତି, ସେବା ଓ କର୍ତ୍ତବ୍ୟନିଷ୍ଠା ପାଇଁ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଦୃଷ୍ଟି ଆକର୍ଷଣ ବୃଦ୍ଧି ପାଇଥିଲା । ସେହିଦିନୁ ଗୃହରକ୍ଷୀ ବାହିନୀର ସ୍ଥିତିକୁ ସ୍ଥାନୀୟ ପୋଲିସର ଅତିରିକ୍ତ ସହଯୋଗୀ ବଳ ଭାବେ ଦେଶର ଉତ୍ତପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ଭଳି ବିଭିନ୍ନ ରାଜ୍ୟମାନେ ଗ୍ରହଣ କରିନେଇ ସେମାନଙ୍କୁ ଚାକିରୀରେ ନିୟମିତ କରାଇ ଥଇଥାନ କରିଛନ୍ତି । ହେଲେ ଓଡିଶାରେ ଏଯାଏଁ ହୋମଗାର୍ଡ ବା ଗୃହରକ୍ଷୀ ମାନଙ୍କର ଆବଶ୍ୟକ ସରକାରୀ ହାରରେ ଦରମା ସ୍ଥିର ହୋଇନଥିବା ବେଳେ କାହାର ଚାକିରୀ ମଧ ନିୟମିତ ହୋଇପାରିନଥିବା ଘୋର ଦୁଃଖ ଓ ପରିତାପର ବିଷୟ ଅଟେ । ୧୯୬୧ ଗୃହରକ୍ଷୀ ଆଇନ ଏବଂ ୧୯୬୨ ମସିହା ନିୟମାବଳୀରେ ସଂଶୋଧନ ସହ ରାଜ୍ୟ ଗୃହରକ୍ଷୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ନିମନ୍ତେ ସେମାନଙ୍କର ଚାକିରୀରେ ଆବଶ୍ୟକ ସର୍ତ୍ତାବଳୀ ପ୍ରଣୟନ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବା ବିଧେୟ । ପୂର୍ବରୁ ରାଜ୍ୟ ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ରାଜ୍ୟ ଗୃହରକ୍ଷୀ ମାନଙ୍କୁ ଚାକିରୀରେ ନିୟମିତ କରି ସେମାନଙ୍କୁ ଅତିରିକ୍ତ ସେବାକାରୀ ଭାବେ ଓଡିଶା ଅକଜିଲାରି ପୋଲିସ/ ଫାୟାର ସର୍ଭିସ ଫୋର୍ସ ଭାବେ ପଦୋନ୍ନତି ପ୍ରଦାନ ନିମନ୍ତେ ରାଜ୍ୟ ଗୃହ ବିଭାଗକୁ ଏକାଧିକ ଥର ରିପୋର୍ଟ ସହ ସୁପାରିଶ କରାଯାଇଥିଲା । ସରକାର ମାନବିକତା ଓ ନ୍ୟାୟିକ ଦୃଷ୍ଟିକୋଣରୁ ବିଚାର କରି କାର୍ଯ୍ୟରତ ଗୃହରକ୍ଷୀମାନଙ୍କର ଜୀବନଜୀବିକା ଓ ନିରାପତ୍ତା, ସାମାଜିକ ସୁରକ୍ଷା ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଭଳି ଯୋଜନା ପ୍ରଣୟନ କରିବା ନିହାତି ଜରୁରୀ । ଯେଉଁଠି ଆମ ରାଜ୍ୟର ଗୃହ କ୍ଷେତ୍ରର ଶାନ୍ତି ଶୃଙ୍ଖଳା, ସୁରକ୍ଷା ଓ ସାମାଜିକ ସମ୍ମାନ ରକ୍ଷାରେ ପୋଲିସ ବଳ ସହ ଗୃହରକ୍ଷୀଙ୍କ ଅତିରିକ୍ତ ସେବା ଜଡିତ,ସେଠାରେ କାର୍ଯ୍ୟରତ ଆମ ରାଜ୍ୟ ଗୃହରକ୍ଷୀଙ୍କ ଚାକିରୀ ସ୍ଥାୟିତ୍ୱ ପାଇଁ ସରକାର ସମୁଚିତ ପଦକ୍ଷେପ ଗ୍ରହଣ କରିବାର ଅବକାଶ ନିହାତି ରହଛି । ସୂଚନାରୁ ପ୍ରକାଶ, ଭୂବନେଶ୍ୱରରେ ରାଜ୍ୟ ଗୃହରକ୍ଷୀ ମହାସଂଘ ପକ୍ଷରୁ ଏବେ ବିଭିନ୍ନ ଅଂଚଳରେ କାର୍ଯ୍ୟରତ ଉଭୟ ମହିଳା ଓ ପୁରୁଷ ଗୃହରକ୍ଷୀ ପ୍ରତିନିଧି ରାଜ୍ୟ ସରକାରଙ୍କ ନିକଟରେ ରାଜ୍ୟ ଗୃହରକ୍ଷୀ ମାନଙ୍କର ଚାକିରୀ ନିୟମିତତା ଦାବି ସମେତ ଓ ଅନ୍ୟାନ୍ୟ ୬ଦଫା ଦାବି ରଖି ଏହାର ପୂରଣ ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରି ଆମରଣ ଅନଶନରେ ବସିଥିବା ସୂଚନାରୁ ପ୍ରକାଶ ।

+ନାଚୁଣୀ,
ଖୋରଧା-୭୫୨୦୩୪
ମୋ: ୬୩୭୦୪୯୫୯୪୪

# ଚିକେନ ଗୁପଚୁପ

**ଆବଶ୍ୟକ ସାମଗ୍ରୀ :** ଚିକେନ୍, ଲୁଣ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ପିଆଜ, ଅଦା, ରସୁଣ ପେଷ୍ଟ, କଲର ପାଉଡର, ସୋରିଷ ତେଲ, ଚିକେନ ପାଉଡର, ଗରମ ମସଲା ଓ ବଜାରରେ ମିଳୁଥିବା ଶୁଖା ଗୁପଚୁପ



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଜାରରେ ମିଳୁଥିବା ଶୁଖା ଗୁପଚୁପକୁ ଆଣି ତାକୁ ଛାଣି ଏକ ପାତ୍ରରେ ରଖି ଦିଅନ୍ତୁ ।
ପରେ ଛୋଟ ଛୋଟ ପିସ୍ ହୋଇଥିବା ଚିକେନ୍‌କୁ ଭଲ ଭାବେ ଧୋଇ ଦିଅନ୍ତୁ । ଏହା ପରେ କରେଇରେ ସୋରିଷ ତେଲ ଗରମ କରନ୍ତୁ । ସେଥିରେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜ ଲାଲ ହୋଇଯିବା ପରେ ସେଥିରେ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ । ତାକୁ ଭଲ ଭାବରେ କଷନ୍ତୁ । ଏହା ପରେ ସେଥିରେ ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ, ଚିକେନ କରି ପାଉଡର ପକାନ୍ତୁ । ଏହା ସହ କିଛି କଲର ପାଉଡର ପକାଇ ଭଲ ଭାବରେ କଷନ୍ତୁ । ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଓ ହଳଦୀ ପକାନ୍ତୁ ।
ମସଲା ଭଲ ଭାବେ କଷି ହୋଇଯିବା ପରେ ପ୍ଲେଟ୍‌ରେ ଥିବା ଚିକେନ୍ ପକାଇ କଷନ୍ତୁ । ଗ୍ୟାସ୍‌କୁ ସିମ୍ କରି ସିଝିବା ପାଇଁ କିଛି ସମୟ ଛାଡି ଦିଅନ୍ତୁ । ଏହା ସିଝିବା ପରେ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ । ଏଥର ପ୍ରସ୍ତୁତ ହୋଇଗଲା ଗୁପଚୁପ ପାଇଁ ଚିକେନ୍ ମସଲା । ଏହାପରେ ପୁଦିନା ପତ୍ରରେ ଲୁଣ ମିଶାଇ ତାକୁ ଗ୍ରାଇଣ୍ଡିଂ କରି ଚଟଣୀ ପ୍ରସ୍ତୁତ କରନ୍ତି । ଏହାପରେ ଛଣା ଗୁପଚୁପରେ ଚିକେନ ମସଲା ପୂରକୁ ପୁରାନ୍ତୁ । ସେଥିରେ ଟିକିଏ ପୁଦିନା ଚଟଣି ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ ଗୁପଚୁପ ।

# ଅସୁସ୍ଥ ଥିବା ସମୟରେ ସଚେତନତା

ଜ୍ୱର, ମୁଣ୍ଡବିନ୍ଧା, କାଶ ଥଣ୍ଡା କିମ୍ବା ପେଟ ସମସ୍ୟା ଯେ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ ବିଶେଷଜ୍ଞଦଳଙ୍କ ଅନୁସନ୍ଧାନରୁ କେତେକ ତଥ୍ୟ ସୁସ୍ପଷ୍ଟ ହୋଇଛି । ଶରୀର ଅସୁସ୍ଥ ଥିଲେ କେଉଁ ଖାଦ୍ୟ ନ ଖାଇବେ, ଏନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଛି । ମିଠା ଖାଦ୍ୟଠାରୁ ଯଥାସମ୍ଭବ ଦୂରେଇ ରହିବା ଉଚିତ । ଶରୀର ଅସୁସ୍ଥ ଥିବାବେଳେ ଅଧିକ ମିଠା ଖାଇଲେ ତାହା ବିଷ କ୍ରିୟା ସୃଷ୍ଟି କରେ । ଏହା ସହ ମିଠା ଖାଇଲେ ଅଧିକ କ୍ଳାନ୍ତ ଲାଗୁଥିବାର ପରୀକ୍ଷାରୁ ପ୍ରକାଶ । ମୃଦୁପାନୀୟଠାରୁ ମଧ ଦୂରେଇ ରୁହନ୍ତୁ । ଏଥିରେ ବିଭିନ୍ନ ପ୍ରକାର ରାସାୟନିକ ତତ୍ତ୍ୱ ମିଶିଥାଏ । ଏହି କାରଣରୁ ଶରୀର ଅଧିକ ଅସୁସ୍ଥ ହୋଇଥାଏ । ବିଶେଷଜ୍ଞଙ୍କ ମତରେ ଶୀର ଅସୁସ୍ଥ ଥିବା ସମୟରେ ଅମ୍ଳ ଥିବା ଖାଦ୍ୟ ଓ ପାନୀୟଠାରୁ ମଧ ଦୂରେଇ ରହନ୍ତୁ । ଏହା କାରଣରୁ ମଧ ସ୍ୱାସ୍ଥ୍ୟ ହାନି ହେଉଥିବାର ପ୍ରକାଶ ।

# ଅଜବ ମହିଳା

ଦୁନିଆରେ ଏପରି ଅନେକ ମହିଳା ଅଛନ୍ତି ଯେଉଁମାନଙ୍କ ନାମରେ ଭିନ୍ନ ଭିନ୍ନ ରେକର୍ଡ ରହିଛି । ଦେଖିବାକୁ ଭିନ୍ନ ହେବା ସହ ବେଳେବେଳେ କାର୍ଯ୍ୟ ଏପରି କରନ୍ତି ଯାହା ତାଙ୍କୁ ଲୋକଲୋଚନ ସମ୍ମୁଖକୁ ଟାଣି ଆଣିଥାଏ । ଆଜି ଆମେ ଏପରି କିଛି ଭିନ୍ନ ମହିଳାଙ୍କ ବିଷୟରେ ଜଣାଉଛୁ ଯେଉଁମାନଙ୍କ ନାମରେ ଅଜବ ରେକର୍ଡ ଅନ୍ତର୍ଭୁକ୍ତ ରହିଛି ।

## ଆଶା ମଣ୍ଡେଲା:

ଆଶା ମଣ୍ଡେଲାଙ୍କ ମୁଣ୍ଡକୁ ଦେଖିଲେ ଏପରି ଲାଗେ ଯେପରି ସେ ତାଙ୍କ ମୁଣ୍ଡରେ କୌଣସି କାରୁକାର୍ଯ୍ୟ କରିଛନ୍ତି । ଆଶାଙ୍କ ମୁଣ୍ଡରେ ହୋଇଥିବା କାରୁକାର୍ଯ୍ୟ ବଜାରରେ ମିଳୁଥିବା ମୁକୁଟ କିମ୍ବା ରୀବନ ନୁହେଁ ବରଂ ଏହା ଆଶାଙ୍କ ଓରିଜିନାଲ କେଶ । ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ । ଦୁନିଆର ସବୁଠୁ ଲମ୍ବା କେଶଧାରୀ ମହିଳାଭାବେ ଆଶାଙ୍କର ରେକର୍ଡ ରହିଛି । ଆଶାଙ୍କ କେଶ ଏତେ ଲମ୍ବା ଯେ, ଯଦି ସେ ଛାତର ଦୁଇ ମହଲାରେ ଠିଆ ହୋଇ କେଶକୁ ଉପରୁ ତଳକୁ ପକାନ୍ତି ତେବେ ତାଙ୍କ କେଶ ତଳେ ପାଇବାଜେ । ତାଙ୍କର କେଶର ଲମ୍ୱ ୧୯ଫୁଟରୁ ଅଧିକ ରହିଛି ଯେତେବେଳେ ଆଶା କେଶକୁ ସଫା କରନ୍ତି, କେଶ ଶୁଖାଇବା ପାଇଁ ତାଙ୍କୁ ଦୁଇଦିନର ସମୟ ଲାଗିଥାଏ ।



## ଜୁଲିଆ ଗ୍ନୁସେ:

ଜୁଲିଆ ଗ୍ନୁସେ ନିଜ ଶରୀରର ୯୫ ପ୍ରତିଶତ ଭାଗ ଟାଟୁ କରିଛନ୍ତି । ପାଦଠୁ ନେଇ ମୁଣ୍ଡ ପର୍ଯ୍ୟନ୍ତ ଜୁଲିଆଙ୍କ ଟାଟୁ କରିବାର କାରଣ ହେଉଛି 'ପାରଫିରିୟା' ନାମକ ଏକ ଅଜବ ରୋଗ ଏହି ରୋଗର ଲକ୍ଷଣ ହେଉଛି ସୂର୍ଯ୍ୟଙ୍କ କିରଣ ତ୍ୱଚାରେ ପଡ଼ିଲେ, ତ୍ୱଚାରେ ବିଭିନ୍ନ ପ୍ରକାରର ଦାଗ ଦେଖା ଦେଇଥାଏ । ଜୁଲିଆ ତାଙ୍କ ଶରୀରର ଏହି ଅଜବ ଦାଗରୁ ନିଜକୁ ବଞ୍ଚେଇବା ପାଇଁ ଶରୀରଯାକରେ ଏପରି ଟାଟୁ କରିଛନ୍ତି । ଦେହସାରା ଟାଟୁ କାରଣରୁ ଖୁବ ବିଚିତ୍ର ଦେଖାଯାନ୍ତି ଜୁଲିଆ ।





## ମାରିଆ କ୍ରିଷ୍ଟେନା:

ମାରିଆ ଦେଖିବାକୁ କୌଣସି ପିଶାଚିନୀ ଠାରୁ କମ ନୁହନ୍ତି । ବିବାହ ପରେ ଦୀର୍ଘବର୍ଷ ଧରି ଘରୋଇ ହିଂସାର ଶିକାର ହୋଇ ଆସୁଥିଲେ ମାରିଆ । ଅସଫଳ ବିବାହରୁ ମୁକ୍ତି ପାଇବା ପରେ ମାରିଆ ନିଜକୁ ଭାମ୍ପାୟର ପରି ସଜେଇ ଦେଇଛନ୍ତି । ମାରିଆଙ୍କ ଚେହେରା ଏତେ ଭୟାନକ ଯେ, ଦିନ ସମୟରେ ବି ତାଙ୍କୁ ଦେଖିଲେ ଲୋକେ ଡରିଯାନ୍ତି । ମାରିଆ ନିଜର ସମ୍ପୂର୍ଣ୍ଣ ଶରୀରରେ ଟାଟୁ କରିଛନ୍ତି । କେବଳ ସେତିକି ନୁହେଁ ଏକ ହିଂସ୍ରଜନ୍ତୁର ଶିଙ୍ଘକୁ କ ବି ନିଜ ମୁଣ୍ଡରେ ଇମ୍ପ୍ଲିମେଣ୍ଟ କରିଛନ୍ତି ମାରିଆ । ଏହା ସବୁ ସତ୍ତ୍ୱେ ବି ମାରିଆଙ୍କ ଭିତରେ ଭଲ କଥା ହେଉଛି, ଘରୋଇ ହିଂସାର ଶିକାର ହେଉଥିବା ମହିଳାଙ୍କୁ ସେ ସାହାଯ୍ୟ କରନ୍ତି ।

# ଫଳ ସହ ମିଠା ମିଶାଇ ଖାଉଥିଲେ ସାବଧାନ

ଫଳ ଖାଇବା ପ୍ରାୟ ସମସ୍ତଙ୍କୁ ପସନ୍ଦ । ଫଳ ଆମ ଶରୀରରେ ଅନେକ ପ୍ରକାରର ମିନେରାଲ୍ସ ଏବଂ ଭିଟାମିନର ଅଭାବ ଦୂର କରିଥାଏ । ସୁସ୍ଥ ରହିବା ପାଇଁ ଆଜିକାଲି ସମସ୍ତେ ସବୁ ପ୍ରକାରର ଫଳ ଖାଇବା ପାଇଁ ପ୍ରାଥମିକତା ଦିଅନ୍ତି । ତେବେ ବେଳେବେଳେ ଆମେ ଫଳ ସହ ଅନ୍ୟ ସବୁ ପ୍ରକାରର ଜିନିଷ ମଧ ମିଶାଇ ଖାଇ ଦେଇଥାଉ । କିନ୍ତୁ ଏଭଳି ଖାଇବା ଠିକ୍ ନୁହେଁ । ଏହା ଆମ ପାଇଁ ବିପଦ ହୋଇପାରେ । ତେବେ କେଉଁ ଫଳ ସହ କାହାକୁ ମିଶାଇ ଖାଇବା ଉଚିତ ନୁହେଁ ଆସନ୍ତୁ ଜାଣିବା ।

**ଲେମ୍ବୁ ଓ ଭଣ୍ଡା-** ପାଚିଲା ଭଣ୍ଡା ଏବଂ ଲେମ୍ବୁ ହେଉଛି ଏକ ମାରାତ୍ମକ ମିଶ୍ରଣ । ଏହି ଦୁଇଟି ଜିନିଷକୁ ମିଶାଇ ଖାଇବା ଶରୀର ପାଇଁ ବିପଦଜ୍ଜନକ ହୋଇଥାଏ ବୋଲି ଡାକ୍ତରମାନେ କୁହନ୍ତି । ଏହି ଦୁଇଟି ଜିନିଷ ମିଶି ରକ୍ତରେ ହେମୋଗ୍ଲୋବିନ୍ ସମ୍ବନ୍ଧୀୟ ସମସ୍ୟା କରିପାରେ । ଲେମ୍ବୁ ଏବଂ ଭଣ୍ଡାକୁ ମିଶାଇ ଖାଇବା ଦ୍ୱାରା ଏହି ମିଶ୍ରଣ ରକ୍ତହୀନତା ସହ ଜଡିତ ସମସ୍ୟା ମଧ ସୃଷ୍ଟି ହୋଇପାରେ ।

**କମଳା ଏବଂ ଗାଜର-** ସେହିପରି କମଳା ଏବଂ ଗାଜରକୁ ମଧ ଏକାଠି ଖାଇବା ଉଚିତ ନୁହେଁ । ଏହା ଶରୀରରେ କିଡନୀ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ । କମଳା ଏବଂ ଗାଜରର ମିଶ୍ରଣ ମଧ ହୃଦଘାତ ଏବଂ ପିତ୍ତ ସମ୍ବନ୍ଧୀୟ ସମସ୍ୟା ପାଇଁ ଦାୟୀ ବୋଲି ଡାକ୍ତରମାନେ କୁହନ୍ତି ।

**କଦଳି ଓ ପିଜୁଳି-** ଯଦି ଆପଣ କଦଳୀ ଏବଂ ପିଜୁଳିକୁ ଏକାଠି ଖାଉଛନ୍ତି ତେବେ ସାବଧାନ । ଏଭଳି ଭୁଲ୍ ? ଜମାରୁ ବି କରନ୍ତୁ ନାହିଁ । ଏହି ଦୁଇ ଫଳକୁ ଏକାଠି ଖାଇବା ଦ୍ୱାରା ପେଟ ଜନିତ ସମସ୍ୟା ସୃଷ୍ଟି ହୋଇପାରେ । ଏଥିସହ ଏହା ମୁଣ୍ଡାବିନ୍ଧା ଭଳି ସମସ୍ୟାକୁ ବଢ଼ାଇଥାଏ ।

**କଦଳି ଓ ପୁଡିଂ-** କଦଳୀ ଏବଂ ପୁଡିଂର କମ୍ବିନେସନ ସବୁଠାରୁ ଘାତକ । ଏହା ଶରୀରରେ ବିଷାକ୍ତ ପଦାର୍ଥ ଉତ୍ପନ୍ନ କରିବା କାମ କରିଥାଏ । ଏହାକୁ ଖାଇବା ଦ୍ୱାରା ଦୀର୍ଘ ସମୟ ଧରି ପେଟ ଜନିତ ସମସ୍ୟା ଲାଗି ରୁହେ ।

## ମ୍ୟାଣ୍ଡି ସେଲର୍ସ:

ମ୍ୟାଣ୍ଡି ସେଲର୍ସ ନାମକ ଏହି ମହିଳା ଜରକ ଦୀର୍ଘ ଦିନ ଧରି ଏକ ଗମ୍ଭୀର ରୋଗରେ ପୀଡ଼ିତ ଅଛନ୍ତି । ମ୍ୟାଣ୍ଡିଙ୍କ ଏହି ଅଜବ ରୋଗ କାରଣରୁ ତାଙ୍କ ଗୋଡ଼ ଆବଶ୍ୟକତାଠାରୁ ଅଧିକ ବଢ଼ିବାରେ ଲାଗିଛି । ଗୋଡ଼ଟି ଅସାମାନ୍ୟ ଏବଂ ବେଢ଼ଙ୍ଗ ପ୍ରକ୍ରିୟାରେ ବଢ଼ିବାକୁ ଲାଗଉଛି । ଆପରଙ୍କୁ ଜାଣି ଆଶ୍ଚର୍ଯ୍ୟ ଲାଗିବ ତାଙ୍କ ଡାହାଣ ଗୋଡ଼ଟିର ଓଜନ ୯୫ କିଲୋରୁ ବି ଅଧିକ ରହିଛି । ଗୋଡ଼ର ଏହି ସମସ୍ୟା କାରଣରୁ ମ୍ୟାଣ୍ଡି ଠିକ୍ ଭାବେ ଚଳପ୍ରଚଳ ବି କରିପାରୁ ନାହାନ୍ତି । ଏଥିପାଇଁ ସେ ବାଧ ହୋଇ ୨୦୧୦ରେ ନିଜର ବାମ ଗୋଡ଼କୁ କାଟି ଦେଇଥିଲେ । କାଟିବା ସତ୍ତ୍ୱେ ବି ଗୋଡ଼ ବଢ଼ିବାରେ ଲାଗୁଛି । ଯାହାର ସଠିକ ଚିକିତ୍ସା ବିଷୟରେ ମେଡିକାଲ ସାଇନ୍ସ ପାଖରେ ବି ନାହିଁ ।



# ୨୭ ସେପ୍ଟେମ୍ବର ‘ଭାରତ ବନ୍ଦକୁ ସିପିଆଇର ସମର୍ଥନ

ଭୁବନେଶ୍ୱର,୨୧/୯ (ନି.ପ୍ର): ୩କଳା କୃଷି ଆଇନ ବାତିଲ, ବିଦ୍ୟୁତ୍ ସଂଶୋଧନ ଆଇନ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍ର ପ୍ରତ୍ୟାହାର ଦାବି ସହିତ ଆକାଶଛୁଆଁ ଦର ବୃଦ୍ଧି, ବ୍ୟାପକ ବେରୋଜଗାରୀ ଓ ଦେଶର ମୂଲ୍ୟବାନ ରାଷ୍ଟ୍ରାୟତ ସମ୍ପତି ବିକ୍ରିର ପ୍ରତିବାଦରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ୨୭ ସେପ୍ଟେମ୍ବର ‘ଭାରତ ବନ୍ଦ’ ଡାକରାକୁ ସିପିଆଇ ସମର୍ଥନ କରିଛି। ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ବୈଠକ ଅନୁଷ୍ଠିତ ହୋଇ ଭାରତ ବନ୍ଦକୁ ସମର୍ଥନ ସହିତ ଏହି ବନ୍ଦରେ ସିପିଆଇର ସମସ୍ତ ସଭ୍ୟ ସକ୍ରିୟ ଭାବେ ସାମିଲ ହେବେ ବୋଲି ଘୋଷଣା କରାଯିବା ସଙ୍ଗେ ସଙ୍ଗେ ଦଳର ସମସ୍ତ ଜିଲ୍ଲା, ଅଂଚଳ ଓ ଶାଖା କମିଟିମାନଙ୍କୁ ଏଥିପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଗୃହୀତ ଅନ୍ୟ ଏକ ପ୍ରସ୍ତାବରେ ସମଗ୍ର ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ବିପ୍ରାତ ଓ ଜଳବନ୍ଦୀ ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହେବା ସହିତ କଚାଘରମାନ ଭାଙ୍ଗିଯାଇଥିବାରୁ ୭ଦିନ ମଧ୍ୟରେ ଏହାର ସର୍ଭେ କରି ଫସଲ ନଷ୍ଟ ପାଇଁ ଏକର ପିଛା ୨୦ ହଜାର ଟଙ୍କା କ୍ଷତି ପୂରଣ, ୩୦ ହଜାର ଲେଖାଏଁ ଘରଭଙ୍ଗା ସାହାଯ୍ୟ ପ୍ରଦାନ ସଙ୍ଗେ ସଙ୍ଗେ କୃଷିଋଣ ଓ ସ୍ୱୟଂ ସହାୟିକା ଗ୍ରୁପମାନଙ୍କ ଋଣକୁ ଛାଡ଼ କରିବା ପାଇଁ ଦାବି କରାଯାଇଛି।

ରାଜ୍ୟ ସମ୍ପାଦକମଣ୍ଡଳୀର ଏହି ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ, ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ଅଶୋକ ଦାଶ ଓ ପ୍ରଶାନ୍ତ ପାଟ୍ଟଯୋଷୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

# ରାଜ୍ୟରେ ବ୍ଲାକ୍ ଫଙ୍ଗସ ନେଲାଣି ୨୯ ଜୀବନ

ଭୁବନେଶ୍ୱର,୨୧/୯ (ନି.ପ୍ର): ରାଜ୍ୟରେ ବ୍ଲାକ୍ ଫଙ୍ଗସରେ ୨୯ ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି, ରାଜ୍ୟରେ ଏଯାବତ୍ ୨୧୨ ବ୍ଲାକ ଫଙ୍ଗସ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୮ ଜଣ ସୁସ୍ଥ ହୋଇସାରିଛନ୍ତି। ୨୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦୯ ଜଣ ଏବେ ଡାକ୍ତରାଖାନାରେ ଅଛନ୍ତି। ଗତକାଲି ରାଜ୍ୟରେ ରେକର୍ଡ ସଂଖ୍ୟକ ଟିକାକରଣ ହୋଇଛି। ଜାନୁଆରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଥିବା ବେଳେ କେବଳ ଗତକାଲି ୪ ଲକ୍ଷ ୧୬ ହଜାର ଡୋଜ୍ ଟିକା ଦିଆଯାଇଛି। ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨ କୋଟି ୮୦ ଲକ୍ଷ ଟିକାକରଣ କରାଯାଇଛି। ଏହା ଭିତରୁ ୬୬ ପ୍ରତିଶତ ପ୍ରଥମ ଡୋଜ ନେଇଛନ୍ତି। ପ୍ରଥମ ଡୋଜ ନେବା ପରେ ଦ୍ୱିତୀୟ ଡୋଜ ପାଇଁ ବାକି ଥିବା ଲୋକମାନଙ୍କ ମଧ୍ୟରୁ ୭୨ ପ୍ରତିଶତ ଟିକା ନେଇଛନ୍ତି। ୨୨ ଲକ୍ଷ ଟିକା ବର୍ତ୍ତମାନ ଆମ ପାଖରେ ମହଜୁଦ ରହିଛି। ଶ୍ରୀ ପାଣିଗ୍ରାହୀ ଆହୁରି କହିଛନ୍ତି, ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ପ୍ରଥମ ଡୋଜ ଟିକା ଶେଷ କରିବାକୁ ଚେଷ୍ଟା କରୁଛୁ। ଦ୍ୱିତୀୟ ଡୋଜ ଏହାର ତିନି ମାସ ପରେ ଶେଷ ହେବ ବୋଲି ଆଶା ରଖିଛୁ।

# ୬ ସ୍ୱତନ୍ତ୍ର ଟ୍ରେନରେ ମାସିକ/କ୍ୱାର୍ଟର୍ଲି ସିଜିନ ଟିକେଟ୍ ପୁନଃ ପ୍ରଚଳନ

ଭୁବନେଶ୍ୱର,୨୧/୯ (ନି.ପ୍ର): ଦୈନନ୍ଦିନ ଯାତାୟାତ କରୁଥିବା ଟ୍ରେନ ଯାତ୍ରୀମାନଙ୍କ ସୁବିଧା ପାଇଁ, ପୂର୍ବ ତଟ ରେଳପଥ ଆଜିଠାରୁ ଛଅଟି ସ୍ୱତନ୍ତ୍ର ଟ୍ରେନରେ ମାସିକ ସିଜିନ ଟିକେଟ୍ (ଏମଏସଟି) / ତ୍ରୟମାସିକ ସିଜିନ ଟିକେଟ୍ (କ୍ୟୁଏସଟି) ସହିତ ଟ୍ରେନ୍ ଯାତ୍ରାକୁ ଅନୁମତି ଦେଇଛି । ଏହି ଟ୍ରେନ୍ ଗୁଡିକ ହେଉଛି ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ , ୦୮୪୫୬/୦୮୪୫୫ ଖୋର୍ଦ୍ଧା ରୋଡ୍-କେନ୍ଦୁଝରଗଡ-ଖୋର୍ଦ୍ଧା ରୋଡ୍ ବିଶେଷ ଟ୍ରେନ , ୦୮୫୨୨/୦୮୫୨୧ ବିଶାଖାପାଟନମ୍-ଗୁଣୁପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ. ୦୮୫୨୮/୦୮୫୨୭ ବିଶାଖାପାଟନମ୍-ରାୟପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ , ୦୮୨୬୩/୦୮୨୬୪ ଟିଟିଲାଗଡ-ବିଳାସପୁର-ଟିଟିଲାଗଡ ବିଶେଷ ଟ୍ରେନ ଏବଂ ୦୭୨୬୬/୦୭୨୬୫ ବିଶାଖାପାଟନମ୍-କାକିନଡା ବନ୍ଦର-ବିଶାଖାପାଟନମ୍ ବିଶେଷ ଟ୍ରେନ।

# ମୁକୁଳା ଡ୍ରେନ ଗୁଡିକରେ ଯଥାଶୀଘ୍ର ସ୍ଲାବ ପକାଯାଉ - ଏବିଭିପି

ଭୁବନେଶ୍ୱର, ୨୦ ସେପ୍ଟେମ୍ବର - ରାଜଧାନୀ ଭୁବନେଶ୍ୱରର ଏକ ଡ୍ରେନରେ ନାବାଳକ ଭାସି ମୃତ୍ୟୁବରଣ କରିବା ଘଟଣାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନିନ୍ଦା କରିଛି। ସରକାର ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକ ରହିଛି । କେବଳ ସ୍ମାର୍ଟସିଟି ସାର୍ଟିଫିକେଟ ନଧରି କେମିତି ସତରେ ସ୍ମାର୍ଟସିଟି ହୋଇପାରିବ, ସେଥିପାଇଁ ତୁରନ୍ତ ଟିମ୍ ଗଠନ କରିବାର ଆବଶ୍ୟକ ରହିଛି । ମୁକୁଳା ଡ୍ରେନ ଗୁଡିକରେ ଯଥାଶୀଘ୍ର ସ୍ଲାବ ପକାଯାଉ ବୋଲି ଏବିଭିପି ଦାବି କରିଛି। ଏବିଭିପି ପକ୍ଷରୁ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଏହାଠାରୁ ଲଜ୍ୟାଜନକ ବିଷୟ ବୋଧେ ଆଉ ନାହିଁ । ଏତେ ସବୁ ବାରମ୍ବାର ହେଲା ପରେ ସରକାର ନିଦାବିଷ୍ଟ ଭଳି ଶୋଇଛନ୍ତି । ବିଗତ ଦିନ ମାନଙ୍କରେ ଏହିଭଳି ଘଟଣା ବାରମ୍ବାର ଘଟିଥିଲେ ବି ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି । ଫଳରେ ପୁଣି ଏକ ଜୀବନ ଯାଇଛି ।

# ୨୬, ୨୭ରେ ପରିବର୍ତ୍ତିତ ମାର୍ଗରେ ଚାଲିବ ପ୍ରଶାନ୍ତି ଏକ୍ସପ୍ରେସ୍




ଭୁବନେଶ୍ୱର,୨୧/୯ (ନି.ପ୍ର): ଦକ୍ଷିଣ କେନ୍ଦ୍ରୀୟ ରେଳପଥ ପରିସୀମା ମଧ୍ୟରେ ଗୁଂଟୁର-ଗୁଂଟକଲ୍ ରେଲୱେ ସେକ୍ସନ୍ ର ଦୋହରୀକରଣ କାର୍ଯ୍ୟ ସମ୍ପାଦନ ପାଇଁ କୁରିଚେଡୁ ଏବଂ ଡୋନାକୋଣ୍ଡା ଷ୍ଟେସନ୍ ମଧ୍ୟରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ମାସ ୨୬ ଓ ୨୭ ତାରିଖ ଦିନ ଉଭୟ ପାର୍ଶ୍ୱରୁ ଛାଡ଼ିବାକୁଥିବା ୦୮୪୬୩/୦୮୪୬୪ ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ବିଶେଷ ଟ୍ରେନ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ । ଏହି ଟ୍ରେନ୍ ଉପରୋକ୍ତ ଦିନ ମାନଙ୍କରେ ବିଜୟୱାଡା-ଗୁଣଟୁର-ନନ୍ଦିଆଲ୍-ଗୁଂଟକଲ୍ ମାର୍ଗ ପରିବର୍ତ୍ତେ ଗୁଂଟୁର-ପାଗିଡିପାଲ୍ଲି-କାଚେଗୁଡା-ଧୋନ୍ ଷ୍ଟେସନ୍ ମାର୍ଗ ହୋଇ ଚଳାଚଳ କରିବ ଏବଂ ଏହା ନରସାରାଓପେଟ, ବିନୁକୋଣ୍ଡା, ମାର୍କାପୁର ରୋଡ୍, କୃମ୍ବମ, ଗିଡାଲୁର ଏବଂ ନନ୍ଦିଆଲ୍ ଷ୍ଟେସନ୍ ଯିବନାହିଁ । ସେହିପରି ସମ୍ବଲପୁର ରେଳ ମଣ୍ଡଳ ମଧ୍ୟରେ ୩ଟି ଟ୍ରେନ ପରିବର୍ତ୍ତିତ ସମୟ ସାରଣୀରେ ଚଳାଚଳ କରିବ । ୦୨୮୨୭ ପୁରୀ-ସୁରଟ ବିଶେଷ ଟ୍ରେନ ପୁରୀରୁ ସେପଟେମ୍ବର ୨୬ ତାରିଖ ଠାରୁ ସମ୍ବଲପୁର ରେଳ ମଣ୍ଡଳ ମଧ୍ୟରେ ଚାରିଟି ଷ୍ଟେସନ ଠାରେ ସଂଶୋଧିତ ସମୟ ସାରଣୀରେ ଚଳାଚଳ କରିବ । ଏହି ଟ୍ରେନ୍ ବରଗଡ ରୋଡରେ ଏହାର ନିର୍ଧାରିତ ଆଗମନ ସମୟ ରାତ୍ରି ୨ଟା୫୦ମି. ଓ ପ୍ରସ୍ଥାନ ରାତ୍ରି ୨ଟା୫୨ମି. ପରିବର୍ତ୍ତେ ରାତ୍ରି ୨ଟା୩୯ମି.ରେ ପହଂଚି ରାତ୍ରି ୨ଟା୪୧ମି.ରେ ଛାଡିବ । ସେହିଭଳି, ଏହି ଟ୍ରେନ୍ କଂଟାବାଞ୍ଜି ଷ୍ଟେସନ ଠାରେ ଏହାର ନିର୍ଧାରିତ ପ୍ରସ୍ଥାନ ସମୟ ଭୋର ୫ଟା୪୫ମି. ପରିବର୍ତ୍ତେ ଭୋର ୫ଟା୫୦ମି.ରେ ପହଂଚି ଭୋର ୬ ଟାରେ । ଏହି ଟ୍ରେନ ସମୟ ସାରଣୀ ବାଲାଙ୍ଗୀର ଏବଂ ଟିଟିଲାଗଡ ଠାରେ ମଧ ସଂଶୋଧିତ ହୋଇଛି । ୦୨୮୮୦ ଭୁବନେଶ୍ୱର-ଏଲଟିଟି ବିଶେଷ ଟ୍ରେନ ଭୁବନେଶ୍ୱରରୁ ସେପ୍ଟେମ୍ବର ୨୭ ତାରିଖ ଠାରୁ ଏବଂ ୦୨୮୬୬ ପୁରୀ-ଏଲଟିଟି ବିଶେଷ ଟ୍ରେନ ପୁରୀରୁ ୨୮ ତାରିଖ ଠାରୁ ଝାରସୁଗୁଡା ରୋଡ଼ ଠାରେ ଏହାର ପୂର୍ବ ନିର୍ଧାରିତ ଆଗମନ ସମୟ ଅପରାହ୍ନ ୧ଘ.୩୫ମି. ଓ ପ୍ରସ୍ଥାନ ଅପରାହ୍ନ ୧ଘ.୪୪ମି. ପରିବର୍ତ୍ତେ ଅପରାହ୍ନ ୧ଘ.୩୦ମି.ରେ ପହଂଚି ଅପରାହ୍ନ ୧ଘ.୩୫ମି.ରେ ଛାଡିବ । ୦୯୨୧୦ ପୁରୀ-ଭଲସାଡ ବିଶେଷ ଟ୍ରେନ ପୁରୀରୁ ୧୯ ସେପଟ୍ମେରରୁ ସୁରଟ ଠାରେ ପୂର୍ବାହ୍ନ ୧୦ଘ.୫୭ମି.ରେ ପହଂଚି ପୂର୍ବାହ୍ନ ୧୨ଘ.୦୨ମି.ରେ ଛାଡିବ ଏବଂ ଏହା ଭଲସାଡ ଷ୍ଟେସନ ଠାରେ ଏହାର ପୂର୍ବନିର୍ଦ୍ଧାରିତ ସମୟ ମଧ୍ୟାହ୍ନ ୧୨ଘଟିକା ପରିବର୍ତ୍ତେ ଅପରାହ୍ନ ୧୨ଘ.୧୦ମି. ରେ ପହଂଚିବ । ଏହା ବ୍ୟତୀତ ୦୮୪୧୨/୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ୨୩ ସେପଟ୍ମେର ୨୦୨୧ ଠାରୁ ପରବର୍ତୀ ଉପଦେଶ ପର୍ଯ୍ୟନ୍ତ ଚଳାଚଳ କରିବ ।

# ବିମାନ ବନ୍ଦର, ବନ୍ଦର ଓ ସମସ୍ତ ରାଷ୍ଟ୍ରୀୟ ସମ୍ପଳ ବିକ୍ରୟ ବିରୋଧରେ ଏ.ଆଇ.ଟି.ୟୁ.ସି. ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୨୧/୯ (ନି.ପ୍ର): ମୋଦି ସରକାର ଜାତୀୟ ମୁଦ୍ରାକରଣ ପାଇପ୍ ଲାଇନ୍ ନାମରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର, ପାରାଦ୍ୱୀପ ବନ୍ଦର ସମେତ ସମସ୍ତ ସମ୍ବଳ ପ୍ରଧାନମନ୍ତ୍ରୀଙ୍କ ପୃଷ୍ଠପୋଷକ କମ୍ପାନୀମାନଙ୍କ ହାତକୁ ଟେକିଦେଇ ୬ ଲକ୍ଷ କୋଟି ଟଙ୍କାର ଶିଳ୍ପ ବ୍ୟବସାୟ, ବାଣିଜ୍ୟାନୁଷ୍ଠାନ ଟେକିଦେବାକୁ ବସିଛନ୍ତି। ଏହା ବିରୋଧରେ ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ୍ କଂଗ୍ରେସ (ଏ.ଆଇ.ଟି.ୟୁ.ସି.), ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟ ରାଜଧାନୀଠାରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟ ସଭାପତି ଅଶୋକ ଦାଶଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ଓଡ଼ିଶା ରାଜ୍ୟପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଉପସ୍ଥାପନ କରାଯାଇଛି। ଭୁବନେଶ୍ୱର ରେଳ ଷ୍ଟେସନ୍‌ଠାରୁ ଏବଂ ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ଦୁଇଟି ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ମାଷ୍ଟର କ୍ୟାଂଟିନ୍‌ରୁ ଲୋୟର ପି.ଏମ୍.ଜି. ପର୍ଯ୍ୟନ୍ତ ଯାଇଥିଲା। ରାଜ୍ୟ ସଭାପତି ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା, ଉପସଭାପତି ଏନ୍. ନାରାୟଣ ରେଡି, ଗୌରାଙ୍ଗ ପାଣିଗ୍ରାହୀ, ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ବି.କେ.ଏମ୍.ୟୁ. ରାଜ୍ୟ ସମ୍ପାଦକ, ଧାମରାର ଉଗ୍ରସେନ ମଡୁଆଲ, ବିନୋଦ ବେହେରା, ସୋମନାଥ ଗିରି, ରତ୍ନାକର ସ୍ୱାଇଁ, ଶିଶିର କୁମାର ପରିଡ଼ା, ଦିଲ୍ଲୁ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସଭାପତି ଅଶୋକ ଦାସ, ଏନ୍. ନାରାୟଣ ରେଡି, ବିଷ୍ଣୁପ୍ରିୟା ଜେନା ଓ ନମିତା ସହୁ ପ୍ରମୁଖ ପ୍ରତିନିଧି ମଣ୍ଡଳୀ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଓଡ଼ିଶା ରାଜ୍ୟପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥାପନ କରିଥିଲେ।

# ବେରୋଜଗାର ଓ ଶିକ୍ଷିତ ଯୁବକଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ଓଏଆଇସି ୱେବ୍‌ସାଇଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୧/୯ (ନି.ପ୍ର): ଓଡ଼ିଶା କୃଷି କ୍ଷେତ୍ରରେ ଏକ ପ୍ରଗତିଶୀଳ ରାଜ୍ୟ । ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଦୂରଦୃଷ୍ଟି ପାଇଁ ଓଡ଼ିଶା ବିଗତ ବର୍ଷମାନଙ୍କରେ କୃଷି କ୍ଷେତ୍ରରେ ଜାତୀୟ ସ୍ତରରେ ଅନେକ ପୁରସ୍କାର ହାସଲ କରିଛି । ନିକଟରେ ଓଡ଼ିଶା ମାଣ୍ଡିଆ ସମେତ କ୍ଷୁଦ୍ରଶସ୍ୟ ଚାଷକୁ ପ୍ରୋତ୍ସାହନ କ୍ଷେତ୍ରରେ ସମଗ୍ର ଦେଶରେ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ ହୋଇଛି । ତେବେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଓ ଦକ୍ଷତା ବିକାଶ ଜରିଆରେ ଆମେ କୃଷି କ୍ଷେତ୍ରରେ ଶୀର୍ଷ ସ୍ତରକୁ ପହଂଚି ପାରିବା ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମତବ୍ୟକ୍ତ କରିଛନ୍ତି । ଆଜି ବେରୋଜଗାର ଓ ଶିକ୍ଷିତ ଯୁବକଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ଓଡ଼ିଶା କୃଷି ଶିଳ୍ପ ନିଗମର ୱେବ୍‌ସାଇଟ୍ ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଯେ ବର୍ତମାନ କୃଷି କ୍ଷେତ୍ରରେ ସବୁଠୁ ଅଧିକ ନିଯୁକ୍ତି ସୁଯୋଗ ରହିଛି । ନିଜର ଜ୍ଞାନ ଓ ଦକ୍ଷତା ବୃଦ୍ଧି ସହ ଶିକ୍ଷିତ ଯୁବକଯୁବତୀ ନିଜ ଅଂଚଳରେ ଅର୍ଥ ଉପାର୍ଜନ ସହ ସମ୍ମାନର ସହ ଜୀବନ ଜିଇଁ ପାରିବେ ବୋଲି କହିଥିଲେ । ବର୍ତମାନ ସମୟରେ କୃଷି ଯନ୍ତ୍ରପାତିର ଚାହିଦା ବୃଦ୍ଧି ପାଇଥିବାବେଳେ ଏହା ଉପରେ ଅଧିକ ଜ୍ଞାନ ଆହରଣ ଯୁବବର୍ଗଙ୍କ ଆତ୍ମନିର୍ଭରଶୀଳ କରାଇପାରିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ କୃଷି ଏବଂ କୃଷି ଯନ୍ତ୍ରପାତି କ୍ଷେତ୍ରରେ ଅଧିକ ତାଲିମ କାର୍ଯ୍ୟକ୍ରମ ସହ ଶିକ୍ଷିତ ତାଲିମପ୍ରାପ୍ତ ମାନବ ସମ୍ବଳର ଏକ ଡାଟାବେସ୍ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେ ଇଥିଲେ । ଉପଦେଷ୍ଟା ଶ୍ରୀ କୃତିବାସ ପାତ୍ର ତାଲିମ ନେବାକୁ ଆସିଥିବା ଯୁବକମାନଙ୍କୁ ଉଦ୍‌ବୋଧନ ଦେଇ ନିଷ୍ଠା ଓ ଆନ୍ତରିକ ଉଦ୍ୟମ ଯେ କୌଣସି କଠିନ କାର୍ଯ୍ୟକୁ ସଫଳ କରିବାରେ ସକ୍ଷମ ବୋଲି କହିଥିଲେ । କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଶ୍ରୀ ଦେବାଶିଷ ମହାନ୍ତି ରାଜ୍ୟ ସରକାର ଏବଂ ନିଗମ ପକ୍ଷରୁ ନିଆଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ସଂପର୍କରେ କହିଥିଲେ । କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ରିହାତି ମୂଲ୍ୟରେ ଦିଆଯାଉଥିବା ବିଭିନ୍ନ କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ମରାମତି ନିମନ୍ତେ ଦକ୍ଷ ମାନବସମ୍ବଳର ଆବଶ୍ୟକ ଥିବାରୁ ଏହି ତାଲିମ କାର୍ଯ୍ୟକ୍ରମ ବେଶ୍ ଉପଯୋଗୀ ବୋଲି କହିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିବା ପାୱାର ଟିଲର, ପମ୍ପ, ଧାନକଟା ଯନ୍ତ୍ର ଏବଂ ଯନ୍ତ୍ରଚାଳିତ ୱିଡର ଯନ୍ତ୍ରଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟର ବେରୋଜଗାର ଓ ଶିକ୍ଷିତ ଯୁବକଙ୍କ ପାଇଁ ଆଜି ଭୁବନେଶ୍ୱରଠାରେ ୧୨ ଦିନିଆ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏଥିରେ ବିଭିନ୍ନ ଜିଲ୍ଲାରୁ ୫ଟି ବ୍ୟାଚ୍‌ରେ ୧୫୦ ଜଣଙ୍କୁ ତାଲିମ ପ୍ରଦାନ କରାଯିବ । ଆଜିର ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ବାଙ୍କବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ରଞ୍ଜନା ପଣ୍ଡାଙ୍କ ସମେତ ରାଜ୍ୟ ଉଦ୍ୟାନ ନିର୍ଦ୍ଦେଶକ, ମୃତିକା ସଂରକ୍ଷଣ ନିର୍ଦ୍ଦେଶକ, କୃଷି ମୁଖ୍ୟଯନ୍ତ୍ରୀ ଓ ନିଗମର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ପୁଣିଥରେ ଲଳିତ କଳା ଏକାଡେମୀର ସଭାପତି ହେଲେ ସୁଦର୍ଶନ ପଟ୍ଟନାୟକ

ଭୁବନେଶ୍ୱର,୨୧/୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଶ୍ୱବିଖ୍ୟାତ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ରୂପେ ପୁନଃମନୋନୀତ କରାଯାଇଛି । ବାଲୁକା ଶିଳ୍ପୀ ଶ୍ରୀ ପଟ୍ଟନାୟକ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ରୂପେ ୨୦୧୮ ମସିହାରୁ କାର୍ଯ୍ୟନିର୍ବାହ କରିଆସୁଥିଲେ । ତାଙ୍କର କାର୍ଯ୍ୟକାଳ ସରୁଥିବାରୁ ଆଗାମୀ ୩ ବର୍ଷ ପାଇଁ ତାଙ୍କୁ ଲଳିତ କଳା ଏକାଡେମୀର ସଭାପତି ରୂପେ କାର୍ଯ୍ୟନିର୍ବାହ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଏକତା ପରିଷଦ ଜନସଂଗଠନ ତରଫରୁ ନ୍ୟାୟ ଶାନ୍ତି ଯାତ୍ରା

ଭୁବନେଶ୍ୱର,୨୧/୯ (ନି.ପ୍ର): ଆମ ଦେଶ ସ୍ୱାଧୀନତାର ୭୫ବର୍ଷ ପାଳନ ପାଇଁ ପ୍ରସ୍ତୁତି ହେଉଛି। ଏହା ସତ ଆମେ ବହୁତ ବିକାଶ କରିଛୁ। ଏହାବି ସତ ଯେ, ନ୍ୟାୟ ଓ ବିକାଶ ସମାଜର ଅନ୍ତିମ ବ୍ୟକ୍ତି ପାଖରେ ଅଦ୍ୟାବଧି ପହଂଚି ପାରିନାହିଁ। ସମସ୍ତେ ଚାହାଁନ୍ତି-ଦେଶରେ ନ୍ୟାୟ ଓ ଶାନ୍ତି ରହୁ। ଭୟ ସୃଷ୍ଟି କରି ପୋଲିସ୍ ଦ୍ୱାରା ଶାନ୍ତି ଆସୁ, ଏହା ଆମେ ଚାହୁଁନା। ସମାଜ ଆଧାରିତ ଶାନ୍ତି ଆମେ ଚାହୁଁ। ଆମର ବିଶ୍ୱାସ ଯେ, ନ୍ୟାୟ ହିଁ ଶାନ୍ତି ଆଣିପାରିବ। ବର୍ତମାନ ଅପରିଣାମଦର୍ଶୀ ବିକାଶ ପ୍ରକୃତି ପ୍ରତି ଘୋର ଅନ୍ୟାୟ କରିଛି। ପରିଣାମସ୍ୱରୂପ ଜଳବାୟୁ ପ୍ରଦୂଷଣ ଓ ତାକୁ ନେଇ ବହୁବିଧ ସମସ୍ୟାରେ ଆମେ ଜର୍ଜରିତ। ବିକାଶର ଅବଧାରଣା ପ୍ରକୃତିକେନ୍ଦ୍ରିକ ହେଉ। ଏଥିପାଇଁ ଆମ ସମସ୍ତଙ୍କୁ ମିଳିତ ପ୍ରୟାସ କରିବାକୁ ପଡ଼ିବ।

ସମାଜରେ ହିଂସା ବଢୁଛି। ଫଳରେ ଏହାର ସହଯୋଗୀମାନେ ଲାଭାନ୍ୱିତ ହେଉଛନ୍ତି। ହିଂସାକୁ ରୋକିବା ଓ ଅହିଂସା ବିଚାରକୁ ପ୍ରୋତ୍ସାହିତ କରିବା ହିଁ ଆମ୍ଭର ଦାୟିତ୍ୱ। ମଣିଷ ମଣିଷ ଭିତରେ ତଥା ମଣିଷ ପ୍ରକୃତି ମଧ୍ୟରେ ହେଉଥିବା ହିଂସାକୁ ସମାପ୍ତ କରିବାକୁ ପଡ଼ିବ। ହିଂସାକୁ ହିଂସା ଦ୍ୱାରା ରୋକିବା ବଦଳରେ ବିଚାର ଓ ବ୍ୟବହାରରେ ଅହିଂସାକୁ ଉତାରିବାକୁ ପଡ଼ିବ।

ଗରିବୀ ତଥା ଅସମାନତା ବଢୁଛି। ବଂଚିବା ପାଇଁ ଆବଶ୍ୟକତା ଥିବା ସଂଶାଧନ ଓ ସୁଯୋଗ ଉପରେ ସମସ୍ତଙ୍କ ସମାନ ଅଧିକାର ରହୁ। ଏ ଦିଗରେ ଏବେ ବି ବହୁତ କାମ ବାକି ଅଛି। ଆମେ ସମସ୍ତେ ସର୍ବୋଦୟ ତଥା ଜୟ ଜଗତର ସିଦ୍ଧାନ୍ତରେ ବିଶ୍ୱାସ ରଖୁଥିବା ଲୋକ। ସମସ୍ତଙ୍କର ଉଦୟ ହେଉ। କେହି ବି ଗରିବୀ ଓ ବିସମତାର ଶିକାର ନ ହୁଅନ୍ତୁ। ଦୁନିଆର ସମସ୍ତଙ୍କର ମଙ୍ଗଳ ହେଉ ତଥା କାହାରି ପରାଜୟ ନହେଉ। ଆମେ ବିଶ୍ୱାସ କରୁ ଯେ, ଏକ ସୁନ୍ଦର ଦୁନିଆକୁ ସାକାର କରିବା ପାଇଁ ଏହିସବୁ ବିଚାରର ମହତ୍ୱ ରହିଛି। ଶୋଷଣମୁକ୍ତ ସମାଜର ରଚନା ଏଭଳି ସିଦ୍ଧାନ୍ତ ଦ୍ୱାରା ସମ୍ଭବ ହୋଇପାରିବ।

ଏହି ପଦଯାତ୍ରା ଅନ୍ତଃରାଷ୍ଟ୍ରୀୟ ଶାନ୍ତି ଦିବସଠାରୁ ୨ ଅକ୍ଟୋବର ଅନ୍ତରାଷ୍ଟ୍ରୀୟ ଅହିଂସା ଦିବସ ପର୍ଯ୍ୟନ୍ତ ଏଇଥିପାଇଁ କରାଯାଉଛି ଯେ, ସମସ୍ତେ ଅନ୍ତତଃ ଶାନ୍ତି, ନ୍ୟାୟ ଓ ଅହିଂସାର କଥା ଖୋଲାଖୋଲି ଭାବେ ଚର୍ଚ୍ଚା କରନ୍ତୁ। ଯାତ୍ରାର ନାମ ଏଥିପାଇଁ ନ୍ୟାୟ ଓ ଶାନ୍ତି ଯାତ୍ରା ରଖାଯାଇଛି। ଏହି ଯାତ୍ରାରେ ସବୁ ସମାଜ ଓ ଭିନ୍ନ ବୟସର ଲୋକେ ଚାଲୁଛନ୍ତି। ଆପଣ ମଧ ଏଥିରେ ସହଯୋଗୀ ହୋଇ ଗାଁ ଗାଁ, ସାହି ବସ୍ତିରେ ଶାନ୍ତି ଓ ନ୍ୟାୟର କଥା କହିପାରିବେ।

ମହତ୍ମା ଗାନ୍ଧୀ ସ୍ୱାବଲମ୍ବୀ ସମାଜର କଥା କହିଛନ୍ତି। କିନ୍ତୁ ଦୁଃଖର ବିଷୟ ଆମେ ସ୍ୱାବଲମ୍ବୀ ହେବା ପରିବର୍ତ୍ତେ ଧୀରେ ଧୀରେ ପରବାଲମ୍ବୀ ହେଉଛୁ। ଆମେ ଗାଁର ଶକ୍ତି ଏବଂ ସମ୍ବଳ ପରିବର୍ତ୍ତେ ସରକାରୀ ଶକ୍ତି ଓ ସମ୍ବଳ ଉପରେ ବେଶୀ ଭରସା ରଖୁଛୁ। ଗାଁ ଉପରେ ବିଶ୍ୱାସ କଲେ, ଗାଁର ଶକ୍ତି ବଢିବ। ଗାନ୍ଧିଜୀ ଅନ୍ତିମ ବ୍ୟକ୍ତିକୁ ନ୍ୟାୟ ଦେବା କଥା କହୁଥିଲେ। ସରକାର ବି ଅନ୍ତୋଦୟ କଥା କହୁଛନ୍ତି। ଆମ ସମାଜରେ ଆଜି ବି ବହୁ ସଂଖ୍ୟାରେ ଲୋକେ ସଂଶାଧନ ବିନା ଗରିବୀ ସହିତ ସଂଘର୍ଷ କରୁଛନ୍ତି। ସେମାନେ ସବୁ ଭୂମିହୀନ, ବାସହୀନ ତଥା ବେରୋଜଗାର ମଣିଷ।

ନ୍ୟାୟପୂର୍ଣ୍ଣ ସମାଜ ରଚନା ପାଇଁ ଏହା ଜରୁରୀଯେ, ଆମେ ସେମାନଙ୍କୁ ଉପରକୁ ଉଠାଇ ଅନ୍ୟମାନଙ୍କ ସମକକ୍ଷ କରିବା। ସେହିପରି ମହିଳାମାନଙ୍କୁ ମଧ ଅନ୍ୟମାନଙ୍କ ସହିତ ସମାନସ୍ତରକୁ ଆଣିବାକୁ ହେବ। ସମ୍ପତି ଓ ସଂଶାଧନରେ ସେମାନଙ୍କର ଅଧିକାରକୁ ସୁରକ୍ଷିତ କରିବାକୁ ପଡ଼ିବ। ନ୍ୟାୟ ଓ ଶାନ୍ତି ପାଇଁ ଆମେ ସମସ୍ତେ ଏକ ହୋଇ ଗୋଟିଏ ପାଦ ଆଗକୁ ବଢାଇଲେ ଲକ୍ଷ୍ୟ ଦୂର ନୁହେଁ ବୋଲି ବିଶିଷ୍ଟ ଗାନ୍ଧିବାଦୀ, ଭୂମିହୀନ ଆନ୍ଦୋଳନ ମହାନାୟକ ଶ୍ରୀ ପି.ଭି. ରାଜଗୋପାଳ ଅହ୍ୱାନ ଦେଇଛନ୍ତି। ଶ୍ରୀ ରାଜଗୋପାଳ ତା ୨୩.୦୯.୨୦୨୧ରିଖ ଠାରୁ ୨୬.୦୯.୨୦୨୧ ରିଖ ପର୍ଯ୍ୟନ୍ତ ଚାରିଦିନିଆ ଓଡ଼ିଶାଗ୍ରସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଆଜିରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଭାରତର ୧୦୦ ଜିଲ୍ଲା ସମେତ ବିଶ୍ୱର ବହୁ ଦେଶରେ ଏଭଳି ମୁଦାକୁ ନେଇ ପଦଯାତ୍ରା ହେଉଛି। ଓଡ଼ିଶାରେ ୯ଗୋଟି ଜିଲ୍ଲା ସମେତ ୧୩ଗୋଟି ସ୍ଥାନରେ ଏହି ଯାତ୍ରା ହେବ ବୋଲି ସ୍ଥିର କରାଯାଇଛି। ଏହି ପୁଣ୍ୟ କାମରେ ସରକାରୀ, ପତ୍ରକାର, ବୁଦ୍ଧିଜୀବୀ, ମଧ୍ୟମବର୍ଗୀୟ ଯୁବକ ତଥା ସମାଜର ସବୁବର୍ଗର ମଣିଷମାନେ ସାମିଲ୍ ହୁଅନ୍ତୁ। ଜନସାଧାରଣଙ୍କୁ ନିବେଦନ ଯେ, ଏଭଳି ପଦଯାତ୍ରାକୁ ସମସ୍ତ ପ୍ରକାର ସହଯୋଗର ହାତ ବଢାନ୍ତୁ, ସବୁ ପଦଯାତ୍ରା ଆଜିରୁ ଆରମ୍ଭ ହୋଇ ୨ ଅକ୍ଟୋବରରେ ସରିବ ବୋଲି ଏକତା ପରିଷଦ ଓଡ଼ିଶାର ଆବାହକ ଶ୍ରୀ ବିଜୟ କୁମାର ପ୍ରଧାନ ଜଣାଇଛନ୍ତି।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୪୬୨ ସଂକ୍ରମିତ ଚିହ୍ନଟ: ୧୮ରୁ କମ୍ ବୟସ୍କ ୭୦ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ୍



ଭୁବନେଶ୍ୱର,୨୧/୯ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪୬୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୬୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୯୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୭୦ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୦୧ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୬ ଜଣ, ବାଲେଶ୍ୱରରୁ ୧୧ ଜଣ, ବରଗଡ଼ରୁ ୪ ଜଣ, ଭଦ୍ରକରୁ ୧୬ ଜଣ, ବଲାଙ୍ଗୀରରୁ ୨ ଜଣ, କଟକରୁ ୩୦ ଜଣ, ଗଜପତିରୁ ୨ ଜଣ, ଗଞ୍ଜାମରୁ ୨ ଜଣ, ଜଗତସିଂହପୁରରୁ ୩୧ ଜଣ, ଯାଜପୁରରୁ ୨୮ ଜଣ, ଝାରସୁଗୁଡ଼ାରୁ ୪ ଜଣ, କଳାହାଣ୍ଡିରୁ ୨ ଜଣ, କନ୍ଧମାଳରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୧୦ ଜଣ, କେଉଁଝରରୁ ୧ ଜଣ, ଖୋର୍ଦ୍ଧାରୁ ୨୦୧ ଜଣ, ମୟୁରଭଞ୍ଜରୁ ୧୩ ଜଣ, ନୟାଗଡ଼ରୁ ୫ ଜଣ, ପୁରୀରୁ ୧୩ ଜଣ, ରାୟଗଡ଼ାରୁ ୪ ଜଣ, ସମ୍ବଲପୁରରୁ ୧୨ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୧୬ ଜଣ ଓ ଷ୍ଟେଟ ପୁଲରୁ ୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦,୨୧,୨୧୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦,୦୭,୬୬୬ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୫୩୫୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୧ ଗିରଫ: ୬୫୫ ବାହନ ଜବତ

ଭୁବନେଶ୍ୱର,୨୧/୯ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୫୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧,୩୫,୨୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଏଣିକି ଏଟିଭିଏମ୍ ସ୍ମାର୍ଟ କାର୍ଡର ଅନଲାଇନ୍ ରିଚାର୍ଜ

ଭୁବନେଶ୍ୱର ,୨୧/୯ (ନି.ପ୍ର): ଏଣିକି ଏଟିଭିଏମ୍ ସ୍ମାର୍ଟ କାର୍ଡ ଉପଯୋଗ କରୁଥିବା ରେଳ ଯାତ୍ରୀମାନେ ରିଚାର୍ଜ ପାଇଁ ଷ୍ଟେସନ ବୁକିଂ କାଉଣ୍ଟର ଯିବାକୁ ପଡ଼ିବ ନାହିଁ। ସେମାନଙ୍କ ମୋବାଇଲ ଫୋନ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ୟୁଟିଏସ ଅନ ମୋବାଇଲ ୱେବସାଇଟ୍ ବା ଆପ୍ ଦ୍ୱାରା ଅନଲାଇନ୍‌ରେ ସେମାନଙ୍କର ଏଟିଭିଏମ୍ ସ୍ମାର୍ଟ କାର୍ଡକୁ ରିଚାର୍ଜ କରିପାରିବେ। ଯାତ୍ରୀମାନେ ଏଟିଭିଏମ୍ ସ୍ମାର୍ଟ କାର୍ଡର ରିଚାର୍ଜ ପାଇଁ ସମସ୍ତ ଡିଜିଟାଲ୍ ଦେୟ ମାଧ୍ୟମ ବ୍ୟବହାର କରିପାରିବେ। ଏଥିପାଇଁ ଯାତ୍ରୀମାନେ **www.utsonmobile. indianrail.gov.in** ୱେବସାଇଟ୍ ଉପଯୋଗ କରିବାକୁ ପଡ଼ିବ। ଯାତ୍ରୀଙ୍କୁ ୟୁଟିଏସ ଅନ ମୋବାଇଲ ୱେବସାଇଟ୍ ବା ଆପ୍‌ରେ ପଞ୍ଜୀକରଣ କରିବାକୁ ହେବ। ଯଦି ଯାତ୍ରୀ ମୋବାଇଲ୍ ଟିକେଟ୍ ପାଇଁ ପଞ୍ଜୀକୃତ ହୋଇସାରିଛନ୍ତି, ତାହେଲେ ସେମାନଙ୍କର ଆକାଉଣ୍ଟ୍ ବ୍ୟବହାର କରାଯାଇପାରିବ। ସଫଳ ଲଗ ଇନ୍ ପରେ ଯାତ୍ରୀଙ୍କୁ ମେନୁ ବିକଳ୍ପ ‘ସ୍ମାର୍ଟ କାର୍ଡ ରିଚାର୍ଜ’ ଚୟନ କରିବାକୁ ପଡ଼ିବ ଏବଂ କାର୍ଡରେ ମୁଦ୍ରିତ ଏଟିଭିଏମ୍ ସ୍ମାର୍ଟ କାର୍ଡ ଷ୍ଟକ୍ ନମ୍ବର ଦର୍ଶାଇବାକୁ ପଡିବ। ତା’ପରେ ଯାତ୍ରୀଙ୍କୁ ବୈଧ ରିଚାର୍ଜ ପରିମାଣ ପ୍ରବେଶ କରିବାକୁ ପଡ଼ିବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏଟିଭିଏମ୍‌ରେ ଟପ୍ ଅପ୍ ସମ୍ପୂର୍ଣ୍ଣ କରିବାକୁ ରାଜି ହେବାକୁ ପଡ଼ିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# 'ଆଜାଦୀ କା ଅମୃତ ମହୋତ୍ସବ' ବ୍ୟାଣ୍ଡବାଦନ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୧/୦୯ (ନି.ପ୍ର): ସ୍ୱାଧୀନତାର ୭୫ତମ ବର୍ଷକୁ 'ଆଜାଦୀ କା ଅମୃତ ମହୋତ୍ସବ' ଭାବରେ ପାଳନ କରାଯାଉଥିବା ଅବସରରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ପକ୍ଷରୁ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସୁଭାଷଚନ୍ଦ୍ର ବୋଷ ସ୍ମାରକୀସ୍ଥଳ, କଟକଠାରେ ଏକ ଆଡମ୍ବରପୂର୍ଣ୍ଣ ଚିତ୍ତାକର୍ଷକ ବ୍ୟାଣ୍ଡବାଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର-କଟକ ମହାନଗର ନିଗମର ପୁଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ରାଜ୍ୟର ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ । କଟକର ବହୁ ବିଶିଷ୍ଟ ବ୍ୟକ୍ତି ତଥା ସାଧାରଣ ଜନତାଙ୍କୁ ଏଥିରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଥିଲା । ଦେଶପ୍ରେମର ନିଦର୍ଶନ ସ୍ୱରୂପ ଉପସ୍ଥିତ ଅତିଥିଙ୍କ ଗହଣରେ ପରିବେଷଣ କରାଯାଇଥିବା ଚିତ୍ତାକର୍ଷକ ବ୍ୟାଣ୍ଡ ଧ୍ୱନି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ସ୍ୱର୍ଗତ ପଣ୍ଡିତ ରବିଶଙ୍କରଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଧ୍ୱନ୍ 'ସ୍ୱାଗତମ୍'କୁ ଯନ୍ତ୍ରସଙ୍ଗୀତ ମାଧ୍ୟମରେ ପରିବେଷଣ କରାଯାଇଥିଲା । ଏହାପରେ ନେତାଜୀଙ୍କ ବୀରତ୍ୱର ସମ୍ମାନରେ 'ଅମର ସେନାନୀ' ଧ୍ୱନ ଏବଂ ପରେ ପରେ 'ମେରେ ୱତନ କେ ଲୋଗୋ', 'ସାରେ ଯାହାଁସେ ଅଚ୍ଛା', 'ଦିଲ୍ ଦିୟା ହୈ ଜାନ୍ ଭି ଦେଙ୍ଗେ', 'ଜୟ ହେ...'ଆଦି ସଙ୍ଗୀତର ଧ୍ୱନ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ରଚିତ ଜାତୀୟ ସଙ୍ଗୀତର ଧ୍ୱନ ପରେ ବାଦନ କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା । ସମବେତ ଜନତା ଏବଂ ଅତିଥିଙ୍କ ମନରେ ଦେଶପ୍ରେମ ଏବଂ ସେବା ମନୋଭାବ ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଣ୍ଡୁଳୀଠାରେ ଥିବା କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀର ଡେପୁଟି ଇନ୍ସପେକ୍ଟର ଜେନେରାଲ ମାମୁନ୍ ଉର୍ ରସିଦ୍ ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ସଂଗ୍ରାମୀ ଏବଂ ସଶସ୍ତ୍ର ବାହିନୀର ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ୨୦୧୯-୨୦ ମସିହା ପାଇଁ ମୁଣ୍ଡୁଳୀସ୍ଥିତ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ଦେଶର ସର୍ବୋତ୍ତମ ପୋଲିସ ତାଲିମ କେନ୍ଦ୍ରଭାବରେ ବିବେଚିତ ହୋଇଥିବାରୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଟ୍ରଫି ପ୍ରଦାନ କରାଯାଇଥିବା ଘୋଷଣା କରିଥିଲେ ।

# ନଦୀରେ ଭାସୁଛି ଅଚିହ୍ନା ମୃତ ଶରୀର

ଜଳେଶ୍ୱର ୨୧/୯(ନି.ପ୍ର): ଆଜି ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ହଠାତ୍ ବୃଦ୍ଧି ପାଇଥିବାରୁ ନଦୀରେ ଅଧିକ ସ୍ରୋତ ପ୍ରବାହିତ ହେଉଛି । ପୂର୍ବାହ୍ନରେ ଏକ ମୃତ ଶରୀର ରାଇବଣିଆ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଦକ୍ଷିଣ ପ୍ରହରାଜପୁରଠାରେ ଲାଗିଥିବାର ଦେଖିବାକୁ ମିଳିଥିଲା । ପୁଥୁଳକାୟ ଶରୀର ହୋଇଥିବା ବେଳେ ଏକ ନାଲି ଚେକ୍‌ସାର୍ଟ ଓ କଳା ଫୁଲପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି । କିନ୍ତୁ ଅପରାହ୍ନରେ ଶବଟି ଭାସି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି ।

# ମରଣଯନ୍ତା ପାଲଟିଛି ରାଜ୍ୟ ରାଜପଥ ୧୯

ନୀଳଗିରି,୨୧/୦୯ (ନି.ପ୍ର): ସେରଗଡ଼, ନୀଳଗିରି, ଝରଣାଘାଟି ୧୯ନଂ. ରାଜ୍ୟ ରାଜପଥଟି ଏବେ ଡେଥ୍ ଜୋନ ପାଲଟିଛି । ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ର ଶିକାର ହେଉଛନ୍ତି ଯାତ୍ରୀ । କେଉଁଠି ରାସ୍ତା ମଝିରେ ବଡ଼ ବଡ଼ ଗର୍ତ୍ତ ହୋଇଛି ତ କେଉଁଠି ଗଛଲତା ରାସ୍ତା ଉପରକୁ ମାଡ଼ିଆସିଛି । ଯାହା ଫଳରେ ଦୁର୍ଘଟଣା ଘଟୁଥିବାର ବହୁବାର ଅଭିଯୋଗ ପରେ ବି ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବାର ଅଭିଯୋଗ ଆସୁଛି । ଫଳରେ ରାତ୍ରିକାଳିନ ସମୟରେ ବହୁ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହେଉଛି । ସଜନାଗଡ଼ ପଞ୍ଚାୟତର ବେହେରା ସାହି ମୁଖ୍ୟ ରାସ୍ତାର ଏକ ପୋଲ ଧୋଇ ଯାଇଥିବାରୁ ରାସ୍ତାର ପଥରରି କେତେବେଳେ ଗଳିପଡ଼ିବେ କିଏ କହିପାରିବ । ରାତ୍ରୀ ସମୟରେ ଉକ୍ତ ରାସ୍ତା ଦେଇ ସାବଧାନତା ସହ ଯାତାୟତ କରିବାକୁ ପଡ଼ିଛି ନଚେତ୍ କୌଣସି ଏକ ଦୁର୍ଘଟଣା କୁ ଏଡ଼ାଇ ଦିଆଯାଇ ନ ପାରେ । ସେହିପରି ନୀଳଗିରି ଫାୟାରଷ୍ଟେସନ ଛକ ସମ୍ମୁଖରେ ଏକ ବିରାଟ ଗର୍ତ୍ତ ହୋଇଥିବାରୁ ପ୍ରତ୍ୟେହ ଦୁର୍ଘଟଣା ଘଟୁଛି । ଗତକାଲି ପୋଡ଼ାଶୁଳ ନିକଟରେ ଏକ ଦୁର୍ଘଟଣାରେ ଜଣେ ବାଇକ ଆରୋହିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ତେବେ ପୂର୍ତ୍ତ ବିଭାଗର ଖାମଖିଆଲି ନୀତି ପାଇଁ ରାଜ୍ୟ ରାଜପଥଟି ଏବେ ବିପଦ ସଂକୁଳ ହୋଇ ପଡ଼ିଛି । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧରଷର ଦାବି ହୋଇଛି । ଏ ନେଇ ନୀଳଗିରି ପୂର୍ତ୍ତବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

# ଷ୍ଟେସନରୁ ନାବାଳକ ଉଦ୍ଧାର



ବସ୍ତା,୨୧/୯ (ନିପ୍ର) ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପସା ରେଳ ଷ୍ଟେସନରୁ ଜଣେ ୧୩ ବର୍ଷୀୟ ନାବାଳକକୁ ଆରପିଏଫ ଥାନା ପୋଲିସ ଉଦ୍ଧାର କରିଛି । ଉଦ୍ଧାର ନାବାଳକ ହେଲେ ବାରିପଦା ଅଞ୍ଚଳ ର ଫାରହନ ସିଦ୍ଧିକ । ପାଠପଢ଼ା କଥା କୁ କେନ୍ଦ୍ର କରି ସୋମବାର ନାବାଳକ ଙ୍କ ସହ ଘରେ ମା ଓ ଭାଇ ପାଟିତୁଣ୍ଡ କରିଥିଲେ । ଏହାପରେ ସେ ରାଗରେ ଘର ଛାଡି ବାରିପଦା.. ରୂପସା ପାସେଞ୍ଜର ଟ୍ରେନରେ ଚଢି ରୂପସା ପଳାଇ ଆସିଥିଲେ । ଖବର ପାଇ ଆରପିଏଫ ଥାନାଧିକାରୀ ଭଗବାନ ସିଂହ, ଏଏସଆଇ ଏମ ବାରିକ ପ୍ରମୁଖ ପ୍ଲାଟଫର୍ମ ରେ ବସିଥିବା ଉକ୍ତ ନାବାଳକ କୁ ଉଦ୍ଧାର କରିଥିଲେ । ଘଟଣାର ସତ୍ୟାସତ୍ୟ ସମ୍ପର୍କ ରେ ପଚାରି ବୁଝିବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ନାବାଳକ ଙ୍କ ବାପା, ମା ଆସିବା ପରେ ତାଙ୍କ ଜିମା ରେ ପୁଅ କୁ ଛଡ଼ାଯାଇଥିଲା ।

# ବିଜେପି ପକ୍ଷରୁ ବନ୍ୟା ପୀଡିତଙ୍କୁ ରନ୍ଧାଖାଦ୍ୟ ବଂଟନ



ବାଲିଆପାଳ,୨୧/୦୯ (ନି.ପ୍ର): ବାଲିଆପାଳ ବ୍ଲକ ବିଜେପି ପକ୍ଷରୁ ମଧୁପୁରା ପଂଚାୟତ ଅନ୍ତର୍ଗତ ଚୌଧୁରୀକୁଦ ଗ୍ରାମରେ ବନ୍ୟା ପୀଡିତଙ୍କୁ ରନ୍ଧାଖାଦ୍ୟ ବଂଟନ କରାଯାଇଛି । ଏହି କାର୍ଯକ୍ରମରେ ସାଂସଦଙ୍କ ପ୍ରତିନିଧି ମହେଶ୍ୱର ଜେନା, ମଣ୍ଡଳ ସଭାପତି ମୁରଲୀଧର ସାହୁ, ବରିଷ୍ଠ ବିଜେପି ନେତା ଅରବିନ୍ଦ ବେହେରା, ଅଦ୍ୱୈତ ବାଗ ପ୍ରମୁଖ ସାମିଲ ହୋଇଥିଲେ । ସୂଚନା ଯୋଗ୍ୟ ବାଲିଆପାଳ ବ୍ଲକ ବନ୍ୟାରେ ୯ଟିର ୩୦ରୁ ଊର୍ଦ୍ଧ୍ୱ ଗାଁ ପ୍ରଭାବିତ ହୋଇଥିଲା । ବନ୍ୟା ପାଣିରେ ବୁଡି ରହିବା ସହ ଲୋକମାନେ ଭୋକ ଉପାସରେ ରହିଥିଲେ । ପ୍ରଶାସନ ପକ୍ଷରୁ ଲୋକଙ୍କୁ ଶୁଖିଲା ଖାଦ୍ୟ କିମ୍ୱା ପାନୀୟ ଜଣ ଯୋଗାଇବାରେ ବିଫଳ ହୋଇଥିଲେ । ବନ୍ୟା ବିପନ୍ନଙ୍କୁ ତୁରନ୍ତ ରିଲିଫ ଓ ପଲିଥିନ ଯୋଗାଇବା ପାଇଁ ବିଜେପି ପକ୍ଷରୁ ଦାବି କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଖଡା ପରିଷଦର ମୁଖ୍ୟ ମହନ୍ତ ନରେନ୍ଦ୍ର ....

ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା କଥା ସୁଇସାଇଡ୍ ନୋଟ୍ରେ ଲେଖାଅଛି । ଆଖଡା ପରିଷଦର ସଭାପତି ମହନ୍ତ ନରେନ୍ଦ୍ର ଗିରିଙ୍କ ଆତ୍ମହତ୍ୟା ମାମଲାରେ ଶିଷ୍ୟ ଆନନ୍ଦ ଗିରିଙ୍କୁ ଗିରଫ କରିଛି ଉତରପ୍ରଦେଶ ପୋଲିସ । ତାଙ୍କ ବିରୋଧରେ ଏଫଆଇଆର ରୁଜୁ କରିବା ସହ ତାଙ୍କୁ ଆଖଡା ପରିଷଦରୁ ବହିଷ୍କାର କରାଯାଇଛି । ମୃତ୍ୟୁ ପୂର୍ବରୁ ମହନ୍ତ ନରେନ୍ଦ୍ର ଗିରି ୮ ପେଜ୍ର ଏକ ସୁଇସାଇଡ୍ ନୋଟ୍ ଛାଡିଯାଇଛନ୍ତି । ଏହି ସୁସାଇଡ ନୋଟରେ ମହନ୍ତ ତାଙ୍କ ବିବାଦୀୟ ଶିଷ୍ୟ ଆନନ୍ଦ ଗିରିଙ୍କ ନାଁ ନେଇଛନ୍ତି । ଆନନ୍ଦ ଗିରି, ମହନ୍ତ ନରେନ୍ଦ୍ର ଗିରିଙ୍କୁ ମାନସିକ ଭାବେ ନିର୍ଯାତନା ଦେଉଥିବା କଥା ସୁସାଇଡ୍ ନୋଟ୍ରେ ଉଲ୍ଲେଖ ଅଛି । କିଛି ଦିନ ପୂର୍ବରୁ ଶିଶ୍ୟ ଆନନ୍ଦ ଗିରିଙ୍କୁ ଟଙ୍କା ହେରଫେର ନେଇ ମଠରୁ ବିତାଡିତ କରାଯାଇଥିଲା । ମାତ୍ର ସେ ମହନ୍ତ ନରେନ୍ଦ୍ର ଗିରିଙ୍କ ଗୋଡ ଧରି ଭୁଲ ମାଗିଥିଲେ । ଏହି ସମୟର ଏକ ଭିଡିଓ ମଧ ପୋଲିସ ହାତରେ ଲାଗିଛି । ସେପଟେ ଆନନ୍ଦ ଗିରି କହିଛନ୍ତି, ସେ ସବୁପ୍ରକାରର ତଦନ୍ତର ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି । ତାଙ୍କ ବିରୋଧରେ ଷଡଯନ୍ତ୍ର କରାଯାଉଛି ବୋଲି ସେ କହିଛନ୍ତି । ସୋମବାର ଉତରପ୍ରଦେଶ ପ୍ରୟାଗରାଜ ସ୍ଥିତ ବାଘମ୍ବରି ମଠରେ ମିଳିଥିଲା ନରେନ୍ଦ୍ର ଗିରିଙ୍କ ମୃତଦେହ । ପ୍ରୟାଗରାଜର ନିଜ ମଠର ଯେଉଁ ଘରେ ନରେନ୍ଦ୍ର ଗିରିଙ୍କ ମୃତଦେହ ମିଳିଛି, ସେହି ଘର ଚାରିଆଡୁ ବନ୍ଦ ଥିଲା । ମୁଖ୍ୟ ଦ୍ୱାର ବି ବନ୍ଦ ରହିଥିଲା । ପ୍ରାଥମିକ ତଦନ୍ତ ପରେ ପୁଲିସ ଏହାକୁ ଏକ ଆତ୍ମହତ୍ୟା ବୋଲି କହିଛି ।(୧୩) ସେପଟେ ମଠରେ ମହନ୍ତ ନରେନ୍ଦ୍ର ଗିରିଙ୍କ ଶେଷ ଦର୍ଶନ ପାଇଁ ସାଧୁ ସନ୍ଥଙ୍କ ଗହଳି ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ ମହନ୍ତଙ୍କୁ ଶ୍ରଦ୍ଧାଂଜଳୀ ଜଣାଇଛନ୍ତି ।ଆଖଡା ପରିଷଦର ମୁଖ୍ୟଙ୍କ ମୃତ୍ୟୁ ସମାଜ ପାଇଁ ଅପୁରଣୀୟ କ୍ଷତି ବୋଲି ସେ କହିଛନ୍ତି । ଏହି ଘଟଣାରେ ଦୋଷୀଙ୍କୁ କଠୋର ଦଣ୍ଡ ମିଳିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ବୁଧବାର ମହନ୍ତ ନରେନ୍ଦ୍ର ଗିରିଙ୍କ ଶବ ବ୍ୟବଚ୍ଛେଦ ହେବା ପରେ ବାଘମ୍ବରୀ ମଠରେ ତାଙ୍କୁ ସମାଧି ଦିଆଯିବାର କାର୍ଯ୍ୟକ୍ରମ ରହିଛି ।

## ତାଲିବାନର ସର୍ବୋଚ୍ଚ ନେତାଙ୍କୁ ....

ପରାମର୍ଶ କ୍ରମେ ପାକିସ୍ତାନ ତାଙ୍କୁ ମୁକ୍ତ କରିଥିଲା । ଦୋହା ଆଲୋଚନା ପରେ ସଙ୍କେତ ମିଳିଥିଲା ଯେ ତାଙ୍କୁ ତାଲିବାନ ସରକାରରେ ପ୍ରଧାନମନ୍ତ୍ରୀ କରାଯିବ । କିନ୍ତୁ ହକ୍କାନୀ ଗୋଷ୍ଠୀର ବିରୋଧ ପରେ ତାଙ୍କୁ ଉପପ୍ରଧାନମନ୍ତ୍ରୀ କରାଯାଇଥିଲା । ମୁଲ୍ଲା ହୁସେନ ଅଖୁନ୍ଦଙ୍କୁ ପ୍ରଧାନମନ୍ତ୍ରୀ କରାଯାଇଥିଲା । ଅଖୁନ୍ଦ ପ୍ରଧାନମନ୍ତ୍ରୀ ଥିଲେ ମଧ ତାଙ୍କୁ କେ ?ଣସି କ୍ଷମତା ଦିଆଯାଉନାହିଁ । ସବୁ କ୍ଷମତା ଉପଭୋଗ କରୁଛନ୍ତି ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନୀ । ସେ ହେଉଛନ୍ତି ହକ୍କାନୀ ଗୋଷ୍ଠୀର ପ୍ରଭାବଶାଳୀ ନେତା । ତାଙ୍କ ଜରିଆରେ ପାକିସ୍ତାନ ଶାସନ ଚଳାଇଥିବା କୁହାଯାଉଛି । ତେବେ ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଯେ ତାଲିବାନର ମୁଖ୍ୟ ହୈବତୁଲ୍ଲା ଅଖୁନଜାଦା ଏବେ ନିଖୋଜ । ତାଙ୍କୁ ଦେଶର ସର୍ବୋଚ୍ଚ ଆଧାତ୍ମିକ ନେତା ଘୋଷଣା କରାଯାଇଥିଲେ ମଧ ତାଙ୍କର କୌଣସି ଖୋଜଖବର ନାହିଁ । କୁହାଯାଉଛି ?ଯେ ତାଙ୍କର ମୃତ୍ୟୁ ଘଟିଛି । କିନ୍ତୁ ଏହି ଖବର କେତେ ସତ ତାହା ଜଣାପଡୁନାହିଁ ।

## ଚାକିରି ମିଳିବା ପର୍ଯ୍ୟନ୍ତ....

ଯୁବକଙ୍କ ପାଇଁ ୮୦ ପ୍ରତିଶତ ଚାକିରି ସଂରକ୍ଷଣ ରହିବ । ବେସରକାରୀ ଚାକିରି ପାଇଁ ନୂଆ ଆଇନ ଲାଗୁ କରାଯିବ । ସ୍କିଲ ୟୁନିଭରସିଟି ନିର୍ମାଣ କରାଯିବ । ଏହାଛଡା ଗୋଆରେ ସରକାରୀ ଚାକିରି ପାଇଁ ନେତାଙ୍କ ସହ ସମ୍ପର୍କ ଥିବା ଆବଶ୍ୟକ । ଏହି ପରମ୍ପରାକୁ ବନ୍ଦ କରିବା ସହ ପାରଦର୍ଶିତା ବ୍ୟବସ୍ଥା ଲାଗୁ କରିବୁ । ଏଠାରେ ନୂଅର ସ୍କୁଲ ଖୋଲିବ, ହସ୍ପିଟାଲ ଖୋଲିବ, ରାସ୍ତା ନିମା;ଣ ହେବ ଯାହାଦ୍ୱାରା ନିଯୁକ୍ତି ସୃଷ୍ଟି କରାଯାଇପାରିବ । ଗୋଆବାସୀଙ୍କ ପାଇଁ କେବଳ କେଜ୍ରିୱାଲ ଘୋଷଣା କରିନାହାନ୍ତି ବରଂ ଶାସକ ବିଜେପି ସରକାର ଉପରେ ବର୍ଷିଛନ୍ତି । କିଛି ଦିନ ପୂର୍ବେ ଗୋଆ ମୁଖ୍ୟମନ୍ତ୍ରୀ ମାଗଣା ପାଣି ନେଇ ଘୋଷଣା କରିଥିଲେ । କିନ୍ତୁ ଏହି ବ୍ୟବସ୍ଥା ଦିଲ୍ଲୀରେ କେବେଠୁ ଲାଗୁ ହୋଇ ସାରିଲାଣି । ଏହାପୂର୍ବରୁ ଉତ୍ତରାଖଣ୍ଡ ଗସ୍ତରେ ଯାଇ କେଜ୍ରିୱାଲ ଏଭଳି ଅନେକ ଘୋଷଣା କରିଛନ୍ତି । କାରଣ ଉତ୍ତରାଖଣ୍ଡରେ ମଧ ଆସନ୍ତାବର୍ଷ ନିର୍ବାଚନ ହେବ ।

## ଲଘୁଚାପ ସୃଷ୍ଟି : ୪ ଜିଲ୍ଲାରେ....

ଏହା ବ୍ୟତୀତ ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ଼ ଓ ବୌଦ୍ଧ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ଆଶଙ୍କା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୨ରୁ ୨୩ ତାରିଖ ମଧ୍ୟରେ ସମ୍ବଲପୁର, ଝାରସୁଗୁଡା, କେନ୍ଦୁଝର, ଅନୁଗୁଳ, ବରଗଡ, ନୂଆପଡା. ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର , ଦେବଗଡ ଓ ସୁନ୍ଦରଗଡ ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ନୂଆପଡା, ନବରଙ୍ଗପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡା, ମାଲକାନଗିରି , କୋରାପୁଟ, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାରେ ବଜ୍ରପାତ ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ନ୍ୟାୟ ଶାନ୍ତିଯାତ୍ରାର ଶୁଭାରମ୍ଭ

ଭୁବନେଶ୍ୱର,୨୧/୦୯ (ନି.ପ୍ର): ଏକତା ପରିଷଦ ଜନସଂଗଠନ ତରଫରୁ ଆନ୍ତର୍ଜାତୀୟ ଶାନ୍ତି ଦିବସରେ ଭାରତବର୍ଷର ୧୦୦ ଜିଲ୍ଲାରେ ୧୨୦ଟି ସ୍ଥାନରେ ଆଜି ନ୍ୟାୟ ଶାନ୍ତିଯାତ୍ରା ଆରମ୍ଭ ହୋଇଛି । ଏହି କ୍ରମରେ ବିଶିଷ୍ଟ ଗାନ୍ଧିବାଦୀ ଶ୍ରୀ ପି.ଭି. ରାଜଗୋପାଳ ପାଟନାଠାରେ ଯାତ୍ରାର ଶୁଭ ଉଦ୍‌ଘାଟନ କରି କହିଲେ, ଭାରତବର୍ଷରେ ଶାନ୍ତି ଆଣିବା ପାଇଁ ହେଲେ ସର୍ବପ୍ରଥମେ ନ୍ୟାୟର ସ୍ଥାପନା ହେବା ଜରୁରୀ ଏବଂ ଏ ଦିଗରେ କାର୍ଯ୍ୟ କରିବା ପାଇଁ ଯୁବସମାଜ, ବୁଦ୍ଧିଜୀବୀ ଏବଂ ରାଜନୈତିକ ବ୍ୟକ୍ତିବିଶେଷମାନେ ଆଗକୁ ଆସିବାର ଆବଶ୍ୟକତା ରହିଛି । ଓଡ଼ିଶାରେ ମଧ ୯ଗୋଟି ଜିଲ୍ଲା ଯଥା : କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼, ବଲାଙ୍ଗୀର, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଯାଜପୁର, ଭୁବନେଶ୍ୱର ସମେତ ୧୦ଗୋଟି ସ୍ଥାନରେ ଏହି ଯାତ୍ରାର ଶୁଭାରମ୍ଭ ହୋଇଛି । ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକର ପଟିଆଠାରେ ଏକତା ପରିଷଦର ଆବାହକ ଶ୍ରୀ ବିଜୟ ପ୍ରଧାନ ନ୍ୟାୟଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ଯାତ୍ରାରେ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ, ସରପଂଚ ପ୍ରଭାତ କୁମାର ସାହୁ, ଅଧକ୍ଷ ପ୍ରଭାତ ଦଳବେହେରା ଏବଂ ଏକତା ପରିଷଦର ଜିଲ୍ଲା ସଂଯୋଜକ ପ୍ରଦୀପ ମାଝୀ ଉପସ୍ଥିତ ଥିଲେ । ବିଧାୟକ ଶ୍ରୀ ପ୍ରଧାନ କହିଲେ ଯେ, ଆଜିର ଏହି ମହାନ୍ ଦିବସରେ ଆମକୁ ଶପଥ ନେଇ କାର୍ଯ୍ୟ କରିବାକୁ ପଡ଼ିବ ଯେ, ଗାଁସ୍ତରରୁ ନେଇ ଜାତୀୟସ୍ତର ପର୍ଯ୍ୟନ୍ତ ପ୍ରତି ପର୍ଯ୍ୟାୟରେ ସାଧାରଣ ଜନତାଙ୍କୁ ଯଦି ସଠିକ୍ ଭାବରେ ନ୍ୟାୟ ପ୍ରଦାନ କରାଯାଏ, ତେବେ ସମାଜରେ ଶାନ୍ତି ଆସିପାରିବ । ସେଥିପାଇଁ ଆମ ସମସ୍ତଙ୍କୁ ଏକଜୁଟ ହୋଇ ଏକତା ପରିଷଦର ଏହି ଆହ୍ୱାନକୁ ସ୍ୱୀକାର କାର୍ଯ୍ୟକାରୀ କରିବାକୁ ପଡ଼ିବ ।

# ନୀଳଗିରି ଏନ.ଏ.ସି.କୁ ଗିଳିଦେଲା ବିଦ୍ୟୁତ୍ ମରାମତି କାର୍ଯ୍ୟ

## ଆୟ ୨୫ଲକ୍ଷ, ଖର୍ଚ୍ଚ ୪୦ ଲକ୍ଷ

ନୀଳଗିରି,୨୧/୦୯ (ନି.ପ୍ର): ୧୩ଗୋଟି ୱାର୍ଡକୁ ନେଇ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଚଳିଥିବା ବେଳେ ୧୩ଗୋଟି ୱାର୍ଡରେ ଥିବା ଷ୍ଟ୍ରିଟ ଲାଇଟ ମରାମତି କାର୍ଯ୍ୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଳ୍ପଅର୍ଥରେ ମରାମତି କରାଯାଇ ଆସୁଥିଲା ବେଳେ ଆଜକୁ ପ୍ରାୟ ୩ ବର୍ଷ ଧରି ରାଜ୍ୟ ସରକାର ଇ.ଏସ.ଏସ.ଏଲ ଓ ଗ୍ରିନ୍ ଫିଲ କମ୍ପାନୀକୁ ଏନ.ଏ.ସି. ର ନୂତନ ଲାଇଟ ପୋଷ୍ଟ ଓ ମେଣ୍ଟେନାନ୍ସ ପାଇଁ ଚୁକ୍ତି କରିଛି । ନୀଳଗିରି ଭଳି ଛୋଟ ଏନ.ଏ.ସି.ର ଆୟ ବର୍ଷକୁ ୨୫ ଲକ୍ଷ ଟଙ୍କା ଥିଲା ବେଳେ ମରାମତି ବାବଦରେ ଉକ୍ତ ୨ କମ୍ପାନୀ ବର୍ଷକୁ ୪୦ ଲକ୍ଷ ଟଙ୍କା ନେଉଛନ୍ତି । କ'ଣ ମରାମତି କଲେ, କେତେ କେବୁଲ ଲାଗିଲା, କେତେ ସୁଇଚ ଲାଗିଲା, କେତେ ଏଲ.ଇ.ଡି. ବଲ ଲାଗିଲା, କେତେ ଖୁଣ୍ଟ ଗଡ଼ିଲା ଆଦିର ଭାଉଚର ନ ଦେଇ ଇଂରେଜ ଶାସନ ଭଳି ମନମୁଖୀ ୪୦ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାର କାର୍ଯ୍ୟାଳୟକୁ ପ୍ରଦାନ କରିଛନ୍ତି । ନୀଳଗିରି ଏନ.ଏ.ସି.ର ବିଭିନ୍ନ ବିଭାଗକୁ ୨୫ଲକ୍ଷ ଟଙ୍କା ବର୍ଷକୁ ଆୟ ହେଉଥିବା ବେଳେ ୪୦ ଲକ୍ଷ ଟଙ୍କା କମ୍ପାନୀକୁ ପଇଠ କରିବ କେମିତି । ବିଭିନ୍ନ ୱାର୍ଡରେ ବିଦ୍ୟୁତ୍ ଖୁଣ୍ଟଗଡ଼ି ପଡ଼ିଥିବା ବେଳେ ଅନେକ ଖୁଣ୍ଟ ତଳେ ପଡ଼ିଥିବାର ଦେଖିବାକୁ ମିଳିଛି । ଏପରିକି ଅନେକ ଖୁଣ୍ଟରେ ଲାଇଟ୍ ଜଳୁ ନ ଥିବାର ଦେଖିବାକୁ ମିଳିଛି । ଏପରି ସ୍ଥଳେ କମ୍ପାନୀ ମରାମତି ବାବଦରେ ୪୦ ଲକ୍ଷ ଟଙ୍କା କିଭଳି ଚଲୁ କରିଛି ଏ ବାବଦରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ନୀଳଗିରି ତହସିଲଦାରଙ୍କୁ ପଚାରିବାରୁ ଉକ୍ତ ଘଟଣାକୁ ମୁଁ ତର୍ଜମା କରିଛି । ଏନ.ଏ.ସି.ର ବାର୍ଷିକ ୨୫ଲକ୍ଷ ଟଙ୍କା ଆୟ ହେଉଥିବା ବେଳେ ବିଦ୍ୟୁତ୍ ମରାମତି ବାବଦରେ ୪୦ଲକ୍ଷ ଟଙ୍କା ପୈଠ କରାଯିବ କେମିତି ବୋଲି ଗତ ୧୬.୦୯.୨୧ରିଖରେ ଚିଠି ନମ୍ବର ୧୯/୨୨ ସରକାରଙ୍କୁ ଲିଖିତ ଭାବେ ଜଣାଇଥିବାର ସୂଚନା ଦେଇଛନ୍ତି । ଏଥିରେ ଯଦି ରାଜ୍ୟ ସରକାର ସୁଧାର ନ ଆଣନ୍ତି ଆଗାମୀ ଦିନରେ ଏନ.ଏ.ସି. ବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ଦେଇଛନ୍ତି ।

# ଷ୍ଟେସନରୁ ନାବାଳିକା ଉଦ୍ଧାର

ପୁରୀ,୨୧/୦୯ (ନି.ପ୍ର): ଷ୍ଟେସନ୍‌ରେ ବିଚଳିତ ଭାବେ ବୁଲୁଥିବା ଜଣେ ନାବାଳିକାକୁ ଆରପିଏଫ୍ ଉଦ୍ଧାର କରିଛି । ଉଦ୍ଧାର ନାବାଳିକା ଜଣକ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅଞ୍ଚଳର । ସେ କନଭେଣ୍ଟ ସ୍କୁଲର ଜଣେ ଦଶମ ଶ୍ରେଣୀର ଛାତ୍ରୀ । ଗତକାଲି ବାପା ମା'ଙ୍କୁ ନଜଣାଇ ରାଗରେ ଘରୁ ସେ ପାଳାଇ ଆସିଥିଲା । ଏଏସ୍ଆଇ ବିକେ ବଳ ଓ ଲିଙ୍କି ବେହେରା ଷ୍ଟେସନ୍‌ରେ ଟ୍ରେନ୍ ଚେକିଂ କାର୍ଯ୍ୟରେ ନିୟୋଜିତ ଥିବାବେଳେ ଆଜି ସକାଳ ୮ଟାରେ ବିଚଳିତ ଭାବେ ବୁଲୁଥିବା ନାବାଳିକାକୁ ଦେଖିଥିଲେ । ପଚରା ଉଚରା ପରେ ତାର ପରିଚୟ ଜଣାଯାଇଥିଲା । ଆଜି ସମ୍ପୃକ୍ତ ନାବାଳିକାକୁ ସିଡ୍ଲୁସିରେ ହାଜର କରାଯାଇଥିବା ଆର୍‌ପିଏଫ୍ ଇନ୍ସପେକ୍ଟର ଅନୀଲ କୁମାର ସିଂ କହିଛନ୍ତି ।

# ଖୁଣ୍ଟା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚନ ଅନୁଷ୍ଠିତ

ଉଦଳା,୨୧/୦୯ (ନି.ପ୍ର): ଖୁଣ୍ଟା ବ୍ଲକ ଅନ୍ତର୍ଗତ ଅଙ୍ଗାରକୁଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚଳିତ ସେପ୍ଟେମ୍ବର ୧୯ ତାରିଖ ଦିନ ପ୍ରାଥମିକ ଶିକ୍ଷକ ସଂଘର ଖୁଣ୍ଟା ବ୍ଲକ ସ୍ତରୀୟ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ପ୍ରାଥମିକ ଶିକ୍ଷକ ସଂଘ ମୟୂରଭଞ୍ଜ ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା, ସଂପାଦକ ବିମଳ କୁମାର ଆଚାର୍ଯ୍ୟ, ସଂଗଠନ ସଂପାଦକ ବଳରାମ ନାଥ ଓ ଉପଦେଷ୍ଟା ଶିବ ପ୍ରସାଦ ମହାପାତ୍ର ଉପସ୍ଥିତ ରହି ସଂଘର ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହାପରେ କର୍ମକର୍ତ୍ତା ମନୋନୟନ ପର୍ବ ଆରମ୍ଭ ହୋଇଥିଲା । ଏଥିରେ ସଭାପତି ଭାବରେ ସୁରେନ୍ଦ୍ର ନାୟକ, ଉପସଭାପତି ଭାବରେ ପ୍ରଶାନ୍ତ କୁମାର ସେଠୀ ଓ ସବିତା କଟୁଆଳ, ସଂପାଦକ ଭାବରେ ଅରୁଣ ମିଶ୍ର, ଯୁଗ୍ମ ସଂପାଦକ ଭାବରେ ଅମିୟ ମିଶ୍ର ଓ ବାସନ୍ତି ଟୁଡ୍ଡୁ, କୋଷାଧ୍ୟକ୍ଷ ଭାବରେ ନରେନ୍ଦ୍ର ନାଥ ମଲ୍ଲିକ, ସଂଯୋଜକ ଭାବରେ ସଂଜୟ ନାୟକ ଓ ସୁଷମା ପ୍ରଧାନ ସର୍ବ ସମ୍ମତି କ୍ରମେ ମନୋନିତ ହେଲେ । ହରିଶ୍ଚନ୍ଦ୍ର ପାତ୍ର ନିର୍ବାଚନ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋ ସ୍କୁଲ କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାଳୟର ରୂପାନ୍ତରୀକରଣ ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଯୋଗଦାନ ଜରୁରୀ



ଭୁବନେଶ୍ୱର,୨୧/୦୯ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ପଠାଣି ରାଉତ ସୋମବାର ଅପରାହ୍ଣରେ ସ୍ଥାନୀୟ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ପରିପ୍ରେକ୍ଷୀରେ ଶ୍ରୀ ରାଉତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନଳିନୀ ପ୍ରଭା ଦାଶ ଓ କ୍ରୀଡା ପ୍ରଶିକ୍ଷକ ଶ୍ରୀ ଶରତ କୁମାର ବସନ୍ତରାୟଙ୍କ ସହିତ ବିଦ୍ୟାଳୟର ସମସ୍ୟା ନେଇ ଆଲୋଚନା କରିଥିଲେ । ଆଗାମୀ ଦିନରେ ଏହି ସ୍କୁଲକୁ ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' କାର୍ଯ୍ୟକ୍ରମ ମାଧ୍ୟମରେ କିପରି ଅଧିକ ସୁବିଧା ମିଳିପାରିବ ଏବଂ ଏ ଦିଗରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କ ସହଯୋଗର ଆବଶ୍ୟକତା ସଂପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ । ସଂପ୍ରତି ଡି.ଆଇ.ପି.ଆର .ଓ ଶ୍ରୀ ରାଉତ ଏହି ସ୍କୁଲର ପୁରାତନ ଛାତ୍ର ଅଟନ୍ତି । ଏହି ସରକାରୀ ଉଚ୍ଚ ବିଦ୍ୟାଳୟଟି ୫୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଏହି ସ୍କୁଲରୁ ବହୁ ମେଧାବୀ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇ ସମାଜର ବିଭିନ୍ନ ପଦପଦବୀରେ ଅବସ୍ଥାପିତ ଅଛନ୍ତି । ଏବେ ଏହି ସ୍କୁଲରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧୟନରତ । 'ମୋ ସ୍କୁଲ' କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ । ଏହି ଗସ୍ତ ସମୟରେ ଶ୍ରୀ ରାଉତ, ବିଦ୍ୟାଳୟ କ୍ୟାମ୍ପସରେ ପାଣି ଜମି ରହୁଥିବା ଏହାର ଉଚ୍ଚତା ବୃଦ୍ଧିର ଆବଶ୍ୟକତା, ଛାତ୍ରଛାତୀଙ୍କ ସୁବିଧା ପାଇଁ ସାଇକେଲ ସେଡର ବ୍ୟବସ୍ଥା, ଶ୍ରେଣୀ ପ୍ରକୋଷ୍ଠଗୁଡିକର ଆଧୁନିକୀକରଣର ଆବଶ୍ୟକତା ଆଦି ସଂପର୍କରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ଅବଗତ ହେବା ସହିତ ନିଜେ ଅସୁବିଧା ଉପଲବ୍ଧି କରିଥିଲେ । ଏ ଦିଗରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ, ସହପାଠୀଙ୍କ ସହଯୋଗରେ କିପରି ବିଦ୍ୟାଳୟର ରୂପାନ୍ତରୀକରଣ ହୋଇପାରିବ, ସେ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଚେଷ୍ଟା କରିବାକୁ ଶ୍ରୀ ରାଉତ କହିଥିଲେ ।

# ମନୋରମା ମହାପାତ୍ରଙ୍କର ବିୟୋଗରେ ଶୋକ ସଭା



ଉଦଳା,୨୧/୦୯ (ନି.ପ୍ର): ବିଶିଷ୍ଟ ସାହିତ୍ୟିକା, ବାଗ୍ମୀ ପ୍ରବକ୍ତା ତଥା ଦୈନିକ 'ସମାଜ'ର ପୂର୍ବତନ ସଂପାଦିକା ମନୋରମା ମହାପାତ୍ରଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଆଜି ସେପ୍ଟେମ୍ବର ୨୧ ତାରିଖ ମଙ୍ଗଳବାର ଦିନ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଉଦଳାସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି । ସେବାଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶୋକସଭାର ପ୍ରାରମ୍ଭରେ ସମସ୍ତେ ୰ ମହାପାତ୍ରଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ କରିଥିଲେ । ଏହାପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚନାରେ ବାଲେଶ୍ୱରସ୍ଥିତ ଫକିରମୋହନ ସାହିତ୍ୟ ପରଷଦର ସମ୍ପାଦକ ଡ଼. କୁମାର ଗୋପାଳ, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦିଲ୍ଲୀପ କୁମାର ଦୀକ୍ଷିତ, ସେବାଟ୍ରଷ୍ଟର ସଂପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା ଅଂଶଗ୍ରହଣ କରି ଅତିତରେ ବିଭିନ୍ନ ସଭା ସମିତି ମାନଙ୍କରେ ମନୋରମା ମହାପାତ୍ରଙ୍କ ସମେତ କିପରି ସମୟ ବିତାଇଥିଲେ ଏହାର ଅନୁଭବ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବି ସତ୍ୟବ୍ରତ ମିଶ୍ର, ସମାଜସେବୀ ଅନୀତା ବିଶ୍ୱାଳ, ଏକଲ ଅଭିଯାନ କର୍ମୀ ମହେନ୍ଦ୍ର ମାର୍ଣ୍ଡି, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ୰ ମହାପାତ୍ରଙ୍କ ବିଭିନ୍ନ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଆଜି ଦୈନିକ ସମାଜ ଖବରକାଗଜକୁ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବଞ୍ଚାଇ ରଖିବାରେ ଯେଉଁ ମାନଙ୍କର ତ୍ୟାଗ ଓ ସମର୍ପଣ ଭାବ ଜଡ଼ିତ ଅଛି ସେମାନଙ୍କ ମଧ୍ୟରେ ମନୋରମା ମହାପାତ୍ର ଜଣେ ବୋଲି ସମସ୍ତେ ସ୍ୱୀକାର କରିଥିଲେ । ଶେଷରେ ସମସ୍ତେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

## ଶିଶୁ ଅଧିକାର ସୁରକ୍ଷା ପାଇଁ ବିଧାନସଭା ଫୋରମ୍ ଗଠନ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୧/୦୯ (ନି.ପ୍ର): ଆମ ରାଜ୍ୟରେ ଶିଶୁ ଅଧିକାର ସୁରକ୍ଷା ସହ ସେମାନଙ୍କର ଶିକ୍ଷା, ଦକ୍ଷତାର ବିକାଶ, ଶିଶୁର ମାନସିକ ବିକାଶ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ପାଇଁ ଓଡ଼ିଶାରେ କର୍ଣ୍ଣାଟକ ରାଜ୍ୟ ଭଳି ବିଧାନସଭା ଫୋରମ୍ ଗଠନ ପାଇଁ ମତପ୍ରକାଶ ପାଇଛି । ମଙ୍ଗଳବାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ତାଙ୍କ ପ୍ରକୋଷ୍ଠରେ ଏ ସଂକ୍ରାନ୍ତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବାଲ୍ୟବିବାହ ନିରୋଧ, ଶିଶୁ ନିର୍ଯାତନା ବନ୍ଦ, ସେମାନଙ୍କର ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉନ୍ନତିକରଣ ପ୍ରଭୃତି ଶିଶୁ ଅନୁକୂଳ ପ୍ରସଙ୍ଗ ଉପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରେମ' ଏବଂ ଏଡୁକୋ, ସ୍ୱେନ୍ ର ପ୍ରତିନିଧିମାନଙ୍କ ସହ ଏହି ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା। ମାତୃଗର୍ଭରୁ ଶିଶୁମାନଙ୍କୁ ସୁରକ୍ଷିତ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ଉପରେ ବୈଠକରେ ଉପସ୍ଥିତ ଶିଶୁ ଅଧିକାରକର୍ମୀ ତଥା କର୍ଣ୍ଣାଟକ ବିଧାନ ପରିଷଦ ସଭ୍ୟ ଗଣେଶ କାର୍ତ୍ତିକ ମତ ଦେଇଥିଲେ । 'ମମତା' ଯୋଜନା ମାଧ୍ୟମରେ ଓଡ଼ିଶା ସରକାର ଶିଶୁ ମୃତ୍ୟୁ ହାର କମାଇବା ସହ ମାତୃକଲ୍ୟାଣ ଯୋଜନା ଗ୍ରହଣ କରିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରକାଶ କରିଥିଲେ । ଏହି ଯୋଜନା ଏକ ଦୂରଦର୍ଶୀପୂର୍ଣ୍ଣ ଯୋଜନା ହୋଇଥିବା ସେ କହିବା ସହ ଏହା ଅନ୍ୟ ରାଜ୍ୟ ପାଇଁ ଆଦର୍ଶସ୍ଥାନୀୟ ହୋଇପାରିଛି ବୋଲି ମତ ଦେଇଥିଲେ । ଓଡ଼ିଶାରେ ଶିଶୁ ଅଧିକାରର ସୁରକ୍ଷା ପାଇଁ ଦାଦନ ଶ୍ରମିକମାନଙ୍କର ସନ୍ତାନମାନଙ୍କ ଉପଯୁକ୍ତ ଶିକ୍ଷା ଓ ବିକାଶ ପାଇଁ ୩୩୭ଟି ହଷ୍ଟେଲ ଖୋଲାଯାଇଥିବା ମଧ ମନ୍ତ୍ରୀ ପ୍ରକାଶ କରିଥିଲେ । ମହିଳା ଓ ଶିଶୁ ବିକାଶ ଉପରେ ଗଠନ କରାଯାଇଥିବା ଗୃହ କମିଟି ସହ ପରବର୍ତୀ ସମୟରେ ବୈଠକ କରି ଶିଶୁ ଅଧିକାର ଉପରେ ବ୍ୟାପକ ଆଲୋଚନା କରିବାକୁ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର 'ଏଡୁକୋ' ଏବଂ 'ପ୍ରେମ୍ 'ର କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରେମ୍' ପକ୍ଷରୁ ସ୍ୱେନ୍ର 'ଏଡୁକୋ' ସହାୟତାରେ ଗଞ୍ଜାମ, କନ୍ଧମାଳ ଜିଲ୍ଲା ସମେତ ୫ଟି ଜିଲ୍ଲାରେ ଶିଶୁ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ମଧ ବୈଠକରେ ମତ ପ୍ରକାଶ ପାଇଥିଲା । ଏହାକୁ ସମଗ୍ର ରାଜ୍ୟରେ ବ୍ୟାପକ କରିବା ପାଇଁ ବାଚସ୍ପତି ଡ. ପାତ୍ର ପରାମର୍ଶ ଦେଇଥିଲେ ।

# ବାଘ ଛାଲ ଜବତ : ଦୁଇ ଗିରଫ

## ହୋଟେଲରେ ଡିଲ ବେଳେ ଚଢ଼ାଉ କରିଥିଲା କ୍ରାଇମ ବ୍ରାଂଚ, ସ୍ପେସାଲ ଟାକ୍ସଫୋର୍ସ ଓ ବନ ବିଭାଗ

ବାରିପଦା,୨୧/୦୯ (ନି.ପ୍ର): ବାରିପଦା ସହର ମଧ୍ୟରୁ ଏକ ହୋଟେଲରେ ବିକ୍ରିପାଇଁ ଡିଲ ଚାଲିଥିବା ସମୟରେ ଏକ କଲରାପତରିଆ ବାଘ ଛାଲ ଜବତ ହୋଇଥିବାର ଖବର ମିଳିଛି । ବାରିପଦା ସହରର ପେଂଠସ୍ଥଳୀ ଗାନ୍ଧିପାର୍କ ନିକଟ ଏକ ହୋଟେଲର ଏକ ରୁମ ମଧ୍ୟରେ ବାଘଛାଲ ବିକ୍ରେତା ଓ କ୍ରେତାଙ୍କ ମଧ୍ୟରେ ମୋଟା ଅଂକର ଡିଲ ଚାଲିଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କ୍ରାଇମ କଂଟ୍ରୋଲ ବ୍ୟୁରୋ ଜବଲପୁର ଟିମ, ସ୍ପେସାଲ ଟାକ୍ସଫୋର୍ସ ଓ ବନ ବିଭାଗ ଅଚାନକ ହୋଟେଲରେ ଚଢାଉ କରି ବାଘ ଛାଲ ଜବତ କରିବା ସହିତ ଏହି କାରବାରରେ ସଂପୃକ୍ତ ଦୁଇଜଣଙ୍କୁ ଗିରଫ କରିଥିବାର ଜଣା ଯାଇଛି । ଗିରଫ ୨ଜଣଙ୍କ ମଧ୍ୟରୁ ଜଣେ ଇଞ୍ଜିନିୟରିଂ ଛାତ୍ର ବୋଲି ଜଣା ପଡିଛି । ଏହା ସହିତ ଅନ୍ୟ




ଜଣେ ସହଯୋଗୀଙ୍କୁ ମଧ ଘରୁ ଉଠାଇ ଆଣିଛି ବନ ବିଭାଗ । ଗିରଫ ଜଣେ ଯୁବକ ବାରିପଦା ରେଞ୍ଜ ପଳାସବଣି ଅଞ୍ଚଳର ବିକାଶ ବିନୟ ସିଂ ବୋଲି ବାରିପଦା ବନ ବିଭାଗ ପକ୍ଷରୁ ସୂଚନା ମିଳିଥିବା ବେଳେ, ଅନ୍ୟଜଣେ ଉଠାଣିନୁଆଗାଁ ଅଞ୍ଚଳର ବିକାଶ ଚନ୍ଦ୍ର ବେଂଟକାର ବୋଲି ଜଣା ଯାଇଛି । ଏନେଇ ଅଧିକ ତଦନ୍ତ ଚାଲିଥିବା ବେଳେ ଏହି ଘଟଣାରେ ଆନ୍ତରାଜ୍ୟ ବାଘଛାଲ ବେପାରୀ ମାନଙ୍କର ସମ୍ପୃକ୍ତି ଥିବାର ବନ ବିଭାଗ ଅନୁମାନ କରୁଛି । ତେବେ ଅନ୍ୟ ମାନଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଜବଦ କଲରାପତରିଆ ବାଘଛାଲର ଲମ୍ୱ ୨୮ଇଂଚ ଏବଂ ଓସାର ୯ଇଂଚ ବୋଲି ଜଣା ପଡିଛି । ତେବେ ବାରିପଦା ବନଂଚଳ ଅଧିକାରୀ ଲକ୍ଷ୍ମୀଧର ବେହେରା ବାଘଛାଲ ହୋଟେଲ ବାହାରୁ ଜବଦ ହୋଇଥିବାର ପ୍ରତିକ୍ରିୟା ରଖି ଥିବା ବେଳେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ ବାଘଛାଲ ହୋଟେଲ ଭିତରୁ ଜବଦ ହୋଇଥିବାର ନିଜ ପ୍ରତିକ୍ରିୟାରେ କହିଛନ୍ତି । ଜିଲ୍ଲାରେ ରହିଥିବା ଶିମିଳିପାଳ ଅଭୟାରଣ୍ୟରେ ଶୀକାରୀ ମାନେ ସକ୍ରିୟ ରହିଥିବା ବେଳେ, ବାଘଛାଲ ଓ ନଖ, ହାତୀଦାନ୍ତ, ବଜ୍ରକାପ୍ତା କାତି, ମକାସାପ ଆଦି ମୂଲ୍ୟବାନ ଜିନିଷର ବ୍ୟବସାୟ କରୁଥିବା ରେକେଟ ମଧ ସକ୍ରିୟ ରହି ନିଜର ବ୍ୟବସାୟ ଚଳାଇଥିବାର ଜଣାଯାଇଛି । ଅନେକ ସମୟରେ ବନ ବିଭାଗ ଓ ଟାସ୍କ ଫୋର୍ସ ଚଢାଉ କରି ସଂପୃକ୍ତ ଅପରାଧି ମାନଙ୍କୁ ଗିରଫ କରୁଥିଲେ ମଧ ଏହି ଚୋରା କାରବାର କମିବାର ନାମ ଧରୁନି । ତେବେ ଏହି ଘଟଣାରେ କ୍ରାଇମ କଂଟ୍ରୋଲ ବ୍ୟୁର ଜବଲପୁର ଓ ରାଜ୍ୟର ସ୍ପେସାଲ ଟାକ୍ସଫୋର୍ସକୁ ବାଘଛାଲ ଡିଲ ବିଷୟରେ ଆଗୁଆ ସୂଚନା ମିଳିଥିବା ବେଳେ ସ୍ଥାନୀୟ ବନ ବିଭାଗ କିପରି ଜାଣି ପାରି ନଥିଲା ବୋଲି ବୁଦ୍ଧିଜିବୀ ଓ ପରିବେଶବିତ ମହଲରେ ଚର୍ଚ୍ଚା ହେଉଛି ।

## ଦକ୍ଷିଣ-ପୂର୍ବ ରେଳ ମହାପ୍ରବନ୍ଧକଙ୍କ ସହ ବାଲେଶ୍ୱର ସାଂସଦଙ୍କ ସାକ୍ଷାତ ଆଲୋଚନା



ବାଲେଶ୍ୱର,୨୧/୦୯ (ନି.ପ୍ର): ବାଲେଶ୍ୱର ଗସ୍ତ ଅବସରରେ ଦକ୍ଷିଣ-ପୂର୍ବ ରେଳ ବିଭାଗ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀଙ୍କ ସହ ଜିଲାର ରେଳ ସେବା ସମ୍ପର୍କରେ ଆଲୋଚନା କରିଛନ୍ତି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ବାଲେଶ୍ୱର ରେଳ ଷ୍ଟେସନ ପରିସରରେ ଏହି ଆଲୋଚନା ହୋଇଥିଲା। ବିଶେଷ କରି ବାଲେଶ୍ୱର, ଜଳେଶ୍ୱର, ସୋର ଓ ମାର୍କୋଣାରେ ନୂତନ ଷ୍ଟେସନ ଗୃହ ନିର୍ମାଣ, ତୃତୀୟ ଲାଇନ କାର୍ଯ୍ୟର ଅଗ୍ରଗତି, ବସ୍ତାରେ ଦୁଇଟି ଓ ଅମର୍ଦ୍ଦା ରୋଡ଼ଠାରେ ଗୋଟିଏ ରେଳ ଓଭରବ୍ରିଜର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ, ବାଙ୍ଗିରିପୋଷି-ରୂପସା ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ, ବାଙ୍ଗିରିପୋଷି - ଭୁବନେଶ୍ୱର ଟ୍ରେନରେ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ କୋଚ ସଂଖ୍ୟା ବୃଦ୍ଧି, ମାର୍କୋଣାରୁ ଜଳେଶ୍ୱର ପର୍ଯ୍ୟନ୍ତ ଷ୍ଟେସନଗୁଡ଼ିକରେ ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି, ଜଳେଶ୍ୱର ଓ ବସ୍ତାରେ ଉତ୍କଳ ଏକ୍ସପ୍ରେସର ରହଣି ସମେତ ଜିଲାର ସମସ୍ତ ରେଳ ସଂଲଗ୍ନ ରାସ୍ତାର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା।ଏହା ସହିତ ରେଳବାଇର ଅବ୍ୟବହୃତ ଜମିରେ ପଞ୍ଚାୟତ ବିଭିନ୍ନ ପଞ୍ଚାୟତ ମାଧ୍ୟମରେ ନଡ଼ିଆ ଚାଷ କରିବା ପାଇଁ ସାଂସଦ ଶ୍ରୀ ଷଡ଼ଙ୍ଗୀ ପ୍ରସ୍ତାବ ଦେଇଥିଲେ। ଏହା ଦ୍ୱାରା ଉଭୟ ରେଳବାଇ ଓ ସ୍ଥାନୀୟ ଚାଷୀ ଉପକୃତ ହେବା ସହିତ ଆଗାମୀ ଦିନରେ ନଡ଼ିଆକତା ବୋର୍ଡ଼କୁ ଆବଶ୍ୟକ କଞ୍ଚାମାଲ ମିଳିପାରିବ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଏହି ଆଲୋଚନା ସମୟରେ ଦକ୍ଷିଣ-ପୂର୍ବ ରେଳ ବିଭାଗର ଉପ-ମହାପ୍ରବନ୍ଧକ ମନୋରଞ୍ଜନ ପ୍ରଧାନଙ୍କ ସମେତ ବହୁ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ।

## ସରକାରୀ ଯୋଜନାରୁ ବଂଚିତ ହିତାଧିକାରୀ

ନୀଳଗିରି,୨୧/୦୯ (ନି.ପ୍ର): ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ ହେଉଛନ୍ତି ହିତାଧିକାରୀ । ଆଜି କିଛି ଭତ୍ତା ପାଇବା ପାଇଁ ଯୋଗ୍ୟ ହିତାଧିକାରୀ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଦରଖାସ୍ତ ଦେଇଥିବା ଜଣାପଡ଼ିଛି । ସୂଚନା ଯୋଗ୍ୟ ଔପଦା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଜୁରିଆପାଟଣା, ଦ୍ୱାରିକା, ଶ୍ୟାମସୁନ୍ଦରପୁର, କୋଳିଗଡ଼ି, ସନ୍ତରାଗଡ଼ିଆ ଗ୍ରାମର ୩୦ଜଣଯୋଗ୍ୟ ହିତାଧିକାରୀ ଙ୍କୁ ଭତ୍ତା ପାଇଁ ଅନୁମୋଦନ କରିଥିଲେ । ହେଲେ ସେଥିରୁ କିଛି ହିତାଧିକାରୀ ବାଦ ପଡ଼ିବା ବେଳେ ଅଞ୍ଚଳର ଅସନ୍ତୋଷ ବୃଦ୍ଧି ପାଇଥିଲା । ଦ୍ୱାରିକା ଗ୍ରାମର ମୁଷୁ ମୁର୍ମୁ, କଟି ସୋରେନ, ଶଙ୍କରା ମୁର୍ମୁ, ଗୁରା ସିଂ, ଯମୁନା ମଲିକ, କୁଟିଲି ସୋରେନ, ଶ୍ୟାମସୁନ୍ଦରପୁର ଗ୍ରାମର ଲକ୍ଷ୍ମୀ ମଲିକ, ଜୁରିଆପାଟଣା ଗ୍ରାମର ଅଭିରାମ ମଲିକ, ଗୌରୀ ଦଲେଇ, ନରୋତ୍ତମ ମଲିକ, ସନ୍ତରାଗଡ଼ିଆ ଗ୍ରାମର ଭାଗିରଥି ପଣ୍ଡାଙ୍କ ନାମ ହିତାଧିକାରୀଙ୍କ ତାଲିକାରେ ରହିଥିଲା । ବିଧବା , ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଏମାନେ ଯୋଗ୍ୟ ହୋଇଥିଲେ ମଧ କେଉଁ କାରଣରୁ ଏମାନଙ୍କୁ ବାଦ ଦିଆଗଲା ସେମାନେ ଅଭିଯୋଗ କରିଛନ୍ତି । ଆଜି ସମସ୍ତ ଯୋଗ୍ୟ ହିତାଧିକାରୀ ଔପଦା ବ୍ଲକ ଯୁବ ବିଜେଡି ସଭାପତି ବିଜୟ ପ୍ରଧାନ, ନୀଳଗିରି ବ୍ଲକ ଯୁବ ବିଜେଡି ସଭାପତି ଧୀରେନ୍ଦ୍ର ଲେଙ୍କା, ବିସ୍ମୟ ମଲିକ, ବିମଳ ଦଳେଇ ଓ ଅନ୍ୟମାନଙ୍କ ସହଯୋଗରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ଭେଟି ସମସ୍ତ ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ଘଟଣାକୁ ଗୁରୁତ୍ୱର ସହ ନେଇ ଖୁବ୍ ଶୀଘ୍ର ପ୍ରତିକାର କରିବାର ପ୍ରତିଶୃତି ଦେଇଛନ୍ତି ।

## କାର୍ଯ୍ୟରେ ଯୋଗ ଦେଲେ ଜଳେଶ୍ୱରର ନୂଆ ତହସିଲଦାର

ଜଳେଶ୍ୱର, ୨୧/୯(ନି.ପ୍ର): ଆଜି ଜଳେଶ୍ୱରର ନୂଆ ତହସିଲଦାର ଭାବେ ସ୍ମୃତିରଂଜନ ମଲ୍ଲିକ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଗତ କିଛିଦିନ ପୂର୍ବେ ରାଜ୍ୟ ସରକାରଙ୍କ ପକ୍ଷରୁ ବଦଳି ଆଦେଶରେ ବେତନଟୀର ବିଡିଓ ଶ୍ରୀ ମଲ୍ଲିକଙ୍କୁ ଜଳେଶ୍ୱର ତହସିଲଦାରଭାବେ ବଦଳି କରାଯାଇଥିବାରୁ ଆଦେଶ ପ୍ରକାଶ ପାଇଥିଲା । ପୂର୍ବରୁ ଅବସ୍ଥାପିତ ତହସିଲଦାର ଶଂକର ପଟ୍ଟନାୟକ ଭୋଗରାଇର ବିଡିଓଭାବେ ବଦଳି ହୋଇଛନ୍ତି । ଶଂକର ପଟ୍ଟନାୟକଙ୍କ ବଦଳି ନେଇ କେତେକ କଳ୍ପନା ଜଳ୍ପନା ପ୍ରକାଶ ପାଇଥିବା ବେଳେ ତାଙ୍କ ପ୍ରଚେଷ୍ଟାରେ ବାଲି ମାଫିଆମାନେ ଭୟଭୀତ ହୋଇଥିବା ବେଳେ ଆଗାମୀ ଦିନରେ ବାଲିମାଫିଆଙ୍କ କାର୍ଯ୍ୟକଳାପ ସଂପର୍କରେ ଦେଖିବାକୁ ବାକି ରହିଲା ।

## ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ରୁଦ୍ର ଗୋପାଳପୁରବାସୀଙ୍କ ଗୁହାରୀ

ବାଲେଶ୍ୱର,୨୧/୦୯ (ନି.ପ୍ର): ବୁଢ଼ାବଳଙ୍ଗ ନଦୀରେ ପ୍ରତିବର୍ଷ ଆସୁଥିବା ବନ୍ୟାରେ ରେମୁଣା ବ୍ଲକ ରୁଦ୍ରଗୋପାଳପୁର ଗାଁ'ର ହେଉଥିବା କ୍ଷୟକ୍ଷତିର ସ୍ଥାୟୀ ପ୍ରତିକାର ପାଇଁ ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ଆପତ୍ତି ଅନୁସାରେ ରୁଦ୍ରଗୋପାଳପୁର ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ଟିକିଏ ବନ୍ୟାରେ ବି ଜଳ ଗାଁ' ମଧ୍ୟକୁ ପ୍ରବେଶ କରିଥାଏ। ତେବେ ଅତୀତରେ ନଦୀରେ ବନ୍ୟା ଜଳସ୍ତର ସାମାନ୍ୟ ହ୍ରାସ ହେବା ମାତ୍ରେ ଗାଁ' ବି ଶୁଖିଲା ପଡୁଥିଲା। ଗାଁ'କୁ ପ୍ରବେଶ କରିଥିବା ବନ୍ୟାଜଳ ରାଜପଥ ପାର୍ଶ୍ୱ ନୟନଯୋରୀରେ ପଡ଼ି ପୁଣି ନଦୀକୁ ଚାଲି ଯାଉଥିଲା। ମାତ୍ର ଏବେ ସେଭଳି ସ୍ଥିତି ନାହିଁ। ରାଜପଥ ପାର୍ଶ୍ୱରେ ସ୍ଥାନେ ସ୍ଥାନେ ନୟନଯୋରୀ ପୋତାଯାଇ ଜବରଦଖଲ ହୋଇଥିବା ବେଳେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଏମିତିକି ଗତ ଲଘୁଚାପ ଜନିତ ବର୍ଷାରେ ଗାଁ'ରେ ପ୍ରବେଶ କରିଥିବା ବୁଢ଼ାବଳଙ୍ଗ ନଦୀର ବନ୍ୟାଜଳ ଅଦ୍ୟାବଧି ନିଷ୍କାସନ ହୋଇପାରି ନଥିବା ଗ୍ରାମବାସୀମାନେ କହିଛନ୍ତି। ଅତଏବ ସ୍ୱତନ୍ତ୍ର ଟିମ ଦ୍ୱାରା କ୍ଷେତ୍ର ତଦନ୍ତ ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମାବାସୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏନେଇ ସେମାନେ ଏକ ନିବେଦନ ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ନିବେଦନ ପତ୍ର ପ୍ରଦାନ ବେଳେ ରମେଶ ଚନ୍ଦ୍ର ବେହେରା, ଶ୍ରୀକୃଷ୍ଣ ଭୋଇ, ଅନିରୁଦ୍ଧ ଜେନା, ମନୋରଞ୍ଜନ ବେହେରା, ସୁଶାନ୍ତ ଗିରି ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## କେନାଲରେ ପଡ଼ି ମଦ ଚାଲାଣକାରୀ ଯୁବକ ମୃତ୍ୟୁ ଘଟଣା : ଗ୍ରାମବାସୀଙ୍କ ରାସ୍ତାରୋକ

ବାଲେଶ୍ୱର,୨୧/୦୯ (ନି.ପ୍ର): ଚୋରା ଦେଶୀ ମଦ ଚାଲାଣ ବେଳେ ଅବକାରୀ ଟିମ ପଞ୍ଝାରୁ ବର୍ତ୍ତିବା ପାଇଁ କେନାଲକୁ ଡେଇଁଥିବା ପୁରୁଣାବାଲେଶ୍ୱର ଅଞ୍ଚଳର ବ୍ରଜମୋହନ ମାଝୀଙ୍କ ପୁଅ ସପନ କୁମାର ମାଝୀ(୨୦)ଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ମଙ୍ଗଳବାର ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । କଣ୍ଟିଆଚିରା ନଦୀ ମୁହାଣରୁ ଉଦ୍ଧାର ସପନର ମୃତଦେହକୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ପୁରୁଣାବାଲେଶ୍ୱର ଅଞ୍ଚଳର ଶତାଧିକ ମହିଳା ପୁରୁଷ ରାସ୍ତା ରୋକ କରିଥିଲେ। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ଚଢ଼ଉ କରିଥିବା ଅବକାରୀ ଟିମର ଅଧିକାରୀଙ୍କୁ ନିଲମ୍ବନ, ମୃତ ସପନର ପରିବାରରୁ ଜଣକୁ ଚାକିରି ପ୍ରଦାନ ସହ ପୁରୁଣାବାଲେଶ୍ୱର ଅଞ୍ଚଳରେ ଥିବା ଏକାଧିକ ପୁଲିସ ବିଟ ହାଉସକୁ ଉଠାଇ ନେବାକୁ ଉତ୍ତେଜିତ ଲୋକେ ଦାବି କରିଥିଲେ। ଅପରାହ୍ନ ପ୍ରାୟ ୩ଟାରୁ ଲୋକ ଜିଲାପାଳଙ୍କ ଫାଟକ ସମ୍ମୁଖ ରାସ୍ତାରେ ନିଆଁଜାଳି ହାହୋଳା କରିଥିଲେ। ଖବର ପାଇ ସିଟି ଡିଏସପି ଅନୀଲ ଧର, ଟାଉନଥାନା ଅଧିକାରୀ ସାଲଖାନ ମୁର୍ମୁ, ସହଦେବଖୁଣ୍ଟା ଥାନା ଭାରପ୍ରାପ୍ତ ଅଧିକାରୀ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ପୁଲିସ ଅଧିକାରୀଙ୍କ ସମେତ ସଦର ତହସିଲଦାର ଅନାମିକା ସିଂ ରାସ୍ତାରୋକ ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରେଡ଼କ୍ରସ ସୋସାଇଟିରୁ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୧୦ ହଜାର ଟଙ୍କା ପ୍ରଦାନ ସହ ଆଗାମୀ ଦିନରେ ଅନ୍ୟାନ୍ୟ ଦାବି ସମ୍ପର୍କରେ ଆଲୋଚନା ନେଇ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଧାରଣା ଓ ରାସ୍ତାରୋକରୁ ନିବୃତ ହୋଇଥିଲେ। ସୋମବାର ପୁରୁଣାବାଲେଶ୍ୱରରୁ ଚୋରା ମଦ ନେଇ ୪ ଜଣ ଯୁବକ ଜଣ ସୋର ଅଞ୍ଚଳକୁ ଯାଉଥିବା ବେଳେ ଅବକାରୀ ବିଭାଗର ଦଳ ସେମାନଙ୍କୁ ନିମିକି ସଡ଼କର ଶ୍ରୀଜଙ୍ଗଠାରେ ଧରିବାକୁ ଉଦ୍ୟମ କରିଥିଲେ। ତେବେ ପୁରୁଣାବାଲେଶ୍ୱର ଗଙ୍ଗାରାମପାଟଣାର ତପନ ମହାନ୍ତି(୩୧) ଓ ଚୁନପଠାର କରୁଣାକର ବାରିକ(୨୯) ଏବଂ ବଡ଼ଖୁଆର ସୁଶାନ୍ତ ଜେନା(୧୯)ଙ୍କୁ ଅବକାରୀ ଦଳ ଗିରଫ କରି ପାରିଥିବା ବେଳେ ଅନ୍ୟତମ ମଦ ଚୋରା ଚାଲାଣକାରୀ ସପନ କୁମାର ମାଝୀ ମୋଟର ସାଇକେଲ ଛାଡ଼ି କେନାଲକୁ ଡେଇଁ ଖସିଯିବାକୁ ଚେଷ୍ଟା କରିଥିଲେ। ମାତ୍ର କ୍ଷୀପ୍ର ସ୍ରୋତ ଥିବା କେନାଲରେ ପଡ଼ି ନଦୀ ଭିତରକୁ ଚାଲିଯାଇ ନିଖୋଜ ହୋଇ ଯାଇଥିଲା। ଅବକାରୀ ବିଭାଗ ଅଧିକାରୀଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ଦୀର୍ଘ ସମୟ ଖୋଜାଖୋଜି କରିଥିଲେ ବି ସପନର କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ସପନର ମୃତଦେହ କଣ୍ଟିଆଚିରା ନଦୀର ଜାମୁକା ମୁହାଣ କଳାମାଟିଆ ପାହି ବନ୍ଧି ଜଙ୍ଗଲରେ ଠାବ କରାଯାଇଥିଲା। ମୃତଦେହ ଉଦ୍ଧାର ପରଠାରୁ ପୁରୁଣାବାଲେଶ୍ୱର ଅଞ୍ଚଳ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ସହ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଥିବା ଲକ୍ଷ୍ୟ କରାଯାଇଥିଲା।

## ଗାନ୍ଧିଛକରେ ସଟର ଭାଙ୍ଗି ଦୋକାନରୁ ଚୋରି



ବସ୍ତା,୨୧/୦୯ (ନି.ପ୍ର): ବାଲେଶ୍ୱର ବସ୍ତା ଥାନା ଗାନ୍ଧିଛକ ନିକଟ କୁଡିଆ ବାଇପାସ୍ ନିକଟ ଦିଲ୍ଲୀପ ପଣ୍ଡାଙ୍କ ଇଲେକ୍ଟ୍ରୀ ଦୋକାନରୁ ଗତକାଲି ବିଳମ୍ବିତ ରାତିରେ ଚୋରି ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି। ଏହାକୁ ମିଶାଇ କୁଡିଆ ବାଇପାସ୍ ଠାରୁ ଗାନ୍ଧିଛକ ମଧ୍ୟରେ ବ୍ୟାଟେରୀ, ଜଳଖିଆ ଦୋକାନ ସମେତ ୪ଥର ଚୋରି ସାଙ୍ଗକୁ ବାଇକ୍ ଏବଂ ସାଇକେଲ ଦୈନ୍ୟ ଦିନ ଚୋରି ହେଉଛି। ବ୍ୟାଟେରୀ ଚୋରି ର ଗ୍ୟାଙ୍ଗ କୁ ପୂର୍ବରୁ ପୋଲିସ ଧରିଥିବା ବେଳେ ପୁଣି ଗତକାଲି ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ପୋଲିସ କୁ ଚେଲେଞ୍ଜ ଦେଇଛି। ଏହି ଛକ ଠାରୁ ବସ୍ତା ଥାନା ମାତ୍ର ପଚାଶ ମିଟର ହୋଇଥିବା ବେଳେ ରାତ୍ରୀକାଳୀନ ଜଗୁଆଳି ପାଇଁ ତିନିଜଣ ହୋମ ଗାର୍ଡ ଏଠାରେ ଡିଉଟି କରୁଛନ୍ତି। ମାତ୍ର ଏହା ପରେ ବି ବାରମ୍ବାର ଚୋରି ଘଟଣା ଗାନ୍ଧିଛକ ଦୋକାନୀମାନଙ୍କ ମଧ୍ୟରେ ଏକଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଅଭିଯୋଗ ପାଇ ପୋଲିସ ମଧ ତାର ତଦନ୍ତ ପ୍ରକ୍ରିୟାକୁ ଆରମ୍ଭ କରିଛି। ବସ୍ତା ଏସଡିପିଅ ଜଳନ୍ଧର ଜାଲି ସହ ବସ୍ତା ଥାନା ଅଧିକାରୀ ସୁବ୍ରତ କୁମାର ବେହେରା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ସହିତ ସନ୍ଧାନୀ କୁକୁର ଡକାଇ ଏହି ରାକେଟ କୁ ଧରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ତୁରନ୍ତ ଏଥିରେ ସଂପୃକ୍ତ ସମସ୍ତ ଅଭିଯୁକ୍ତ ଙ୍କୁ ଧରାଯିବ ବୋଲି ବସ୍ତା ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

## ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ

ବାରିପଦା,୨୧/୦୯ (ନି.ପ୍ର): ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ ପରିଚାଳନା ବିଭାଗ ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି ତା.୨୦.୦୯.୨୦୨୧ ରିଖରେ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଆସି ନିକଟରେ ଜିଲ୍ଲାରେ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷ ଜନୀତ ବନ୍ୟା କ୍ଷୟକ୍ଷତି ସଂପର୍କିତ କ୍ଷେତ୍ର ଅନୁଧ୍ୟାନ କରିବା ସହିତ ଆଲୋଚନା ମୂଳକ ସମୀକ୍ଷା କରିଥିଲେ। ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ହେଲିକପ୍ଟର ଯୋଗେ ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମର ପ୍ରଥମେ ଜିଲ୍ଲାର ଖୁଂଟା ବ୍ଲକ ଅନ୍ତର୍ଗତ ଅଂଚଳ ଡେଙ୍ଗଗାମ ଅଂଚଳ ଓ କରକଟିଆ ଗ୍ରାମ ପଂଚାୟତ ଅଂଚଳର ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ପରିବାର



ମାନଙ୍କ ଗୃହକୁ ଯାଇ ସାକ୍ଷାତ ଅଲୋଚନା କରି ଚନ୍ଦନ ଦେହୁରୀଙ୍କୁ ଘରଭଙ୍ଗା ସହାୟତା ରାଶି ଓ ରାଇଡିହି ଗ୍ରାମର ବନ୍ୟାରେ ଭାସିଯାଇ ମୃତ୍ୟୁ ବରଣ କରିଥିବା ସାବିତ୍ରୀ ବିଶ୍ୱାଳ ପରିବାରକୁ ୪ ଲକ୍ଷ ଅନୁକମ୍ପା ରାଶି। ତତ୍‌ପରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ହେଲିକପ୍ଟର ଯୋଗେ ବାରିପଦା ଗସ୍ତରେ ଆସି ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବୈଠକରେ ଅଧକ୍ଷତା କରି ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଫଳରେ ଜିଲ୍ଲାରେ ବନ୍ୟା କ୍ଷୟକ୍ଷତି, ଓ ଥଇଥାନ ଆଦି ସଂପର୍କିତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା ମୂଳକ ସମୀକ୍ଷା କରିଥିଲେ। ବୈଠକ ପ୍ରାରମ୍ଭରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଫଳରେ ବନ୍ୟା ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବିଶେଷ କରି ବନ୍ୟା ପ୍ରଭାବିତ ଅଂଚଳରୁ ଜିଲ୍ଲାରେ ୫ ହଜାରରୁ ଉର୍ଦ୍ଧ ଲୋକମାନଙ୍କୁ ବହୁମୁଖୀ ନିରାପଦ ସ୍ଥାନକୁ ସ୍ଥାନନ୍ତରିତ କରାଯାଇ ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବା ଏବଂ ଜିଲ୍ଲାରେ ପ୍ରବଳ ବର୍ଷା ଓ ବନ୍ୟା ଜନିତ କ୍ଷୟକ୍ଷତିର ପ୍ରାଥମିକ ଆକଳନ ବିବରଣୀ ଅନୁସାରେ ବାରିପଦା, ଉଦଳା, କରଞ୍ଜିଆ, ଉପଖଣ୍ଡର ବିଭିନ୍ନ ବ୍ଲକ ଅଂଚଳର ୩୧୬୨ଟି ଗ୍ରାମ ପ୍ରଭାବିତ ହୋଇଥିବା ସୂଚାଇଥିଲେ। ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି, ବିଶେଷ କରି ରାଜସ୍ୱ, ଜଳସେଚନ, କୃଷି, ପୂର୍ତ୍ତ, ଗୃହ ଓ ରାସ୍ତା, ପାନୀୟ ଜଳ ଯୋଗାଣ ଓ ପରିମଳ ଆଦି ବିଭିନ୍ନ ବିଭାଗର କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା ମୂଳକ ସମିକ୍ଷା କରି କହିଲେ ଯେ, ବର୍ତମାନ ସ୍ଥିତିରେ ବନ୍ୟା ପ୍ରଭାବିତ ଅଂଚଳରେ ପାନୀୟ ଜଳ ଯୋଗାଣ ଓ ସ୍ୱାସ୍ଥ୍ୟ ସେବା ପ୍ରତି ଧ୍ୟାନ ଦେଇ ଆବଶ୍ୟକୀୟ ଜରୁରୀ ଜୀବନ ରକ୍ଷାକାରୀ ଔଷଧ ଯୋଗାଇଦେବା ଗୁରୁତ୍ୱାରୋପ କରିବା ସହିତ ଗମନାଗମନରେ ରାସ୍ତା ଓ ପୋଲ ସଂଯୋଗି କରଣକରି ଲୋକମାନଙ୍କର ଯାତାୟତକୁ ସ୍ୱାଭାବିକ କରିବାକୁ ପରାମର୍ଶ ଦେଇଥିଲେ।

## ସାତ ବର୍ଷ ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଘର ମାଲିକ ଗିରଫ

ବାଲିଆପାଳ,୨୧/୦୯ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଖଗଡାପାଳ ଗ୍ରାମର ଜୈନିକ ୭ ବର୍ଷ ନାବାଳିକାକୁ ଅସଦାଚରଣ କରିବା ଅଭିଯୋଗରେ ଘର ମାଲିକ ଗିରଫ ହେବା ଘଟଣା ବାଲିଆପାଳ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ମିଳିଥିବା ସୂଚନା ମୁତାବକ ଖଗଡାପାଳ ଗ୍ରାମର ଭାସ୍କର ଚନ୍ଦ୍ର ସାହୁ(୫୦)ଙ୍କ ଘରେ ଜୈନିକ ଗାଡି ଚାଳକ ତାଙ୍କର ପତ୍ନୀ ଏବଂ ୭ ବର୍ଷର ଝିଅ ସହ ଭଡା ରହୁଥିଲେ । ଘରେ କେହି ନଥିବା ସୁଯୋଗ ନେଇ ଘର ମାଲିକ ନାବାଳିକା ଝିଅକୁ ଅସଦାଚରଣ ଉଦ୍ୟମ କରିଥିଲେ। ଏ ସଂପର୍କରେ ନାବାଳିକାର ମା ଜାଣିବା ପରେ ସ୍ଥାନୀୟ ଭଦ୍ର ବ୍ୟକ୍ତିଙ୍କୁ ଜଣାଇବା ସହ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାରେ ୧୬୪/୨୦ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଭାସ୍କରଙ୍କୁ ଗିରଫ କରିଛି । ଆସନ୍ତା କାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି । ତେବେ ଭାସ୍କର ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ଉଦେଶ୍ୟମୂଳକ ଭାବେ ଫସାଇ ଦିଆଯାଇଥିବା କହିଛନ୍ତି ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo